# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

◆VOLUME- 41 ◆ISSUE-145 ◆BHUBANESWAR ◆MONDAY ◆20 NOVEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୪୫ ◆ଭୁବନେଶ୍ୱର ◆ସୋମବାର ◆୨୦ ନଭେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦




ଆସିବ
'ରାଜନୀତି-୨'

▶ପୃଷ୍ଠା 9 ଦେଖନ୍ତୁ...




# ବିଶ୍ୱର ସବୁଠୁ କଷ୍ଟିଆ ନୃତ୍ୟ



ପ୍ରତ୍ୟେକ ସ୍ଥାନର ସଂସ୍କୃତି, ପରମ୍ପରା, ନୃତ୍ୟ, ସଙ୍ଗୀତ ଭିନ୍ନ ଭିନ୍ନ ହୋଇଥାଏ। ଯଦିଓ ସ୍ଥାନ ଅନୁସାରେ ନୃତ୍ୟ ରହିଥାଏ, କିନ୍ତୁ ନିକଟରେ ଆଫ୍ରିକାର ପାରମ୍ପରିକ ଲୋକନୃତ୍ୟ ଜାଉଲି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ଜଣେ ଜାଉଲି ନୃତ୍ୟ ଶିଳ୍ପୀଙ୍କ ଭିଡିଓ ବେଶ୍ ଭାଇରାଲ ହୋଇଥିବାବେଳେ ଏହାର ନୃତ୍ୟଶିଳ୍ପୀଙ୍କୁ ମେସିନ୍ ଭାବି ଅନେକ ଭ୍ରମରେ ପଡ଼ନ୍ତି। ଜାଉଲି ନୃତ୍ୟକୁ ବିଶ୍ୱର ସବୁଠୁ କଷ୍ଟକର ନୃତ୍ୟ ବୋଲି କୁହାଯାଇଥାଏ। ଏହି ନୃତ୍ୟର ସ୍ୱତନ୍ତ୍ରତା ଏହା ଯେ, ଜଣେ ବ୍ୟକ୍ତି ଦୀର୍ଘ ସମୟଧରି ଏହି ନୃତ୍ୟକୁ ଦେଖିବା ମାତ୍ରେ ତାଙ୍କ ମୁଣ୍ଡବୁଲାଇବା ଥୟ। କାରଣ ଏହି ନୃତ୍ୟ କରୁଥିବା ବ୍ୟକ୍ତି ବିଦ୍ୟୁତ୍ ବେଗରେ ନାଚିଥାନ୍ତି। ଏନେଇ ସାମାଜିକ ଗଣମାଧ୍ୟମରେ ଜଣେ ନୃତ୍ୟଶିଳ୍ପୀଙ୍କ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଜଣେ ବ୍ୟକ୍ତି ଏକ ମୁଖା ପିନ୍ଧିବା ସହ ଆପାଦମସ୍ତକ ରଙ୍ଗିନ ପୋଷାକ ପିନ୍ଧି ନାଚୁଥିବାର ନଜର ରହିଛି। ସେହିଭଳି ମୁଣ୍ଡରେ ଏକ ଆକର୍ଷଣୀୟ ମୁକୁଟ ପିନ୍ଧି ଏହି ନୃତ୍ୟଶିଳ୍ପୀ ଜଣକ ବିଜୁଳି ଗତିରେ ନିଜର ପାଦକୁ ବୁଲାଉଥିବା ଦୃଶ୍ୟ ରହିଛି। ତେବେ ଏହି ନୃତ୍ୟଶିଳ୍ପୀ ଜଣକ ଏତେ ଦ୍ରୁତଗତିରେ ନାଚୁଛନ୍ତି, ସାମନା ଲୋକ ନୃତ୍ୟର ତାଳକୁ ବୁଝିବା କଠିନ ହୋଇପଡ଼େ। ଏଥିପାଇଁ ଏହି ନୃତ୍ୟକୁ ଆଫ୍ରିକାର ସବୁଠୁ କଷ୍ଟିଆ ନୃତ୍ୟ ବୋଲି କୁହାଯାଇଥାଏ। ପଶ୍ଚିମ ଆଫ୍ରିକାର କୋଟେ ଡି ଆଇବରର ଗୁରୋ ସମ୍ପ୍ରଦାୟ ଦ୍ୱାରା ଏହି ନୃତ୍ୟ ପ୍ରଦର୍ଶନ କରାଯାଇଥାଏ। ଦୀର୍ଘ ବର୍ଷ ଧରି ନୃତ୍ୟ ଅଭ୍ୟାସ କରିଥିବା ବ୍ୟକ୍ତି ଏହି ନୃତ୍ୟ ପରିବେଷଣ କରିପାରନ୍ତି। ଏହି ନୃତ୍ୟଶୈଳୀରେ ନୃତ୍ୟଶିଳ୍ପୀଙ୍କୁ ବାଦ୍ୟ ଅନୁସାରେ ପାଦକୁ ହଲାଇବାକୁ ପଡ଼େ। ଏପରିକି ଗୀତ ସାଙ୍ଗେ ତାଳମେଳ ରଖି ପାଦ ଚଳାଉଥିବା ବ୍ୟକ୍ତି ନିଜର ଶରୀରର ସନ୍ତୁଳନ ରଖିବା ଏକ କଳା ସଦୃଶ। ଏହି ନୃତ୍ୟ ସହିତ ଜଡିତ କଳାକାର ସାତୋଟି ଭିନ୍ନ ଭିନ୍ନ ପ୍ରକାରର ମୁଖା ପିନ୍ଧିଥାନ୍ତି।



# ଆସିବ 'ରାଜନୀତି-୨'

## ବଦଳିବ ଫିଲ୍ମର ଟାଇଟଲ୍



ଫିଲ୍ମର କାହାଣୀକୁ ଆଗକୁ ବଢ଼ାଇବାକୁ ଯାଇ ଏବେ ନିର୍ଦ୍ଦେଶକମାନେ ସିକ୍ୱେଲ ନିର୍ମାଣ କରି ବେଶ୍ ଫାଇଦାରେ ରହୁଥିବା ଦେଖାଯାଉଛି। ୨୦୧୦ରେ ପ୍ରକାଶ ଝା'ଙ୍କ ନିର୍ଦ୍ଦେଶିତ ବ୍ଲକ୍‌ବଷ୍ଟର୍ ଫିଲ୍ମ 'ରାଜନୀତି'ର ଏବେ ସିକ୍ୱେଲ ଆସିବ। ଇତିମଧ୍ୟରେ ଫିଲ୍ମର ନାମ 'ରାଜଧର୍ମ' ରଖାଯାଇଥିବା ସାମ୍ନାକୁ ଆସିଛି। ତେବେ ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରକାଶ 'ରାଜନୀତି-୨'କୁ ନେଇ ଆଲୋଚନା କରିଛନ୍ତି। ପ୍ରକାଶ କହିଛନ୍ତି ଯେ, 'ରାଜନୀତି' ଫିଲ୍ମ ଯେତେବେଳେ ନିର୍ମାଣ କରାଯାଇଥିଲା, ସେତେବେଳେ ବି ସେହି ସମୟର ରାଜନୈତିକ ସ୍ଥିତିରୁ କିଛି ନିଆଯାଇ ନ ଥିଲା। ଫିଲ୍ମର ସବୁଯାକ ଭୂମିକା 'ମହାଭାରତ'ରୁ ପ୍ରେରିତ ଥିଲା। ଅବଶ୍ୟ ଏବେ ଯେପରି ସମାଜ ପ୍ରତିକଥାରେ ଦୁଇ ଭାଗରେ ବିଭକ୍ତ ହୋଇଯାଉଛି ସେଥିରୁ 'ରାଜନୀତି-୨'କାହାଣୀ ପ୍ରେରିତ ହୋଇଛି। ତେବେ ଫିଲ୍ମର ଟାଇଟଲ୍ ସମ୍ପର୍କରେ ପ୍ରକାଶ କହିଛନ୍ତି ଯେ, ମୁଁ ଏହି ଦାୟିତ୍ୱ ଡିଜ୍‌ନୀ ବାଲାଙ୍କୁ ଦେଇଥିଲି। ସେମାନେ ମୋତେ କହିବାରୁ ମୁଁ 'ରାଜଧର୍ମ' ନାଁ ଦେଇଛି। ଫିଲ୍ମର ପୂରାନାମ 'ରାଜଧର୍ମ- ଦ ଅଲ୍‌ଟିମେଟ୍ ପଲିଟିକ୍ସ' ହେବ।

# ନିଶାଡ଼ିଙ୍କୁ ଧରିବ ସ୍ମାର୍ଟଫୋନ୍



ନିଶାସେବନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏକଥା ଜାଣିବା ପରେ ବି ଲୋକେ ମଦ୍ୟପାନ କରିବାକୁ ପଛାଇ ନ ଥାନ୍ତି। ସେହିପରି ଅନେକ ସମୟରେ ଲୋକେ ମଦ୍ୟପାନ କରି ମଧ୍ୟ ନିଶା ସେବନ କରି ନ ଥିବା ନେଇ ନିଜକୁ ଦର୍ଶାନ୍ତି। ଏଣିକି ମଦ୍ୟପାନ କରି ଫୋନ୍‌ରେ କଥା ହେଉଥିଲେ ସାମ୍ନାବାଲା ଲୋକ ଜାଣିପାରିବ ଯେ, ଫୋନ୍‌ରେ କଥା ହେଉଥିବା ବ୍ୟକ୍ତି ନିଶା ସେବନ କରିଛନ୍ତି। କହିବାକୁ ଗଲେ, ସ୍ମାର୍ଟଫୋନ୍ ନିଶା ସେବନ କରୁଥିବା ଲୋକଙ୍କୁ ସଚେତନ କରିବା ଦିଗରେ ସାହାଯ୍ୟ କରିବ। ଷ୍ଟେନ୍‌ଫର୍ଡ ବିଶ୍ୱବିଦ୍ୟାଳୟର ମେଡିସିନ୍ ବିଭାଗର ପ୍ରଫେସର ବ୍ରିଆନ୍ ସୁଫୋଲେଟୋ ଏବଂ ତାଙ୍କ ଟିମ୍ ଏକ ସେନସର୍ ବିକଶିତ କରିଛନ୍ତି, ଯାହାକୁ ସ୍ମାର୍ଟଫୋନ୍‌ରେ ଲଗାଇବା ଦ୍ୱାରା ଜଣେ ବ୍ୟକ୍ତି ମଦ୍ୟପାନ କରିଛନ୍ତି କି ନାହିଁ ସହଜରେ ଜଣା ପଡ଼ିଥାଏ। ସେମାନେ ବିକଶିତ କରିଥିବା ସିଷ୍ଟମ, ୯୮ ପ୍ରତିଶତ ସଫଳତାର ସହ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତେଣୁ ସେନସର୍ ଯୁକ୍ତ ଫୋନ୍‌ରେ ମଦ୍ୟପାନ କରି କଥା ହେଉଥିଲେ ସାମ୍ନାବାଲା ଲୋକ ଏକଥା ସହଜରେ ଜାଣିପାରିବ। ତେବେ ଗବେଷଣାରେ ୨୧ରୁ ଅଧିକ ବର୍ଷ ବୟସର ୧୮ ଜଣ ଲୋକଙ୍କୁ ସାମିଲ କରାଯାଇଥିଲା। ମଦ୍ୟପାନ ପୂର୍ବରୁ ଓ ପରେ ସେମାନଙ୍କ ସ୍ୱରକୁ ରେକର୍ଡ କରାଯାଇଥିଲା। ଏହାପରେ ସଫ୍ଟୱେର୍ ମାଧ୍ୟମରେ ମଦ୍ୟପାନ ପୂର୍ବରୁ ଓ ପରେ ସେମାନଙ୍କ ସ୍ୱରକୁ ପରୀକ୍ଷା କରି ଫରକ୍ ଜାଣିଥିଲେ। ତା'ସହ ସେହି ଆଧାରରେ ସେନ୍‌ସର୍ ତିଆରି କରାଯାଇଛି। ଶେଷରେ ସେହି ସେନ୍‌ସରକୁ ସ୍ମାର୍ଟଫୋନ୍‌ରେ ଖଞ୍ଜି ଥିଲେ। ଅନ୍ୟପଟେ ଏହି ସେନ୍‌ସର୍‌କୁ ପ୍ରତ୍ୟେକ ସ୍ମାର୍ଟଫୋନ୍‌ରେ ବ୍ୟବହାର କରାଯାଇ, ମଦ୍ୟପାନ ଜନିତ ଦୁର୍ଘଟଣାକୁ ରୋକିବାରେ ସାହାଯ୍ୟ ମିଳିବ। ଏହାବାଦ୍ ସେନ୍‌ସର୍ ଯୁକ୍ତ ସ୍ମାର୍ଟଫୋନ୍ ମାଧ୍ୟମରେ ପୋଲିସ୍ ମଧ୍ୟ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଲୋକଙ୍କୁ ଧରିବାରେ ସକ୍ଷମ ହେବ ବୋଲି କୁହାଯାଉଛି।

## ଆଜିର ଇତିହାସ

- ୧୮୬୭- ଆମେରିକାର ୱାଶିଙ୍ଗଟନ୍‌ରେ ହାଭାର୍ଡ ବିଶ୍ୱବିଦ୍ୟାଳୟର ସ୍ଥାପନା କରାଗଲା।
- ୧୯୪୫- ଦ୍ୱିତୀୟ ବିଶ୍ୱଯୁଦ୍ଧର ସମାପ୍ତି।
- ୧୯୮୫-ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ୧.୦ ଜାରି କରାଗଲା।
- ୨୦୧୬-ପି.ବି ସିନ୍ଧୁ ଚାଇନା ଓପନ୍ ସିରିଜ୍ ଜିତିଲେ।
- ୨୦୧୭- କଂଗ୍ରେସର ବରିଷ୍ଠ ନେତା ପ୍ରିୟରଞ୍ଜନ ଦାସ୍‌ମୁନ୍‌ସିଙ୍କ ପରଲୋକ।

## ଆଜିର ରାଶିଫଳ

**ମେଷ:** କୌଣସି କାର୍ଯ୍ୟରୁ ଲାଭ ମିଳିବ। ଦିନଟି ହସଖୁସିରେ ଅତିବାହିତ ହେବ। କୌଣସି ନୂଆ ଜିନିଷ କିଣିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ। ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପ୍ରେମ ଜୀବନ ସୁଖମୟ ହେବ। ସାଙ୍ଗ ଦ୍ୱାରା ଲାଭବାନ ହେବେ। ବ୍ୟବସାୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଦେଖାଦେବ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ନୂଆ ଚାକିରିର ସୁଯୋଗ ଜୁଟିବ। ଛାତ୍ରଛାତ୍ରୀଙ୍କୁ ବିଦେଶ ଶିକ୍ଷାର ଅବସର ଜୁଟିବ। ଗୁରୁଜନଙ୍କ ସହଯୋଗ ମିଳିବ।

**ସିଂହ:** ଦିନଟି ଭଲରେ କଟିବ। ଚାକିରିରେ ପରିବର୍ତ୍ତନ ଆସିବ। କୌଣସି ନୂଆ ଦାୟିତ୍ୱ ତୁଲାଇବେ। ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିବେ।

**କନ୍ୟା:** ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଟକି ରହିଥିବା ଧନ ଆଗମନ ହେବ। କୌଣସି ନୂଆ ଲୋକଙ୍କ ସହ ସାକ୍ଷାତ କରିବେ।

**ତୁଳା:** ପ୍ରେମିକଙ୍କୁ ନିଜ ମନ କଥା କହିବେ। ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ। ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ। ଅଟକିଥିବା କାର୍ଯ୍ୟକୁ ପୂରା କରିବେ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ। ବଡ଼ ଭାଇଙ୍କ ପରାମର୍ଶ ନେବେ। କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ। ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ। ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ। ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ। ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ପୂଜାପାଠରେ ସାମିଲ ହେବେ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ବାଦବିବାଦଠାରୁ ଦୂରେଇ ରହିବେ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ। ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଜାଗାବାଡ଼ି କିଣିବେ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ। ରାଜନୀତିରେ ସଫଳତା ମିଳିବ। ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ। ମନକୁ ଶାନ୍ତି ମିଳିବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।



# ଦୁଇଜଣଙ୍କୁ ନେଇ ଗାଁ

ରୁଷର ବାସକୋରତୋସ୍ତାନ ହେଉଛି ଏମିତି ଏକ ଅଞ୍ଚଳ, ଯେଉଁଠାରେ କେବଳ ଜଣେ ମାତ୍ର ଦମ୍ପତି ରହୁଛନ୍ତି। ଉଭୟଙ୍କ ବୟସ ଯଥାକ୍ରମେ ୮୨ ଏବଂ ୭୫ ବର୍ଷ। ତେବେ ଗାଁରେ ଅନ୍ୟ ବାସିନ୍ଦା ମରିଯାଇଥିବା ତଥା ଏହି ସୁନ୍ଦର ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଥିବା ସେମାନେ କହନ୍ତି। ଅନ୍ୟ କେହି ନ ଥିଲେ ମଧ୍ୟ ଏକମାତ୍ର ବାସିନ୍ଦା ଭାବେ ସେମାନେ ଏହି ପରିତ୍ୟକ୍ତ ଗାଁରେ ବର୍ଷ ବର୍ଷ ଧରି ଜୀବନଯାପନ କରି ଆସୁଛନ୍ତି। ଏହି ଦୁହିଁଙ୍କ ଜୀବନୀକୁ ନେଇ ଏକ ବୃତ୍ତ ଚିତ୍ର ନିର୍ମାଣ କରାଯାଇଛି। ଯାହାକୁ ଏକ ୟୁଟ୍ୟୁବ୍ ଚ୍ୟାନେଲରେ ସେୟାର୍ କରାଯାଇଛି। ସେହିପରି ଗାଁରେ ଅନ୍ୟ କେହି ନ ଥିଲେ ମଧ୍ୟ ତାଙ୍କ ସହ ଜୀବଜନ୍ତୁମାନେ ରହୁଥିବା ସେମାନେ କହିଛନ୍ତି। ଗାଈ, ବିଲେଇ, କୁକୁର, ଘୁଷୁରି, ଘୋଡ଼ା ଭଳି ଅନ୍ୟ ଜୀବଜନ୍ତୁ ସେମାନଙ୍କ ଏକଲାପଣ ଦୂର କରିବାରେ ସେମାନଙ୍କୁ ସାହାଯ୍ୟ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ବୃଦ୍ଧା ଜଣକ ପ୍ରାଣୀଙ୍କ ବିନା ରହିପାରିବେ ନାହିଁ ବୋଲି କହିଛନ୍ତି। କାରଣ ଏହି ପ୍ରାଣୀମାନେ ତାଙ୍କୁ ଜୀବନ ଜିଇଁବା ପାଇଁ ଶକ୍ତି ପ୍ରଦାନ କରିଥାନ୍ତି। ଅନ୍ୟପଟେ ଖରାଦିନେ ଏହି ସ୍ଥାନକୁ ଅନେକ ଲୋକ ଯଦିଓ ବୁଲିବାକୁ ଆସନ୍ତି, ତଥାପି ଅନ୍ୟ ଦିନଗୁଡ଼ିକରେ ସେମାନେ ଏକାକି ରହନ୍ତି। ୩୬ ବର୍ଷ ଧରି ଏହି ସ୍ଥାନରେ ଏକାଠି ରହିଆସୁଥିବା ଏହି ସ୍ୱାମୀ-ସ୍ତ୍ରୀ ବୟସର ଅପରାହ୍ଣରେ ପହଞ୍ଚିବା ସତ୍ତ୍ୱେ ମଧ୍ୟ ବେଶ୍ ସକ୍ରିୟ ଅଛନ୍ତି। ବିଭିନ୍ନ ସମୟରେ ଅନେକ ଲୋକ ସେମାନଙ୍କୁ ଗାଁ ଛାଡ଼ି ଯିବାକୁ କହିଲେ ମଧ୍ୟ ସେମାନେ କାହା କଥା ଶୁଣି ନ ଥାନ୍ତି। ଏହାବାଦ୍ ଗାଁରେ ଏକାକୀ ରହିଲେ ମଧ୍ୟ ଆଦୌ ଭୟ ଲାଗୁ ନ ଥିବା ସେମାନେ କହିଛନ୍ତି।

# କେଉଁ ଦିଗରେ ଟଙ୍ଗାଇବେ କ୍ୟାଲେଣ୍ଡର

**ବାସ୍ତୁ ଅନୁସାରେ, ଘରେ ପୁରୁଣା କ୍ୟାଲେଣ୍ଡର ରଖିବା ଅଶୁଭ ହୋଇଥାଏ। ବର୍ଷ ଆରମ୍ଭ ହେବା ମାତ୍ରେ ପୁରୁଣା କ୍ୟାଲେଣ୍ଡରକୁ ଓହ୍ଲାଇ ଦେଇ ନୂଆ କ୍ୟାଲେଣ୍ଡର ଲଗାଇବା ଉଚିତ। ସଠିକ୍ ଦିଗରେ କ୍ୟାଲେଣ୍ଡର ଟାଙ୍ଗିବା ଦ୍ୱାରା ଉନ୍ନତି ଆସେ। ତେଣୁ କ୍ୟାଲେଣ୍ଡର ଟାଙ୍ଗିବାକୁ କେଉଁ ଦିଗ ସଠିକ୍ ହେବ ଏବଂ କ୍ୟାଲେଣ୍ଡର୍‌ର ଦିଗ ଅନୁଯାୟୀ ବାସ୍ତୁର ପ୍ରଭାବ କିଭଳି ପଡ଼ିବ, ଆସନ୍ତୁ ଜାଣିବା –**

- କ୍ୟାଲେଣ୍ଡରକୁ ଘରର ଉତ୍ତର, ପଶ୍ଚିମ କିମ୍ବା ପୂର୍ବ ଦିଗରେ ଟଙ୍ଗାଇବା ଉଚିତ। କ୍ୟାଲେଣ୍ଡର୍‌ର ପୃଷ୍ଠାଗୁଡ଼ିକରେ ହିଂସ୍ର ପଶୁ କିମ୍ବା ଦୁଃଖ ଚେହେରାର ଫଟୋ ରହିବା ଉଚିତ ନୁହେଁ। କାରଣ ଏହା ନକାରାତ୍ମକ ଶକ୍ତି ସୃଷ୍ଟି କରିଥାଏ। ତେଣୁ ଏଭଳି କିଛି ଫଟୋ ଥିବା କ୍ୟାଲେଣ୍ଡର ଘର ରଖନ୍ତୁ ନାହିଁ।
- ପୂର୍ବ ଦିଗର ସ୍ୱାମୀ ହେଉଛନ୍ତି ସୂର୍ଯ୍ୟ, ଯିଏକି ନେତୃତ୍ୱ ଗୁଣର ବିକାଶ କରିଥାନ୍ତି। ତେଣୁ ପୂର୍ବ ଦିଗରେ କ୍ୟାଲେଣ୍ଡର ରଖିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ପୂର୍ବ ଦିଗ ସନ୍ତାନମାନଙ୍କ ଜୀବନ ବିକାଶର ଦ୍ୱାର ଖୋଲିଥାଏ। ଉଦିତ ସୂର୍ଯ୍ୟଙ୍କ ଚିତ୍ର କ୍ୟାଲେଣ୍ଡରରେ ଥିଲେ, ଉତ୍ତମ ବୋଲି ବିଚାର କରାଯାଏ। ଏହା ବ୍ୟତୀତ ନିଜର ଆରାଧ୍ୟ ଦେବାଦେବୀ, ଶିଶୁ କିମ୍ବା ପ୍ରେରଣାଦାୟୀ ଫଟୋ ଥିବା କ୍ୟାଲେଣ୍ଡର୍ ଏହି ଦିଗରେ ଟଙ୍ଗାଇ ପାରିବେ। ଲାଲ୍ କିମ୍ବା ଗୋଲାପି ରଙ୍ଗର କ୍ୟାଲେଣ୍ଡର ପୂର୍ବ ଦିଗ ପାଇଁ ଭଲ ହୋଇଥାଏ।
- ଉତ୍ତର ଦିଗକୁ କୁବେରଙ୍କ ଦିଗ ବୋଲି କୁହାଯାଏ। ତେଣୁ ଏହି ଦିଗରେ ସବୁଜ ପରିବେଶ, ଝରଣା, ବିବାହ ସମ୍ବନ୍ଧୀୟ ଫଟୋ ଓ ଯୁବାବସ୍ଥାର କିଛି ଫଟୋ ଥିବା କ୍ୟାଲେଣ୍ଡର ଟଙ୍ଗାଇବା ଉଚିତ। ସବୁଜ କିମ୍ବା ଧଳା ରଙ୍ଗର କ୍ୟାଲେଣ୍ଡରକୁ ଉତ୍ତର ଦିଗରେ ଟଙ୍ଗାଇବା ଦ୍ୱାରା ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ।




- ପଶ୍ଚିମ ଦିଗ ହେଉଛି ପ୍ରବାହର ଦିଗ। ତେଣୁ ଏହି ଦିଗରେ କ୍ୟାଲେଣ୍ଡର ଟଙ୍ଗାଇବା ଦ୍ୱାରା ସବୁକାର୍ଯ୍ୟ ଶୀଘ୍ର ସମ୍ପନ୍ନ ହୋଇଥାଏ। ଏହା ସହ ବ୍ୟକ୍ତିର କାର୍ଯ୍ୟକ୍ଷମତା ବଢ଼ିଥାଏ।
- ବାସ୍ତୁଶାସ୍ତ୍ର ଅନୁସାରେ ଘରର ମୁଖ୍ୟ କବାଟ କିମ୍ବା ଝରକା ସାମନାରେ କ୍ୟାଲେଣ୍ଡର ଟଙ୍ଗାଇବା ଉଚିତ ନୁହେଁ। ଯଦି ଘର ଦକ୍ଷିଣମୁଖା ଅଛି, ତେବେ ଏହି ବିଷୟ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ। କ୍ୟାଲେଣ୍ଡରକୁ ଆଦୌ ଘରର ମୁଖ୍ୟ କବାଟ ପାଖରେ ଲଗାନ୍ତୁ ନାହିଁ।
- କେବେ ବି ପୁରୁଣା କ୍ୟାଲେଣ୍ଡର ଉପରେ ନୂଆ କ୍ୟାଲେଣ୍ଡର ଲଗାନ୍ତୁ ନାହିଁ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତି ବୃଦ୍ଧି ପାଏ।

# ଖେଳନା ଘୋଡ଼ାରେ ଆସିଲା ବର



ବିବାହ ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ। ସେହିପରି ବାହାଘରରେ ବରଯାତ୍ରୀଙ୍କ ସହ ବର ଗାଡ଼ି କିମ୍ବା ଘୋଡ଼ାରେ ଆସିବାର ପରମ୍ପରା ରହିଛି। ଏହି କ୍ରମରେ ଆଜିକାଲି ବରମାନେ ଉଡ଼ାଜାହାଜରେ ଆସି କନିଆ ଘରେ ପହଞ୍ଚୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଏହି କ୍ରମରେ ଏବେ ଜଣେ ବର ନିଜ ଶବାରିରେ ନିଆରା ଟ୍ୱିଷ୍ଟ ଦେଇଛନ୍ତି। ସମ୍ପୃକ୍ତ ବର ଜଣକ ନିଜ ବାହାଘରରେ ସତ ଘୋଡ଼ା ଚଢ଼ିବା ପରିବର୍ତ୍ତେ ଖେଳଣା ଘୋଡ଼ା ଚଢ଼ିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭିଡିଓରୁ ଦେଖିବାକୁ ମିଳୁଛି,ବର ଜଣକ ନିଜ ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ରୋଷଣି କରି ଆସିଛନ୍ତି। ତେବେ ତାଙ୍କ ସବାରି ସତ ଘୋଡ଼ା ପରିବର୍ତ୍ତେ ଖେଳଣା ଘୋଡ଼ାରେ ହୋଇଛି। ଖେଳଣା ଘୋଡ଼ାରେ ବର ଜଣକ ଆରାମରେ ବସି ଆସୁଥିବାର ଦେଖିବାକୁ ମିଳିଛି। ଏହି ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ସେ ଯେଉଁ ଘୋଡ଼ାରେ ବସିଛନ୍ତି ତାହା ଖେଳଣା ଘୋଡ଼ା ନୁହେଁ, ବରଂ ଛୋଟିଆ ମୋଟର ବାଇକ୍। ଏହାକୁ ଘୋଡ଼ା ବେଶରେ ସଜାଯାଇଛି। ଫଳରେ ଏହାକୁ କେହି ମୋଟବାଇକ୍ ନୁହେଁ, ବରଂ ରିମୋଟ୍ ଚାଳିତ ଖେଳଣା ଘୋଡ଼ା ବୋଲି ଭାବିଛନ୍ତି। ସେହିପରି ବର ଜଣକ ଏହି ଖେଳଣା ଘୋଡ଼ାରେ ବସି ଆସୁଥିବା ବେଳେ ବରଯାତ୍ରୀମାନେ ମଧ୍ୟ ତାଙ୍କ ପଛରେ ନାଚ, ଗୀତ କରୁଥିବା ଦେଖାଯାଇଛି। ଲୋକମାନେ ଭିଡିଓଟିକୁ ଖୁବ୍ ପସନ୍ଦ କରିଥିବା ବେଳେ ଏଥିରେ ସେମାନେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।


ବିଶ୍ୱକପ୍‌ରେ ବିରାଟ ଶ୍ରେଷ୍ଠ
▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-145 •BHUBANESWAR •MONDAY •20 NOVEMBER 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୧୪୫ •ଭୁବନେଶ୍ୱର •ସୋମବାର •୨୦ ନଭେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


### ଭାରତର ବିଶ୍ୱକପ୍ ଆଶା ଧୂଳିସାତ୍

# ଅଷ୍ଟ୍ରେଲିଆ ଚାମ୍ପିଅନ

■ **ଅହମ୍ମଦାବାଦ୍, ୧୯।୧୧ (ଏଜେନ୍ସି):** ଅଭିଜ୍ଞ ଅଷ୍ଟ୍ରେଲିଆ ଷଷ୍ଠଥର ପାଇଁ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ୬ ୱିକେଟରେ ଭାରତକୁ ପରାସ୍ତ କରିଛି। ଫାଇନାଲ୍‌ରେ ରୋହିତ ସେନା ସବୁ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ କରି ଭରପୂର ଷ୍ଟାଡିୟମ୍‌ରେ ଉପସ୍ଥିତ ଏକ ଲକ୍ଷ ୩୦ ହଜାର ଦର୍ଶକଙ୍କ ସମେତ ଦେଶବିଦେଶର କୋଟିକୋଟି ଭାରତୀୟ କ୍ରିକେଟ୍ ପ୍ରେମୀଙ୍କୁ ନିରାଶ କରିଛନ୍ତି।

ଫାଇନାଲ ପୂର୍ବରୁ କ୍ରମାଗତ ୧୦ଟି ମ୍ୟାଚ୍ ଜିତି ଜବରଦସ୍ତ ଫର୍ମରେ ଥିବା ଭାରତ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆର ଫାଇନାଲ ଖେଳିବା ଅଭିଜ୍ଞତା ଆଗରେ ହାର୍ ମାନିଛି। ଭାରତ ଫାଇନାଲରେ ପରାଜିତ ହୋଇଥିଲେ ମଧ୍ୟ ଦଳର ଅଭିଜ୍ଞ ବ୍ୟାଟର୍ ବିରାଟ କୋହଲି ଚଳିତ ବିଶ୍ୱକପ୍‌ରେ ସର୍ବାଧିକ ୭୬୫ ଓ ଫାଷ୍ଟ ବୋଲର ମହମ୍ମଦ୍ ସାମି ସର୍ବାଧିକ ୨୪ଟି ୱିକେଟ ନେଇ ଶ୍ରେଷ୍ଠ ସଫଳତା ପାଇଛନ୍ତି। କୋହଲିଙ୍କୁ ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ଫାଇନାଲରେ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲେ। ଏହାଫଳରେ ଯେଉଁ ଦଳ ଯାହା ଚାହୁଁଥିଲା, ତାହା ପୂରଣ ହୋଇଥିଲା। କିନ୍ତୁ ପାୱାର ପ୍ଲେ'ର ୧୦ ଓଭର ମଧ୍ୟରେ ଭାରତର ଆଶା ନିରାଶାରେ ପରିଣତ ହୋଇଯାଇଥିଲା। ୮୧ ରନ୍‌ରେ ଅଧିନାୟକ ରୋହିତ ଶର୍ମାଙ୍କ ସମେତ ୩ଜଣ ନିର୍ଭରଯୋଗ୍ୟ ବ୍ୟାଟର ଆଉଟ ହେବା ପରେ ଅନ୍ୟମାନେ ଆଉ ହାତଖୋଲା ସଟ୍ ଖେଳିପାରି ନ ଥିଲେ। ଦଳ ୫୦ ଓଭରରେ ୨୪୦ ରନ୍ କରି ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଅଲଆଉଟ ହୋଇଯାଇଥିଲା।

ଜବାବରେ ଅଷ୍ଟ୍ରେଲିଆ ୭ ଓଭର ଖେଳ ଶେଷବେଳକୁ ୫୯ ରନ୍‌ରେ ୩ ୱିକେଟ ହରାଇଥିଲା, ଯାହା ଭାରତୀୟ ଶିବିରରେ ଆଶାର ଆଲୋକ ଦେଖାଇଥିଲା। କିନ୍ତୁ ଓପନର ଟ୍ରାଭିସ୍ ହେଡ୍‌ଙ୍କ ୧୩୭ ରନ୍ ଓ ମାର୍ନସ ଲାବୁସେନଙ୍କ ଅପରାଜିତ ଅର୍ଦ୍ଧଶତକ (୫୮) ଅଷ୍ଟ୍ରେଲିଆକୁ ସହଜରେ ବିଜୟୀ କରାଇଥିଲା। ବ୍ୟାଟିଂ ଲାଗି କଷ୍ଟକର ହେଉଥିବା ଏହି ପିଚ୍‌ରେ ହେଡ୍ ଓ ଲାବୁସେନ ତୃତୀୟ ୱିକେଟରୁ ୨୧୫ ବଲ୍‌ରେ ୧୯୨ ରନ୍ ଉଠାଇ ଭାରତର ବୋଲିଂକୁ ନିଷ୍ପ୍ରଭ କରିଦେଇଥିଲେ। ବିଜୟୀ ଦଳର ଶତକହାସଲକାରୀ ହେଡ୍‌ଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଦିନିକିଆ ବିଶ୍ୱକପ୍ ଇତିହାସର ୧୩ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ସର୍ବାଧିକ ୬ଷ୍ଠଥର ଟାଇଟଲ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଭାରତ ୪ଥର ଫାଇନାଲ ଖେଳି ୨ଥର ଚାମ୍ପିଅନ ଓ ୨ଥର ରନର୍ସ ଅପ୍ ହୋଇଛି। ୧୯୮୩ ଓ ୨୦୧୧ରେ ଭାରତ ଟାଇଟଲ ଜିତିଥିଲା। ୨୦୦୩ ଓ ୨୦୨୩ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ଭାରତ ୨ଥର ରନର୍ସ ଅପ୍ ହୋଇଛି।



ବିଶ୍ୱକପ୍ ବିଜୟ ପରେ ଉଲ୍ଲସିତ ଟିମ୍ କମିନ୍ସ

ଅଷ୍ଟ୍ରେଲିଆକୁ ଷଷ୍ଠ ବିଶ୍ୱକପ୍ ଟାଇଟଲ୍
ଫାଇନାଲ୍‌ରେ ଟ୍ରାଭିସ୍ ହେଡ୍ ଶ୍ରେଷ୍ଠ

### 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରାଜ୍ୟବ୍ୟାପୀ ବିତର୍କ ପ୍ରତିଯୋଗିତା

# ୩୨ଟି ସ୍ଥାନରେ ଭାଗନେଲେ ହଜାର ହଜାର ପ୍ରତିଯୋଗୀ

■ **ଭୁବନେଶ୍ୱର, ୧୯ ।୧୧(ସମିସ):** ଦୈନିକ ଓଡ଼ିଆ ଖବରକାଗଜ 'ସକାଳ'ର ୩ୟ ସ୍ୱନକ୍ଷତ୍ର ଦିବସ ଅବସରରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରାଜ୍ୟବ୍ୟାପୀ ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଛି ବିତର୍କ ପ୍ରତିଯୋଗିତା। ରାଜ୍ୟର ୩୦ଟି ଜିଲ୍ଲା ସମେତ ଭୁବନେଶ୍ୱର ଓ ରାଉରକେଲାକୁ ମିଶାଇ ସମୁଦାୟ ୩୨ଟି ସ୍ଥାନରେ ଏହି ପ୍ରତିଯୋଗିତାରେ ହଜାର ହଜାର ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। କନିଷ୍ଠ ବର୍ଗର ପ୍ରତିଯୋଗୀମାନେ 'ଆଧୁନିକତା ଓ ପାରିବାରିକ ସମ୍ପର୍କ' ଓ ବରିଷ୍ଠ ବର୍ଗର ପ୍ରତିଯୋଗୀମାନେ 'ରୂପାନ୍ତରଣରେ ଓଡ଼ିଶା' ପ୍ରସଙ୍ଗରେ ବିତର୍କରେ ଭାଗ ନେଇ ବିଭିନ୍ନ ଦୃଷ୍ଟିକୋଣରୁ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଛନ୍ତି। ପ୍ରତି ଜିଲ୍ଲାରେ ଶତାଧିକ ଛାତ୍ରଛାତ୍ରୀମାନେ ଏହି ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲାସ୍ତରରେ ବରିଷ୍ଠ ବିଚାରକ ମଣ୍ଡଳୀଙ୍କ ମାଧ୍ୟମରେ ଶ୍ରେଷ୍ଠ ୩ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି ଏବଂ ଜିଲ୍ଲାସ୍ତରରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀ 'ସକାଳ' ସ୍ୱନକ୍ଷତ୍ର ଅର୍ଥାତ୍ ୧ ଡ଼ିସେମ୍ବରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେବାକୁ ମନୋନୀତ ହୋଇଛନ୍ତି। ପ୍ରତିଯୋଗୀମାନଙ୍କର ମନୋବଳକୁ ପ୍ରୋତ୍ସାହିତ କରିବା ପାଇଁ ଅଂଶଗ୍ରହଣ କରିଥିବା ▶ପୃଷ୍ଠା-୯


ଡିସେମ୍ବର ୧ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିତର୍କ

### ନବଜାତ ଶିଶୁଙ୍କ ଜୀବନ ରକ୍ଷାରେ ଓଡ଼ିଶା ପ୍ରଥମ

# ଲକ୍ଷ୍ୟ 'ଶୂନ୍ୟ ଶିଶୁମୃତ୍ୟୁ'

■ **ଭୁବନେଶ୍ୱର, ୧୯ ।୧୧ (ସମିସ):** ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ତେଣୁ ଶୈଶବକୁ ସୁରକ୍ଷିତ କରିବା ଦିଗରେ ରାଜ୍ୟ ସରକାର ଗ୍ରହଣ କରିଛନ୍ତି ବିଭିନ୍ନ କାର୍ଯ୍ୟକ୍ରମ। ଏଥିପାଇଁ ପ୍ରତ୍ୟେକ ଜୀବନ ରକ୍ଷା ଦିଗରେ କ୍ରମାଗତ ଭାବେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ପ୍ରଶଂସା କରି ଚାଲିଛନ୍ତି। ଓଡ଼ିଶାର ପଦକ୍ଷେପକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିବାରେ ଲାଗିଛି। ଏହି କ୍ରମରେ ନ୍ୟୁ ବର୍ଣ୍ଣ ଷ୍ଟାବିଲାଇଜେସନ୍ ୟୁନିଟ୍ (ଏନ୍‌ବିଏସ୍‌ୟୁ) ଜରିଆରେ ଗୁରୁତର ନବଜାତଙ୍କ ଜୀବନ ରକ୍ଷା କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ହାସଲ କରିଛି। ସେହିପରି ଏନ୍‌ବିଏସ୍‌ୟୁ ସଂକ୍ରାନ୍ତ ତଥ୍ୟ ପ୍ରଦାନରେ ମଧ୍ୟ ଓଡ଼ିଶା ଆଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏନ୍‌ବିଏସ୍‌ୟୁ ବ୍ୟବହାର ନେଇ ଅନ୍ୟ ରାଜ୍ୟମାନଙ୍କ ପାଇଁ ଓଡ଼ିଶା ଉଦାହରଣ ସୃଷ୍ଟି କରିବା ସହ ଶୂନ୍ୟ ଶିଶୁ ମୃତ୍ୟୁ ହାର ଲକ୍ଷ୍ୟ ହାସଲ ନିମନ୍ତେ ଅନ୍ୟ ରାଜ୍ୟକୁ ଅନୁପ୍ରାଣିତ କରିଛି। ରାଜ୍ୟ ସରକାରଙ୍କ ଏହି ସଫଳତା ନିମନ୍ତେ ନୂଆଦିଲ୍ଲୀ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ସମ୍ମାନିତ ଓ ପୁରସ୍କୃତ କରାଯାଇଛି।

ବିଭିନ୍ନ କାରଣ ପାଇଁ ନବଜାତଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥାଏ। କମ ସମୟ ମଧ୍ୟରେ ସେମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ବିଶେଷକରି କମ୍ ଓଜନ, ଅପରିପକ୍ୱ କିମ୍ବା ଅନ୍ୟ କୌଣସି ଗୁରୁତର ରୋଗ ସହିତ ଜନ୍ମ ନେଇଥିବା ଶିଶୁ ପାଇଁ ଉନ୍ନତ ଚିକିତ୍ସା ଜରୁରୀ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରାଳୟ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଏନ୍‌ଏଚ୍‌ଏମ୍) ଅଧୀନରେ ସବୁ ରାଜ୍ୟରେ ଏନ୍‌ବିଏସ୍‌ୟୁ ବ୍ୟବସ୍ଥା ଆରମ୍ଭ କରିଥିଲେ। ନବଜାତଙ୍କ ଜୀବନ ରକ୍ଷା ଦିଗରେ ଏନବିଏସ୍‌ୟୁ ଅତ୍ୟନ୍ତ ଉପାଦେୟ ହୋଇଥିଲେ ସୁଦ୍ଧା ଅନେକ ରାଜ୍ୟ ଏହାର ବ୍ୟବହାର ପାଇ ପଛଘୁଞ୍ଚା ଦେଉଥିଲେ। ଆତ୍ମବିଶ୍ୱାସର ଅଭାବ, ଦକ୍ଷ ସ୍ୱାସ୍ଥ୍ୟ କର୍ମୀଙ୍କ ଅଭାବ ଯୋଗୁ ଏନ୍‌ବିଏସ୍‌ୟୁ ନିଜ ଉଦ୍ଦେଶ୍ୟ ଠାରୁ ଦୂରେଇ ଯାଇଥିଲା। ତେବେ ଶୂନ୍ୟ ମାତୃ ଓ ଶୂନ୍ୟ ଶିଶୁ ମୃତ୍ୟୁ ଲକ୍ଷ୍ୟ ନେଇ କାମ କରୁଥିବା ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲା। କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏନ୍‌ବିଏସ୍‌ୟୁ କେତେ ଉପାଦେୟ ହୋଇପାରୁଛି ସେ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଗଲା। ପ୍ରମୁଖ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ନିକଟରେ ଏନ୍‌ବିଏସ୍‌ୟୁ ସ୍ଥାପନ ହେଲା। ଶେଷରେ ରାଜ୍ୟ ସରକାରଙ୍କର କ୍ରମାଗତ ଉଦ୍ୟମ ସଫଳତା ହାସଲ କରିଛି। ମମତା ଯୋଜନାଠାରୁ ଆରମ୍ଭ କରି ଜନନୀ, ଶିଶୁ ସୁରକ୍ଷା ସହିତ ଏନ୍‌ବିଏସ୍‌ୟୁ ଭଳି ବ୍ୟବସ୍ଥା ଗୁରୁତର ଶିଶୁଙ୍କ ଜବୀନ ରକ୍ଷା କରିବାରେ ବେଶ୍ ସଫଳତା ମିଳିଛି। ୨୦୦୧ ବେଳକୁ ପ୍ରତି ୯% ନବଜାତ ମୃତ୍ୟୁବରଣ କରୁଥିଲେ। ୧ ହଜାର ଜୀବିତ ପ୍ରସବରେ ୯୩ ଜଣଙ୍କ ମୃତ୍ୟୁ ହେଉଥିଲା। ମାତ୍ର ଗତ ୧୦ ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁ ହାର ଆଶାତୀତ ଭାବେ ହ୍ରାସ ପାଇଛି। ଶିଶୁ ମୃତ୍ୟୁ ହାର ହ୍ରାସ କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ▶ପୃଷ୍ଠା-୯


ଅନ୍ୟ ରାଜ୍ୟର ପଛଘୁଞ୍ଚା, ନେତୃତ୍ୱ ନେଲା ଓଡ଼ିଶା

### ମିଳିଲା ପରିବେଶ ମଞ୍ଜୁରୀ

# ଆଗେଇବ ଶ୍ରୀଜଗନ୍ନାଥ ବିମାନବନ୍ଦର ପ୍ରକଳ୍ପ

■ **ଭୁବନେଶ୍ୱର, ୧୯ ।୧୧(ସମିସ):** ବହୁପ୍ରତୀକ୍ଷିତ ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଲାଗି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟରୁ ପରିବେଶ ମଞ୍ଜୁରୀ ମିଳିଛି। ଏହି ଅନୁମତି ଫଳରେ ବିମାନବନ୍ଦର ନିର୍ମାଣ ପାଇଁ ୨୭.୮୫ ହେକ୍ଟର ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଗତ ସେପ୍ଟମ୍ବରରେ ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପୁରୀ ବିମାନବନ୍ଦର ପ୍ରକଳ୍ପ ନିମନ୍ତେ ସାଇଟ୍ କ୍ଲିଅରାନ୍ସ ଅନୁମୋଦନ ପ୍ରଦାନ କରିଥିଲା। ଏହି ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ଆବଶ୍ୟକ ଥିବା ୧୧୬୪ ଏକର ଜମିରୁ ୬୮.୮୧ ଏକର ହେଉଛି ଜଙ୍ଗଲ ଏବଂ ୨୨୧.୮୯ ଏକର ଘରୋଇ ଜମି। ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରି ପୁରୀ ଜିଲ୍ଲା ପ୍ରଶାସନ ବିମାନବନ୍ଦର ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରୁଥିବା ବେଳେ ଏନେଇ କୌଣସି ଆପତ୍ତି ଅଭିଯୋଗ ଥିଲେ ଆସନ୍ତା ଜାନୁଆରୀ ୩ତାରିଖ ସୁଦ୍ଧା ଜଣାଇବା ଲାଗି ଜନସାଧାରଣଙ୍କୁ କହିଛି। ପୁରୀରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଲାଗି ୫୬୩୧ କୋଟି ଟଙ୍କାର ବ୍ୟୟ ▶ପୃଷ୍ଠା-୯

**ଅଧିଗ୍ରହଣ ହୋଇଛି ସରକାରୀ ଜମି**

### ମେଟ୍ରୋ ପ୍ରକଳ୍ପର ଦ୍ରୁତ ଅଗ୍ରଗତି

# ଦିଲ୍ଲୀ ମେଟ୍ରୋ ସହ ଏମ୍‌ଓୟୁ ଆଜି

■ **ଭୁବନେଶ୍ୱର, ୧୯ ।୧୧ (ସମିସ):** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଜୋରଦାର ଆଗେଇ ଚାଲିଛି। ନୂଆ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ରେଳ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହା ପୂର୍ବରୁ ସୋମବାର ଦିଲ୍ଲୀ ମେଟ୍ରୋ ସହିତ ରାଜ୍ୟ ସରକାର ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବେ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ୍‌ର ବରିଷ୍ଠ ଅଧିକାରୀଙ୍କ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ପ୍ରକଳ୍ପ ସଂକ୍ରାନ୍ତ ସଂଯୋଗର ଏମ୍‌ଓୟୁ ସ୍ୱାକ୍ଷର କରିବେ।

ରାଜ୍ୟ ସରକାରଙ୍କ ବହୁ ପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଦିଲ୍ଲୀ ମେଟ୍ରୋ ରେଳ ନିଗମ ଏହି ପ୍ରକଳ୍ପର ଟର୍ଣ୍ଣ-କି ▶ପୃଷ୍ଠା-୯

**ଟର୍ଣ୍ଣ-କି ପରାମର୍ଶଦାତା ଭାବେ ଦିଆଯିବ ଦାୟିତ୍ୱ**

## ଲୋକକଥା



ବିଶ୍ୱଯୁଦ୍ଧ ଖେଳ ଦେଖିବା ପାଇଁକି
ମଇଦାନ ହୁଲସ୍ଥୁଲ୍,
ଘରଠୁ ବାହାର ହଲ୍, ଷ୍ଟଲ୍
ସବୁଠି ଦର୍ଶକ ଫୁଲ୍ ।
ଭାରତର ଆଶା ଗୋଲ୍,
କର୍ମ ଅନୁସାରେ ଫଳ ଫଳିଗଲା
ସବୁ ଅଙ୍କହେଲା ଭୁଲ୍ !!

# ବିପଦରେ ଗଜରାଜ

## ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତା ମୃତ

■ **ତେଲକୋଇ, ୧୯।୧୧ (ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଶିକାରୀ ଫାଶରେ ପଡ଼ି ଗୋଟିଏ ଦନ୍ତା ହାତୀ ମୃତ୍ୟୁକୁ ସପ୍ତାହେ ନ ବିତୁଣୁ ଆଜି ସମାନ ଢଙ୍ଗରେ ଆଉ ଏକ ଦନ୍ତାର ମୃତ୍ୟୁ ହୋଇଛି। ତେଲକୋଇ ବନାଞ୍ଚଳ ବିମଳା ଫରେଷ୍ଟ ବିଟ୍ ଆକୁଳ ମୁଣ୍ଡାସାହିସ୍ଥିତ ଏକ ଚାଷ ଜମିରୁ ଆଜି ୫ ବର୍ଷୀୟ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର ହୋଇଛି। ବିଦ୍ୟୁତ୍ ଆଘାତରେ ▶ପୃଷ୍ଠା-୯


୧୦ ଦିନରେ ମଲେଣି ଦୁଇ ହାତୀ

## ଦନ୍ତାର ମୃତଦେହ ଠାବ

■ **ନାକଟିଦେଉଳ, ୧୯।୧୧ (ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବନାଞ୍ଚଳ ସାଲେଭଟା ପଞ୍ଚାୟତ କୁନ୍ଦେଇଯୋରୀ ଗାଁ ନିକଟରେ ଏକ ଦନ୍ତା ହାତୀର ମୃତ ଦେହ ଠାବ କରିଛି ବନ ବିଭାଗ। ସୂଚନା ଅନୁସାରେ କିଛିଦିନ ହେଲା କୁନ୍ଦେଇଯୋରୀ ଗାଁ ପାର୍ଶ୍ୱବର୍ତ୍ତୀ ଜଙ୍ଗଲରେ ହାତୀମାନେ ରହୁଥିଲେ। ତେବେ ଆଜି ଗାଁ ଠାରୁ କିଛି ଦୂରରେ ଏକ ଦନ୍ତା ହାତୀର ମୃତ ଦେହ ପଡ଼ିଥିବା ବନ ବିଭାଗ ଖବର ▶ପୃଷ୍ଠା-୯

## ୨ ଦାନ୍ତ ଜବତ; ୪ ଗିରଫ



■ **ଠାକୁରମୁଣ୍ଡା, ୧୯।୧୧ (ସମିସ):** ରବିବାର ସକାଳେ ହାତୀଦାନ୍ତ ଚୋରା ଚାଲାଣ ହେଉଥିବାବେଳେ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ବନବିଭାଗ କର୍ମଚାରୀମାନେ ୨ଟି ହାତୀଦାନ୍ତକୁ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଥିବା ୪ ଜଣ ବେପାରୀଙ୍କୁ ବନ ବିଭାଗ ଗିରଫ କରି ଘଟଣାର ତଦନ୍ତ କରୁଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ୪ ଜଣ ହେଲେ କପ୍ତିପଦା ଥାନା ଅନ୍ତର୍ଗତ ପୋଡାଡ଼ିହା ଅଞ୍ଚଳ ହୁଡ଼ି ସାହି ▶ପୃଷ୍ଠା-୯

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ଡାହାଣୀ ସନ୍ଦେହରେ ପିଟିପିଟି ହତ୍ୟା ଅଭିଯୋଗ

■ **ଘସିପୁରା, ୧୯ ।୧୧ (ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଗଁପୁର ପଞ୍ଚାୟତ ବାରଙ୍ଗ ଗ୍ରାମର ମହିଳା ଦୋଳି ମାଝୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଦୋଳି ଗତ ରାତିରେ ଖାଇ ପିଇ ଘରେ ଶୋଇଥିଲେ। କିନ୍ତୁ ଆଜି ସକାଳୁ ଉଠିନଥିଲେ। ପରିବାରଲୋକ ଘର କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିବା ସହ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୋଳିଙ୍କ ମୃତ୍ୟୁକୁ ତାଙ୍କ ବାପଘର ଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଡାହାଣୀ ସନ୍ଦେହରେ ଦୋଳିଙ୍କୁ ତାଙ୍କ ସାନଯାଆ ପିଟିପିଟି ହତ୍ୟା କରିଛି ବୋଲି ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ପଦାକୁ ଆସିବ ବୋଲି ▶ପୃଷ୍ଠା-୯

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା



**ରାଉରକେଲା, ୧୯ ।୧୧(ସମିସ):** ପାନପୋଷ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରଜତ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ୧୦ ବିଦ୍ୟାଳୟର ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନେ ଭାଗନେଇଥିଲେ । ଛେଣ୍ଡ ପବ୍ଲିକ୍ ସ୍କୁଲ ବିଜ୍ଞାନ ଶିକ୍ଷକ ଉଷାକାନ୍ତ ସାହୁ ମା' ବାଗଦେବୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମେଶ କୁମାର ଅଗ୍ରୱାଲ, ରୌପ୍ୟ ଜୟନ୍ତୀ ସମିତି ସଭାପତି ଭବାନୀ ଶଙ୍କର ଚାନ୍ଦେଲ ଉପସ୍ଥିତ ଥିଲେ । ପରିଚାଳନା ସମିତି ସଦସ୍ୟ ଚନ୍ଦ୍ରଧ୍ୱଜ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଆରଏସ୍‌ପିର ଅବସରପ୍ରାପ୍ତ ଜେନେରାଲ ମ୍ୟାନେଜର କୁମାର ବେହେରା, ଗୌରୀ ନାୟକ, ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପିକା ଶ୍ୟାମାବାଳା ଦାଶ, ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା, ଅବସରପ୍ରାପ୍ତ ଇଞ୍ଜିନିୟର ପ୍ରେମାନନ୍ଦ ମହାପାତ୍ର, ଅତିଥି ଭାବେ ଯୋଗଦେଇଥିଲେ ।

ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାର ପ୍ରବନ୍ଧ ବିଭାଗରେ ଶ୍ୟାମାବାଳା ଦାଶ, ବକ୍ତୃତା ବିଭାଗରେ ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପିକା ତପସ୍ୱିନୀ ବହିଦାର, ସଙ୍ଗୀତ ବିଭାଗରେ ଫକୀର ଚରଣ ପତି ଏବଂ ନୃତ୍ୟ ବିଭାଗରେ ଶଶିଭୂଷଣ ଦଳେଇ ବିଚାରକ ଭାବେ ଯୋଗଦେଇଥିଲେ । ସମସ୍ତ ଗୁରୁଜୀ, ଗୁରୁମା, ପରିଚାଳନା ସମିତି ସଦସ୍ୟଙ୍କ ସହଯୋଗରେ ପ୍ରତିଯୋଗିତା ଉତ୍ସବ ସକାଳ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ସମ୍ପନ୍ନ ହୋଇଥିଲା ।

### ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

# ରାଉରକେଲା ପ୍ରତିଯୋଗୀଙ୍କ ସଫଳତା

ରାଉରକେଲା, ୧୯ ।୧୧(ସମିସ): ସର୍ବଭାରତୀୟ ଆନ୍ତଃରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ଓ ବଡି ବିଲ୍ଡିଂ ପ୍ରତିଯୋଗିତା ଅକ୍ଟୋବର ୨୦ରୁ ୨୭ ଯାଏଁ ମହାରାଷ୍ଟ୍ରର ଔରଙ୍ଗାବାଦ୍‌ଠାରେ ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ବଡି ବିଲ୍ଡିଂ ଓ ଫିଟନେସ ଆସୋସିଏସନ୍ ସମ୍ପାଦକ ସତ୍ୟବ୍ରତ ଓଝା, କାର୍ଯ୍ୟକାରୀ ସଭାପତି ସେକ ମନୁ ଓ ଯୁଗ୍ମ ସମ୍ପାଦକ ଅରୁଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୧୭ ଜଣ ପ୍ରତିଯୋଗୀ ପଦକ ଜିତିବାର ସମର୍ଥ ହୋଇଥିଲେ ।

ରାଉରକେଲାରୁ ୫ ଜଣ ପ୍ରତିଯୋଗୀ ୮୫ କିଲୋଗ୍ରାମରେ ଏମଡି ଆରିଫ, ୭୫ କିଲୋଗ୍ରାମରେ ତପନ ସାହୁ, ନରସିଂହ ମାଝୀ, ସୌମ୍ୟ ରଞ୍ଜନ ବିନୋଦ, ଅଭିଷେକ ରାଉତ ଏବଂ ବ୍ରହ୍ମପୁରରୁ କିଶୋର ଚନ୍ଦ୍ର ବିଶୋଇ, ବାଲେଶ୍ୱରରୁ ସାହାନାୱାଜ୍ କାଦିର, ବାଲେଶ୍ୱରରୁ ଜୁମା ଶାହା ପ୍ରମୁଖ ପଦକ ଜିତିବାରେ ସମର୍ଥ ହୋଇଥିଲେ । ସେମାନଙ୍କୁ ଆସୋସିଏସନ୍ ସଭାପତି ନାରାୟଣ ପତି, ବିଜୟ ଦାସ ଓ କୋଷାଧ୍ୟକ୍ଷ ନିହାର ରଞ୍ଜନ ସାମଲ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ହେବାକୁ ଥିବା ପ୍ରତିଯୋଗିତାରେ ଆହୁରି ଭଲ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଛନ୍ତି ।



### ବିପିୟୁଟିର ପୁରସ୍କାର ଉତ୍ସବ 'ଟେକ୍ କାର୍ନିଭାଲ' ଉଦ୍‌ଘାଟିତ

# ୨୦ ବିଭାଗରେ ପୁରସ୍କୃତ ହେଲେ ୧୧୧ ମେଧାବୀ

ରାଉରକେଲା, ୧୯ ।୧୧(ସମିସ)

ସଫଳତାର ଅନ୍ତ ନାହିଁ କି ବିଫଳତାରେ ହତୋତ୍ସାହିତ ହେବାର ଆବଶ୍ୟକତା ନାହିଁ । ପ୍ରଯୁକ୍ତିବିଦ୍ୟା ବୈଷୟିକ ସଫଳତା ଜନିତ ସାର୍ଟିଫିକେଟର ମୂଲ୍ୟ ହୁଏ ନାହିଁ ବରଂ ଏହା ମଣିଷର ସୃଜନଶୀଳତା ଏବଂ ନିଜ ଦକ୍ଷତା ଓ ଜ୍ଞାନକୌଶଳ ପରିପ୍ରକାଶ କରିଥାଏ ବୋଲି ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ର ପୁରସ୍କାର ଉତ୍ସବ 'ଟେକ୍ କାର୍ନିଭାଲ-୨୦୨୩' ଉଦଘାଟନ କରିବା ଅବସରରେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି । ରବିବାର ରାଉରକେଲାଠାରେ ବିପିୟୁଟିର ନେତାଜୀ ସୁଭାଷ ଅଡିଟୋରିୟମରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ପରିବେଶରେ ପୁରସ୍କାର ଉତ୍ସବ ଟେକ୍ କାର୍ନିଭାଲ-୨୦୨୩ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ମନ୍ତ୍ରୀ ଘଡ଼େଇ କହିଲେ, ସାମାଜିକ ଗଣମାଧ୍ୟମ ଜୀବନଶୈଳୀକୁ ବିଶେଷ ଭାବେ ପ୍ରଭାବିତ କରୁଛି । ପ୍ରତ୍ୟେକଙ୍କ ମଧ୍ୟରେ ଥିବା ଶକ୍ତି ଓ ସୃଜନଶୀଳତାକୁ ପରିପ୍ରକାଶ କରିବାକୁ ସୁଯୋଗ ସୃଷ୍ଟି ହୋଇଛି । ଜ୍ଞାନକୌଶଳର କୌଣସି ପରିସୀମା ନାହିଁ । ପାରମ୍ପରିକ ପ୍ରଥା ବା ପଦ୍ଧତି ପରିବର୍ତ୍ତେ ଭିନ୍ନ ଓ ସ୍ୱତନ୍ତ୍ର ପଥ ଅବଲମ୍ବନ କରି ଜୀବନର ଲକ୍ଷ୍ୟପଥରେ ବ୍ରତୀ ହେବା ପାଇଁ ସେ ପରାମର୍ଶ ଦେବା ସହ ସାର୍ଟିଫିକେଟ ବା ଅଧିକ ନମ୍ବର ନୁହେଁ, ନିଜ ଦକ୍ଷତା ଓ ଜ୍ଞାନକୌଶଳ ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ ।




ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସମଗ୍ର ବିଶ୍ୱରେ ଭାରତ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି । ବୈଷୟିକ ଜ୍ଞାନକୌଶଳକୁ ଆୟୁଧ କରି ଛାତ୍ରଛାତ୍ରୀମାନେ ସେମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ପରିପ୍ରକାଶ କରିବା ଉଚିତ । କେବଳ ଅଧ୍ୟୟନ ଦ୍ୱାରା ନୁହେଁ, ଛାତ୍ରଛାତ୍ରମାନେ ଟେକ୍ନୋଲୋଜି ମାଧ୍ୟମରେ ଆମ ସ୍ୱପ୍ନକୁ ସାକାର କରିବାକୁ ଲକ୍ଷ୍ୟ ରଖିବା ଉଚିତ୍ । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍କିଲ୍ଡ ଓଡ଼ିଶାର ସ୍ଲୋଗାନ ଦେଇଛନ୍ତି । ଛାତ୍ରଛାତ୍ରୀମାନେ ଏହାର ସର୍ବୋତ୍ତମ ଜ୍ଞାନକୌଶଳର ଲାଭ ଉଠାଇବା ଉଚିତ ବୋଲି ମନ୍ତ୍ରୀ ଘଡ଼େଇ କହିଥିଲେ । ଆରଏସ୍‌ପି ଡିଆଇସି ଅତନୁ ଭୌମିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିବା ସହ ପରିବେଶ ସୁରକ୍ଷା ଓ ବିଭିନ୍ନ ପ୍ରକାର ଆହ୍ୱାନକୁ ସମ୍ମୁଖୀନ ହେବାକୁ ପରାମର୍ଶ ଦେଇଥିଲେ । ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ କହିଲେ, ପ୍ରତ୍ୟେକଙ୍କ ମଧ୍ୟରେ କଳା ଓ କୌଶଳ ଥାଏ । ନିଜେ ନିଜକୁ କିପରି ଗଢ଼ିବା, ଦୃଢ଼ ମନୋବଳ, ଅଦ୍ୟମ ଇଚ୍ଛାଶକ୍ତି ଓ ଉପଯୁକ୍ତ ଯତ୍ନ ନେଲେ ସଫଳତାରେ ପହଞ୍ଚି ପାରିଥାଏ ବୋଲି କହିଥିଲେ । ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକାମାନଙ୍କ ଦକ୍ଷତା ଓ ଜ୍ଞାନ ବୃଦ୍ଧି ନିମନ୍ତେ ବିପିୟୁଟି ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଷୟରେ ବର୍ଣ୍ଣନା କରିଥିଲେ । ଟେକ୍ କାର୍ଣ୍ଣିଭାଲକୁ ପ୍ରତ୍ୟେକ ବର୍ଷ ଏକ ଉତ୍ସବ ରୂପେ ପାଳନ କରିବାକୁ କହିଥିଲେ । ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରୁ ଆସିଥିବା ମଞ୍ଚାସୀନ ଅତିଥିବୃନ୍ଦ ସାମ୍ପ୍ରତିକ ସ୍ଥିତିରେ ଆସୁଥିବା ଆହ୍ୱାନକୁ ସମ୍ମୁଖୀନ ହେବାକୁ ହେବ । ଏଥିପାଇଁ ଛାତ୍ରଛାତ୍ରୀମାନେ ନିଜ ସୃଜନଶୀଳତା ସହ ନିଷ୍ଠାବାନ ଓ ସମୟାନୁବର୍ତ୍ତୀ ହେବା ପାଇଁ ପରାମର୍ଶ ଦେଇଥିଲେ । ପୁରୀର ଏସ୍‌ଏସ୍ କୁଳସଚିବ ସୁମିତ୍ରା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିପିୟୁଟି ଓ ସିଆଇପିଇଟି, ଭୁବନେଶ୍ୱର ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଟେକ୍ କର୍ଣ୍ଣିଭାଲରେ ଭାଗ ନେଇଥିବା ୨୦ ବିଭାଗରେ ୬୦ଟି ସ୍ଥାନରେ ୧୧୧ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ବିପିୟୁଟିର କୁଳସଚିବ ନିଶା ପୁନମ୍ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭିଡିଓ ପ୍ରଦର୍ଶନ ଓ ବୈଷୟିକ ଆଲୋଚନାଚକ୍ର ପ୍ରଭୃତି ଅନୁଷ୍ଠିତ ହୋଇଥିଲା ।

ଉଲ୍ଲେଖଯୋଗ୍ୟ, ଏହି ପ୍ରତିଯୋଗିତାକୁ ଅକ୍ଟୋବର ୫ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ଉଦ୍‌ଘାଟନ କରିଥିଲେ । ଏଥିରେ ବିପିୟୁଟି ଅନୁବନ୍ଧିତ ୧୭୩ ଶିକ୍ଷାନୁଷ୍ଠାନର ୫୦୦ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶିଲା ସାମନ୍ତରାୟ ସଂଯୋଜନା କରିଥିଲେ । ବିପିୟୁଟିର ଡେପୁଟି ରେଜିଷ୍ଟ୍ରାର ଡ. ଶୁଭେନ୍ଦୁ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିୟୁପିଜିଏସର ନିର୍ଦ୍ଦେଶକ ପ୍ରଫେସର ଶିବ କୁମାର ମିଶ୍ର, ଡ. ମନୋଜ କୁମାର ସାହୁ, ଅଧ୍ୟାପକ ଶିବ କୁମାର ଦାସ, ଡ. ବିଭୂତି ଭୂଷଣ ମୁଖାର୍ଜୀ, ଡ. ପିକେ ମିଶ୍ର, ଡ. ମଧୁସ୍ମିତା ବିଶ୍ୱାଳ, ଡ. ମାନସ ରଞ୍ଜନ ନାୟକ, ଡ. ଆଦିତ୍ୟ କୁମାର ସାହୁ, ଅଧ୍ୟାପକ ଗୌତମ ସାହୁ ଓ ଅଧ୍ୟାପକ ସଦାଶିବ ପତି ପ୍ରମୁଖ ସହଯୋଗ କରିଥିଲେ ।

# ଆଦିବାସୀଙ୍କ ଜମିକୁ ବିକ୍ରି ପ୍ରସ୍ତାବ ବିରୋଧରେ ଗଣଧାରଣା



**ରାଉରକେଲା, ୧୯ ।୧୧(ସମିସ):** ଆଦିବାସୀଙ୍କ ଜମିକୁ ବିକ୍ରି କରିବା ପ୍ରସ୍ତାବକୁ ବିରୋଧ କରି ଓଡ଼ିଶା ରାଜ୍ୟ ପେସା ଗ୍ରାମସଭା କୋଅର୍ଡିନେସନ୍ କମିଟି ପକ୍ଷରୁ ଗଣଧାରଣା ଅନୁଷ୍ଠିତ ହୋଇଛି । ଶନିବାର ଉଦିତନଗରସ୍ଥିତ ଆରଏମସି ସମ୍ମୁଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପାର୍କ ନିକଟରୁ ଏକ ଶୋଭାଯାତ୍ରା ବାହାରି ଆମ୍ବେଦକର ଛକ ଦେଇ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ଗଣଧାରଣା ଦିଆଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସ୍ମାରକପତ୍ର ମୁତାବକ, ୨୦୨୩ ନଭେମ୍ବର ୧୪ରେ ଓଡ଼ିଶା ରେଗୁଲେସନ୍-୨, ୧୯୫୬କୁ ସଂଶୋଧନ କରାଯାଇ ଅନୁସୂଚିତ ଜନଜାତିମାନଙ୍କ ଜମିକୁ ଅଣଆଦିବାସୀଙ୍କୁ ବିକ୍ରି କରିବା ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ମଞ୍ଜୁର ଦେଇଛନ୍ତି । ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି । ଏହି ଅବସରରେ କମିଟି ସଭାପତି ବୁଧୁଆ ଜୋଜୋ, ସମ୍ପାଦକ ବାବୁଲି ହେମ୍ବ୍ରମ, ଉପସଭାପତି ଶ୍ୟାମଲ କମଲ, ଦୁର୍ଗାଚରଣ ମାର୍ଣ୍ଡି, ପ୍ରକାଶ କେରକେଟା, ସହସମ୍ପାଦକ ଅଶୋକ କୁମାର ସିଂ, ମାଙ୍ଗା ଓରାମ, କୋଷାଧ୍ୟକ୍ଷ ମଙ୍ଗଳ ଭୂମିଜ୍ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# 'ଏକ ମନ ଏକ ପ୍ରାଣ ହୋଇ ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ଆଗେଇ ନେବା'

**ରାଉରକେଲା, ୧୯ ।୧୧(ସମିସ):** ବୀରମିତ୍ରପୁର ଟାଉନ୍ ହଲରେ ବିଜୁ ଜନତା ଦଳ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜୋନସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି । ରବିବାର ଦ୍ୱିତୀୟ ତଥା ଉଦ୍‌ଯାପନୀ ଦିବସରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼େଇ ଏବଂ ଶ୍ରମମନ୍ତ୍ରୀ ତଥା ରାଉଲକେଲା ବିଧାୟକ ସାରଦା ପ୍ରସାଦ ନାୟକ ନୂଆଗାଁ ବ୍ଲକର ଉଭୟ ଜିଲ୍ଲା ଉପସଭାପତି ଅରୂପ ଶ୍ରୀଚନ୍ଦନ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ଯୁଗ୍ମ ସମ୍ପାଦକ ହିମାଂଶୁ ପଣ୍ଡା, ରାଉରକେଲା ସାଙ୍ଗଠନିକ ଜିଲ୍ଲା ସଭାପତି ହାଲୁ ମୁଣ୍ଡାରୀ, ବୀରମିତ୍ରପୁର ପୌରପରିଷଦ ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷ ନିବେଦିତା ବାଗେ, ସ୍ୱତନ୍ତ୍ର ବିକାଶ ପରିଷଦ ସୁନ୍ଦରଗଡ଼ ଉପସଭାନେତ୍ରୀ ସୁଶୀଳା ଟପ୍ପୋ, ଜିଲ୍ଲା ପରିଷଦ ନୂଆଗାଁ ଜ୍ୟୋତି ଟେଟେ, ନୂଆଗାଁ ବିଜେଡି ବ୍ଲକ ସଭାପତି ଦିଗମ୍ବର ଦାଶ, କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ରାଜେଶ ହାଁସଦା,





ପରିଷଦ ଜୋନ ଏବଂ କୁଆଁରମୁଣ୍ଡା ବ୍ଲକ ଜିଲ୍ଲା ପରିଷଦ ଜୋନ କ'ରୁ ଆସିଥିବା ୧୪୦୦ ସକ୍ରୀୟ ବିଜେଡି କର୍ମୀଙ୍କୁ ଅଭାବୀ ଓଡ଼ିଶାରୁ ପ୍ରଭାବୀ ଓଡ଼ିଶାର ରୂପାନ୍ତରଣ ଓ ଏହି ରୂପାନ୍ତରଣରେ '୫-ଟି'ର ଯୋଗଦାନ, ସୁନ୍ଦରଗଡ଼ ଜିଲ୍ଲା ବିଶେଷକରି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ସମ୍ପର୍କରେ ଅବଗତ କରାଇଥିଲେ । ଏଥି ସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ନବୀନ ଓଡ଼ିଶା ଗଠନରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀବାସୀଙ୍କ ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ପ୍ରତିଟି ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ କର୍ମକର୍ତ୍ତାମାନେ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ନେତୃବୃନ୍ଦ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ସେନାପତି, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ରାଜ୍ୟ ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ବଲପୁର ଜୋନ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ନୂଆଗାଁ ବ୍ଲକ ଅଧ୍ୟକ୍ଷ ବିଶ୍ୱାସୀ ଟପ୍ପୋ, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ଜ୍ୟୋତି କେର୍କେଟା, କୁଆଁରମୁଣ୍ଡା ଖ' ଜୋନ ଜିଲ୍ଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ବିଜୁ ମହିଳା ଜନତା ଦଳ ରାଉଲକେଲା ସାଙ୍ଗଠନିକ ଜିଲ୍ଲା ସଭାପତି ଏମ୍ମା ଏକ୍କା, ବିଶ୍ରା ବ୍ଲକ ସଭାପତି ସୁରେଶ ଓରାମ, ବୀରମିତ୍ରପୁର ପୌରପାଳିକା ମହିଳା ବିଜେଡି ସଭାନେତ୍ରୀ ପଦ୍ମିନୀ ନାୟକ, ବୀରମିତ୍ରପୁର ପୌରପାଳିକା ବିଜେଡି ସଭାପତି କୁନା ଦେଓ, ପୂର୍ବତନ ବିଧାୟକ ନିହାର ସୁରେନ, ଜିଲ୍ଲା ସାଧାରଣ ସମ୍ପାଦକ ସେବିଆନ ଆଇନ୍ଦ, ବରିଷ୍ଠ ବିଜେଡି ନେତା ମକଲୁ ଏକ୍କା, ନେଭିଲ କେର୍କେଟା, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ଉପସଭାପତି ଅଜାଜ୍ ଆଲାମ, ବୀରମିତ୍ରପୁର ସାମାଜିକ ଗଣମାଧ୍ୟମ ସମ୍ପାଦକ ବିଶାଳ ଶର୍ମା, କୁଆଁରମୁଣ୍ଡା ବ୍ଲକ ଛାତ୍ର ସଭାପତି ସାଗର କୁମାରଙ୍କ ସମେତ ସମସ୍ତ ଯୁବ-ଛାତ୍ର-ମହିଳା ଜନତା ଦଳ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### ଉତ୍ସାହ ଉଦ୍ଦୀପନାର ସହ ଛଟ୍ ପୂଜା ଆରମ୍ଭ

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ଲକ୍ଷାଧିକ ବ୍ରତଧାରୀ

ରାଉରକେଲା, ୧୯ ।୧୧(ସମିସ)

ରବିବାର ଥିଲା ଆସ୍ଥା ଓ ବିଶ୍ୱାସର ମହାପର୍ବ ଛଟ୍‌ର ପ୍ରଥମ ଅର୍ଘ୍ୟ । ଏଥିପାଇଁ ଅପରାହ୍ନରେ ବିଭିନ୍ନ ଜଳାଶୟରେ ହୋଇଥିଲା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ । ରାଉରକେଲା ସହର ହୋଇ ଉଠିଥିଲା ଚଳଚଞ୍ଚଳ । ରାଉରକେଲା ସମେତ ଆଖପାଖ ଅଞ୍ଚଳରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଘାଟରେ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ପ୍ରଥମ ଅର୍ଘ୍ୟ ଦେଇଥିଲେ । ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା ଯୋଗାଇ ଦିଆଯାଇଥିଲା । ସୋମବାର ଉଦିତ ସୂର୍ଯ୍ୟଙ୍କୁ ଦ୍ୱିତୀୟ ଅର୍ଘ୍ୟ ଦିଆଯିବା ପରେ ପର୍ବ ଉଦ୍‌ଯାପିତ ହେବ ।

ଖରନା ପରେ ରବିବାର ଛଟ୍ ମହାପର୍ବର ତୃତୀୟ ଦିନ ଥିଲା । ରାଉରକେଲା ସମେତ ଆଖପାଖ ଘାଟଗୁଡ଼ିକରେ ଅର୍ଘ୍ୟ ଅର୍ପଣ ପାଇଁ ଭିଡ଼ ଜମିଥିଲା । ଅପରାହ୍ନ ୫ଟା ୧୦ରେ ସୂର୍ଯ୍ୟ ଅସ୍ତ ସମୟରେ ଏକା ସଙ୍ଗେ ଶ୍ରଦ୍ଧାଳୁମାନେ ଅର୍ଘ୍ୟ ଦେଇଥିଲେ । ଘାଟଗୁଡ଼ିକରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବାଲିଘାଟ ଓ ରୁପୁଟୋଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା । ଅଧିକାଂଶ ଘାଟରେ ମହାନଗର ନିଗମ ପକ୍ଷରୁ ବିଜୁଳି ବ୍ୟବସ୍ଥା କରାଯାଇଥିଲା । ସେହିପରି ହିନ୍ଦୁ ଜାଗରଣ ମଞ୍ଚ, ରାଷ୍ଟ୍ରୀୟ ଜନ ଜାଗରଣ ସେବା ସଂଘ, ସ୍ୱର୍ଣ୍ଣକାର ଯୁବ ମଞ୍ଚ, ବିହାରୀ ଯୁବ ମଞ୍ଚ, ବିହାର ସାଂସ୍କୃତିକ ପରିଷଦ,



ବିହାର ସମାଜ ସେବା ସଂଘ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଥିଲା । ସେହିପରି ରେଲୱେ କଲୋନୀ, ଗୋପବନ୍ଧୁପାଲି ପୋଖରୀ, ହୋଟେଲ ସନ୍ତୋଷ କମ୍ପ୍ଲେକ୍ସ, ପାନପୋଷ ହାଡ଼ପୋକା ଘାଟ, ପାଢ଼ୀ ଘାଟ, ହନୁମାନ ଘାଟ, ବାଲିଘାଟ, ଝିରପାଣି ଘାଟ, ବନ୍ଧମୁଣ୍ଡା ସେକ୍ଟର ବି ପୋଖରୀ, ତିଳିକାନଗର ଘାଟ, କୋଇଲା ଗେଟ ପୋଖରୀ, ତରକେରା ପମ୍ପ ହାଉସ, ସେକ୍ଟର-୧୬ ନଦୀଘାଟରେ ଛଟ ପର୍ବ ପାଳିତ ହୋଇଛି ।

ସୂଚନାଯୋଗ୍ୟ, ପବିତ୍ର ଛଟ୍ ପର୍ବ ହେଉଛି ଉତ୍ତର-ପୂର୍ବ ଭାରତ ଅନ୍ତର୍ଗତ ବିହାର ଓ ଉତ୍ତରପ୍ରଦେଶର ପ୍ରସିଦ୍ଧ ପର୍ବ । ଏବେ ଏହା ସମଗ୍ର ଦେଶ କାହିଁକି ବିଦେଶରେ ମଧ୍ୟ ପାଳନ ହେଉଛି । ରାଉରକେଲାରେ ବିହାର ଓ ଉତ୍ତରପ୍ରଦେଶ ଅଞ୍ଚଳରୁ ବସବାସ କରୁଥିବା ପ୍ରାୟ ୩ ଲକ୍ଷ ଲୋକ ସହରର ରେଲୱେ କଲୋନୀ, ଗୋପବନ୍ଧୁପାଲି, ବନ୍ଧମୁଣ୍ଡା, ପାନପୋଷ, ଛେଣ୍ଡ କଲୋନୀ, ଝିରପାଣି, ଲାଠିକଟା, ତରକେରା ବାଲିଘାଟ, ବ୍ରାହ୍ମଣୀ ନଦୀ କୂଳ, ସେକ୍ଟର-୧୬ ସ୍ଥିତ କୋଏଲ ନଦୀ ବାଲିଘାଟ ପ୍ରଭୃତି ଅଞ୍ଚଳରେ ଛଟ୍ ପର୍ବର ଅନ୍ତିମ ପର୍ଯ୍ୟାୟ ପାଳନ କରିବାକୁ ଏକଜୁଟ ହୋଇଥାନ୍ତି । ଲକ୍ଷାଧିକ ଶ୍ରଦ୍ଧାଳୁ, ବ୍ରତଧାରୀ ସହର ଉପକଣ୍ଠରେ ଥିବା ଶଙ୍ଖ, କୋଏଲ, ବ୍ରାହ୍ମଣୀ ନଦୀ ତଥା ଅନ୍ୟ ଜଳାଶୟ ନିକଟରେ ସମାଗମ ହୋଇଥିଲେ । ନଦୀ ଓ ଜଳାଶୟର ପାଣି ଭିତରେ ଦଣ୍ଡାୟମାନ ହୋଇ ଛଟ୍ ବ୍ରତଧାରୀମାନେ ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ପଣ କରିଥିଲେ । ବିଧିବିଧାନରେ ଏହି ପୂଜା କଲେ ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି । ସେମାନଙ୍କ କହିବା କଥା ଛଟ୍ ପର୍ବ ହେଉଛି ସୂର୍ଯ୍ୟ ଭଗବାନଙ୍କ ଆରାଧନାର ପର୍ବ । ସୂର୍ଯ୍ୟ ଦେବତା ହେଉଛନ୍ତି ସକଳ ଶକ୍ତିର ଆଧାର । ଶୁକ୍ରବାର ସନ୍ଧ୍ୟାରେ ସୂର୍ଯ୍ୟାସ୍ତ ସମୟରେ ଏବଂ ଶନିବାର ପ୍ରତ୍ୟୁଷରେ ସୂର୍ଯ୍ୟୋଦୟ ସମୟରେ ଜଳ ଓ କ୍ଷୀର ତର୍ପଣ କରି ସୂର୍ଯ୍ୟ ଦେବତାଙ୍କୁ ସନ୍ତୁଷ୍ଟ କରିଥିଲେ ବ୍ରତଧାରୀ ।

ସୂଚନାଯୋଗ୍ୟ, ଖେରନା ଅବସରରେ ବ୍ରତଧାରୀମାନେ ନିର୍ଜଳା ଉପବାସ ରହି ଅଟା, ଗୁଡ଼ ଏବଂ ଶୁଦ୍ଧ ଘିଅରେ ଠେକୁଆ ନାମକ ଏକ ପ୍ରସାଦ ପ୍ରସ୍ତୁତ କରିଥିଲେ । ଏତଦବ୍ୟତୀତ ଋତୁ ଅନୁସାରେ ଉପଲବ୍ଧ ନଡ଼ିଆ, କଦଳୀ, ପିଜୁଳି, ଆଖୁ, ପାଣି ସିଙ୍ଗଡ଼ା, ଗାଜର, ମୂଳା, ପ୍ରଭୃତି ଫଳମୂଳ ପ୍ରସାଦ ଭାବେ ସୂର୍ଯ୍ୟ ଦେବତାଙ୍କ ପାଖରେ ଲାଗି ହୋଇଥିଲା । ଏକ ବଡ଼ ଟୋକେଇରେ ସମସ୍ତ ପ୍ରସାଦକୁ ମୁଣ୍ଡରେ ମୁଣ୍ଡେଇ ଶ୍ରଦ୍ଧାଳୁମାନେ ଅପରାହ୍ନରେ ଜଳାଶୟ ନିକଟକୁ ନେଇଥିଲେ । ସୂର୍ଯ୍ୟ ଦେବତାଙ୍କୁ ଜଳ ତର୍ପଣ ପରେ ସମସ୍ତେ ଫେରିଯାଇଥିଲେ ଘରକୁ । ପୁଣି ଆସନ୍ତା କାଲି ପ୍ରତ୍ୟୁଷରେ ନଦୀ କୂଳକୁ ଯାଇ ଉଦିତ ସୂର୍ଯ୍ୟଙ୍କୁ ଅନ୍ତିମଥର ପାଇଁ ବ୍ରତଧାରୀମାନେ କ୍ଷୀର ଓ ଜଳ ତର୍ପଣ କରିବେ ବୋଲି ଜଣାପଡ଼ିଛି ।

## ରାଉରକେଲାରେ 'ସକାଳ'ର ବିତର୍କ ପ୍ରତିଯୋଗିତା

# କନିଷ୍ଠ ବର୍ଗରେ ପ୍ରତିଭା ଓ ବରିଷ୍ଠରେ ପ୍ରୟାସ ପ୍ରଥମ





# ବିଫଳତାକୁ ସମ୍ମୁଖୀନ କରିବା ଶିଖନ୍ତୁ: ଉପଜିଲ୍ଲାପାଳ

**ରାଉରକେଲା, ୧୯ ।୧୧(ସମିସ):**

ଛାତ୍ର ଜୀବନ ଯେତିକି ମୂଲ୍ୟବାନ୍ ସେତିକି କଠୋର। ଛାତ୍ର ଜୀବନ ହେଉଛି ତପସ୍ୟାର ସମୟ। ସାଧୁତା, କର୍ତ୍ତବ୍ୟ ପରାୟଣତା, ସାମାଜିକ ପ୍ରତିବଦ୍ଧତା, ସମୟାନୁବର୍ତ୍ତିତା ଛାତ୍ର ଜୀବନର ମୂଳ ମନ୍ତ୍ର ହେବା ଉଚିତ୍। ସର୍ବୋପରି ସଂଘର୍ଷପୂର୍ଣ୍ଣ ଛାତ୍ର ଜୀବନରେ ବିଶେଷକରି ବିଫଳତାକୁ ସମ୍ମୁଖୀନ କରିବା ଛାତ୍ର ଜୀବନର ଅସୀମ ଧୈର୍ଯ୍ୟ ହେବା ଉଚିତ ବୋଲି ରାଉରକେଲାରେ ଦୈନିକ 'ସକାଳ'ର ସ୍କୁଲ ଓ କଲେଜସ୍ତରୀୟ ବିତର୍କ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ।

'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ଦେବବ୍ରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସେକ୍ଟର-୧୪ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବିତର୍କ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ନାୟକ ପ୍ରତିଯୋଗୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଉଦବୋଧନ ଦେଇ କହିଲେ ଯେ ପ୍ରତ୍ୟେକ ଛାତ୍ରଛାତ୍ରୀ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ବିଷୟରେ ଅବଗତ ହେବା ଉଚିତ୍। ସମ୍ପ୍ରତି ସମାଜରୁ ଯେପରି ମାନବୀୟ ମୂଲ୍ୟବୋଧ ଦ୍ରୁତଗତିରେ ଲୋପ ପାଇବାରେ ବସିଛି, ସେପରି ସ୍ଥଳେ ଛାତ୍ରଛାତ୍ରୀମାନେ ବିଦ୍ୟାଧ୍ୟୟନ ସହ ସେମାନଙ୍କ ପିତାମାତା ଓ ସମାଜ ପ୍ରତି ସେମାନଙ୍କ ପ୍ରତିବଦ୍ଧ କର୍ତ୍ତବ୍ୟ ସମ୍ପର୍କରେ ଅବଗତ ହେବା ଜରୁରୀ ହୋଇପଡ଼ିଛି। ଜୀବନରେ ସଫଳତା ହାସଲ କରିବାକୁ ବେଳେ ଜୀବନର ସୁଦୀର୍ଘ କଣ୍ଟକିତ ପଥରେ ପ୍ରତି ମୁହୂର୍ତ୍ତରେ ଆସୁଥିବା ସଙ୍କଟ ତଥା ବିଫଳତାଗୁଡ଼ିକୁ ସାହସ ତଥା ଧୈର୍ଯ୍ୟର ସହ ସମ୍ମୁଖୀନ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ନୂତନ କରି ଦାୟିତ୍ୱ ଗ୍ରହଣ କରିଥିବା ଆରଡିଏ ସଚିବ ଚନ୍ଦ୍ରକାନ୍ତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ସକାଳ'ର ଏହି ପ୍ରୟାସକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜିତିବା ହାରିବା ବଡ଼କଥା ନୁହେଁ, ବରଂ ଅଂଶଗ୍ରହଣ କରିବା ହିଁ ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ 'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ପାଳନ ଅବ୍ୟବହିତ ପୂର୍ବରୁ ଏହି ପ୍ରୟାସ ନିଶ୍ଚିତ ଭାବେ ଅନ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବ ବୋଲି ମଲ୍ଲିକ କହିଥିଲେ।

ରାଉରକେଲା ଏନଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଓଡ଼ିଶାର ଭାଷା, ସାହିତ୍ୟ, ପରମ୍ପରା ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସ୍କୁଲ ଓ କଲେଜସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା କରିବା ସହ ସେମାନଙ୍କ ଜ୍ଞାନ ବୃଦ୍ଧି ଦିଗରେ 'ସକାଳ' ପକ୍ଷରୁ ୩ ବର୍ଷ ଧରି ଯେଉଁ ନିରନ୍ତର ପ୍ରୟାସ ଜାରି ରଖାଯାଇଛି ତାହା ବାସ୍ତବିକ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ। ଏହି ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବରେ ସ୍ୱାଗତ ଭାଷଣ ଦେଇ 'ସକାଳ' ପକ୍ଷରୁ ରାଉରକେଲା ସଂସ୍କରଣ ମୁଖ୍ୟ ପଟ୍ଟନାୟକ କହିଲେ, ରାଉରକେଲା ସହରରେ ଥିବା ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ସାଉଁଟିବା ପାଇଁ 'ସକାଳ'ର ଏହା ଏକ ଛୋଟ ପ୍ରୟାସ।

ସୂଚନାଯୋଗ୍ୟ, 'ସକାଳ' ପକ୍ଷରୁ ଆୟୋଜିତ ବିତର୍କ ପ୍ରତିଯୋଗିତାର ବିଷୟବସ୍ତୁ ବରିଷ୍ଠ ବର୍ଗରେ 'ରୂପାନ୍ତରଣରେ ଓଡ଼ିଶା' ରଖାଯାଇଥିଲା ବେଳେ କନିଷ୍ଠ ବର୍ଗରେ ବିଷୟବସ୍ତୁ ଥିଲା 'ଆଧୁନିକତା ଓ ପାରିବାରିକ ସମ୍ପର୍କ'। ଏହି ଉଭୟ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ମୁମେଣ୍ଟୋ ଦେଇ ପୁରସ୍କୃତ କରିଥିଲେ। କନିଷ୍ଠ ବିଭାଗରେ ଓଏସଏପି ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ ପ୍ରତିଭା ମାଝୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ଛେଣ୍ଡ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଛାତ୍ରୀ ବୈଷ୍ଣବୀ ଷଡ଼ଙ୍ଗୀ ଦ୍ୱିତୀୟ ଏବଂ ଆର୍ଯ୍ୟନ୍ ପ୍ରିୟଦର୍ଶୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

ସେହିପରି ବରିଷ୍ଠ ବର୍ଗରେ ମ୍ୟୁନିସିପାଲ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ପ୍ରୟାସ ପ୍ରୀତିରଞ୍ଜନ ବାରିକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେଇଥିବା ବେଳେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ଛାତ୍ର ସୌମ୍ୟରଞ୍ଜନ ସାହୁ ଦ୍ୱିତୀୟ ଏବଂ ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଭାର୍ଗବୀ ପ୍ରିୟଦର୍ଶିନୀ ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି ଅବସରରେ ସାହିତ୍ୟିକା ଡ. ଗୀତାଞ୍ଜଳି ପତ୍ରୀ, ବିଶ୍ରା ଏସଆର ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ କୁମାର ବରାଳ, ବିଶ୍ରା ଏସଆର ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ନଗେନ କୁମାର ଦାସ କନିଷ୍ଠ ବର୍ଗରେ ବିଚାରକ ଦାୟିତ୍ୱ ନିର୍ବାହ କରିଥିବାବେଳେ ବରିଷ୍ଠ ବର୍ଗରେ ଉଦିତନଗର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ସାହିତ୍ୟିକ ଲକ୍ଷ୍ମଣନାଥ ଦାସ, ଶିକ୍ଷୟିତ୍ରୀ ଆଶାଲତା ଦାସ ବିଚାରକ ଭାବେ ଯୋଗଦେଇ ମୂଲ୍ୟାୟନ କରିଥିଲେ। ସମସ୍ତ ବିଚାରକଙ୍କୁ 'ସକାଳ' ପକ୍ଷରୁ ମୁଖ୍ୟଅତିଥି ଉପଜିଲ୍ଲାପାଳ ନାୟକ ଏବଂ ପ୍ରଫେସର ଧିମାନ୍ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ବୃକ୍ଷଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନଙ୍କୁ 'ସକାଳ' ପକ୍ଷରୁ ପଟ୍ଟନାୟକ ପୁଷ୍ପଗୁଚ୍ଛ, ଉପଢୌକନ ଏବଂ ବୃକ୍ଷ ଚାରା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶିକ୍ଷକ ଆଶାଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ 'ସକାଳ'ର ଫଟୋ ସାମ୍ବାଦିକ ସୁବ୍ରତ ଜେନା, 'ନନ୍ଦିଘୋଷ ଟିଭି' ବ୍ୟୁରୋ ମୁଖ୍ୟ ଅବନୀ ରଞ୍ଜନ ମହାପାତ୍ର, ନିରଞ୍ଜନ ସାମଲ, ପଙ୍କଜ ପାଢ଼ୀ, ସଞ୍ଜୟ ଦାସ, ଜିତୁ ପ୍ରକାଶ, 'ସକାଳ'ର ପ୍ରସାର ବିଭାଗ ରାଉରକେଲା ମୁଖ୍ୟ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଜୟଦେବ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହି ଅବସରରେ ସହରର ଓଡ଼ିଆ ଓ ଇଂରାଜୀ ମାଧ୍ୟମ ଉଚ୍ଚବିଦ୍ୟାଳୟ ଓ ବିଭିନ୍ନ ମହାବିଦ୍ୟାଳୟରୁ ବହୁ ସଂଖ୍ୟାରେ ପ୍ରତିଯୋଗୀ, ଅଭିଭାବକ ଯୋଗଦେଇଥିଲେ।





























# ‘ସକାଳର ବିତର୍କ ପ୍ରତିଯୋଗିତା ଯୋଗୁଁ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟୁଛି’









**ସୁନ୍ଦରଗଡ଼, ୧୯ ।୧୧(ସମିସ):** ‘ସକାଳ’ର ବିତର୍କ ପ୍ରତିଯୋଗିତା ଯୋଗୁଁ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟୁଛି ବୋଲି ରବିବାର ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାରେ ମତପ୍ରକାଶ ପାଇଛି। ପ୍ରତିଯୋଗିତାରେ ବରିଷ୍ଠ ବର୍ଗଙ୍କ ପାଇଁ ‘ରୂପାନ୍ତରଣରେ ଓଡ଼ିଶା’ ଓ କନିଷ୍ଠ ବର୍ଗଙ୍କ ପାଇଁ ‘ଆଧୁନିକତା ଓ ପାରିବାରିକ ସମ୍ପର୍କ’ ବିଷୟବସ୍ତୁ ରହିଥିଲା। ବରିଷ୍ଠ ବର୍ଗରେ ବିଭିନ୍ନ କଲେଜର ୩୨ ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସିରିନ କୌଶର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଶିଖା ବେହେରା ଦ୍ୱିତୀୟ ଓ ଦୁଦୁକା ଭେଷଜ ପଟେଲ ଡିଗ୍ରୀ କଲେଜର ଅଙ୍କିତା ସାହୁ ତୃତୀୟ ସ୍ଥାନରେ ରହିଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଗରୁଡ଼େଶ୍ୱର ଦାଶ, ସହକାରୀ ପ୍ରଫେସର ପ୍ରକାଶ କୁମାର ସାହୁ ଓ ଯୋଗିମାଲ ଜେବିଏନଏମପି କଲେଜର ଓଡ଼ିଆ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପଟେଲ ବିଚାରକ ଭାବେ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। ସେହିପରି କନିଷ୍ଠ ବର୍ଗରେ ୧୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ସୁନ୍ଦରଗଡ଼ ସେଣ୍ଟ ଟେରେସା ସ୍କୁଲର ଲିପିଶ୍ରୀ ପାଣ୍ଡେ ପ୍ରଥମ, ସୁନ୍ଦରଗଡ଼ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଭୂମିସୂତା ବାଗ ଦ୍ୱିତୀୟ ଓ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ଶତାକ୍ଷୀ ନନ୍ଦ ତୃତୀୟ ହୋଇଥିଲେ। ଏହି ବର୍ଗରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ସାକିର ହୁସେନ, ଲେଫ୍ରିପଡ଼ା

## ● ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା

ଡିଗ୍ରୀ କଲେଜର ଓଡ଼ିଆ ଅଧ୍ୟାପକ ଯୁବରାଜ ସା ଓ ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଅନ୍ତକୁମାର ପଟେଲ ବିଚାରକ ଭାବେ ଯୋଗଦେଇଥିଲେ। ସହକାରୀ ପ୍ରଫେସର ଏଞ୍ଜାଲିନ କିଣ୍ଡୋଙ୍କ ସଂଯୋଜନାରେ ଆୟୋଜିତ ପୁରିସ୍କାର ବିତରଣ ଉତ୍ସବରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ‘ସକାଳ’ର ଏପରି ବିତର୍କ ପ୍ରତିଯୋଗିତା ଯୋଗୁଁ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟୁଛି ବୋଲି ମତବ୍ୟକ୍ତ କରିବା ସହ ଏହାର ଆୟୋଜକ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ପରିବାରକୁ ସାଧୁବାଦ ଜଣାଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ମୁଖ୍ୟ ବକ୍ତାଭାବେ ଯୋଗଦେଇ ରୂପାନ୍ତରଣର ବିଭିନ୍ନ ଦିଗ ସମ୍ପର୍କରେ କହିବା ସହ ଏକ କାହାଣୀର ଅବଲୋକନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସରକାରୀ ମହିବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ରୂପାନ୍ତରଣ ଓ ଆଧୁନିକତା ସମ୍ପର୍କରେ ସାରଗର୍ଭକ ଆଲୋଚନା କରି ଚଳିତବର୍ଷର ବିତର୍କକୁ ସମୟୋପଯୋଗୀ ବୋଲି ଦର୍ଶାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଅଧ୍ୟାପିକା ସୁସ୍ମିତା ଭୋଇ ଓ ଝାରସୁଗୁଡ଼ା ଟ୍ରେଜେରୀ ଅଫିସର କନକଲତା ଏକ୍କା ଆଗାମୀ ଦିନରେ ମଧ୍ୟ ଏପରି ପ୍ରତିଯୋଗିତା ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ‘ସକାଳ’ର ଜିଲ୍ଲା ପ୍ରତିନିଧି ଜୟକୃଷ୍ଣ ସେଠ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ସକାଳ ଓ ବିତର୍କ ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ ଅତିଥି ଏବଂ ବିଚାରକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ କୃତୀ ପ୍ରତିଯୋଗିଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସମାଜସେବୀ ଦିଲୀପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ‘ନନ୍ଦିଘୋଷ ଟିଭି’ର ସୁନ୍ଦରଗଡ଼ ପ୍ରତିନିଧି ବିଜୟ ବରୁଆ ଓ ସୁନ୍ଦରଗଡ଼ ସକାଳ ପରିବାର ସମେତ ଆରଆର କଲେଜର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବରିଷ୍ଠ ବର୍ଗରେ ପ୍ରଥମ-ସିରିନ କୌଶର (ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସୁନ୍ଦରଗଡ଼)



କନିଷ୍ଠ ବର୍ଗରେ ପ୍ରଥମ-ଲିପିଶ୍ରୀ ପାଣ୍ଡେ (ସେଣ୍ଟ ଟେରେସା ସ୍କୁଲ, ସୁନ୍ଦରଗଡ଼)

### ● ଭକ୍ତିମୟ ପରିବେଶରେ ଛଟ୍ ପୂଜା ପାଳିତ

# ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ହଜାର ହଜାର ବ୍ରତଧାରୀ



**ବାଲିଶଙ୍କରା, ୧୯ ।୧୧(ସମିସ):** ବିହାରୀମାନଙ୍କ ପାରମ୍ପରିକ ପର୍ବ ଛଟପୂଜା ରବିବାର ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ବାଲିଶଙ୍କରା ଡୁଡୁଙ୍ଗନାଳା ପୋଲ ନଦୀଘାଟରେ ହଜାର ହଜାର ବ୍ରତଧାରୀ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଢାଳିଛନ୍ତି। ଉତ୍ସବରେ ମୁଖ୍ୟଅତିଥି ରୂପେ ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛଟପର୍ବ ବିହାରୀମାନଙ୍କ ନୁହଁ, ସମସ୍ତ ଲୋକଙ୍କ ଏହି ପର୍ବ ବୋଲି ସେ କହିଥିଲେ। ପରିବାର ସମୃଦ୍ଧି କାମନା କରି ନିଷ୍ଠାପର ଭାବେ ମହିଳାମାନେ ଏହି ବ୍ରତ ପାଳନ କରିଥିବାରୁ ବିଧାୟକ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖର ଦେଓ, ସ୍ଥାନୀୟ ସରପଞ୍ଚ ସୁଲୋଚନା ସୁଆରୀ, ସ୍ୱେଚ୍ଛାସେବୀ ସୁଗ୍ରୀବ ବାଘ, ଟଙ୍କଧର ପଣ୍ଡା, ରବିଚନ୍ଦ୍ର ପଟେଲ, ଉଛବ ତନ୍ତୀ, ଗୋବିନ୍ଦ ସାହୁ, ଜଗନ୍ନାଥ, ସାହୁ, ବଳରାମ ନାଏକ, ଭବାନୀ ସାହୁ, ଅଶୋକ ସା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନନ୍ଦନ ସିଂ ଧନ୍ୟବାଦ ଦେଇଥିଲେ। ପରେ ପ୍ରସାଦ ସେବନ କରାଯାଇଥିଲା। ବିହାରୀ ସମ୍ପ୍ରଦାୟ କମିଟି ପକ୍ଷରୁ ଛଟପର୍ବ ପାଇଁ ଆଲୋକ ବ୍ୟବସ୍ଥା, ପୋଷାକ ପରିବର୍ତ୍ତନ, ଅସ୍ଥାୟୀ ଷ୍ଟାଣ୍ଡ ବ୍ୟବସ୍ଥା କରାଯାଇଥିଲା।

# ମହିଳା ଏବଂ ଶିଶୁ ବିଭାଗ ଉପଦେଷ୍ଟାଙ୍କ ସୁନ୍ଦରଗଡ଼ ଗସ୍ତ

**ସୁନ୍ଦରଗଡ଼, ୧୯ ।୧୧(ସମିସ):** ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁମିତ୍ରା ଜେନା ରବିବାର ସୁନ୍ଦରଗଡ଼ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସ୍ଥାନୀୟ ସାର୍କିଟ ହାଉସରେ ସୁନ୍ଦରଗଡ଼ ବିଜେଡି ଉପସଭାପତି ଜୟନାରାୟଣ ତ୍ରିପାଠୀ,



ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ସଂଖ୍ୟାଲଘୁ ସେଲ ନେତା ଏମଡି କଲିମ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲାର ବିଭିନ୍ନ ଆନାଥାଶ୍ରମରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନେକ ଅନାଥାଶ୍ରମରେ ରହୁଥିବା ପିଲା ଅସୁସ୍ଥ ହେଲେ ତୁରନ୍ତ ଡାକ୍ତରଙ୍କ ପାଖକୁ ନେବାକୁ କୌଣସି ସୁବିଧା ନାହିଁ। ଡାକ୍ତରଖାନାରୁ ଆମ୍ବୁଲାନ୍ସ ଆସିବା ଯାଏ ଅପେକ୍ଷା କରିବାକୁ ପଡୁଛି। ତେଣୁ ସମସ୍ତ ଅନାଥାଶ୍ରମକୁ ଆମ୍ବୁଲାନ୍ସ ଯୋଗାଇଦେବାକୁ ସେମାନେ ଦାବି କରିଥିଲେ। ସମସ୍ୟା ଶୁଣିବା ପରେ ସେ ସୁନ୍ଦରଗଡ଼ ଜିଲ୍ଲାର ସବୁ ଅନାଥାଶ୍ରମ ବୁଲି ଦେଖିଛନ୍ତି ବୋଲି ସୂଚନା ଦେବା ସହ ଆମ୍ବୁଲାନ୍ସ ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଜାତୀୟ ମହିଳା ଫୁଟବଲ ଚାମ୍ପିଅନସିପ

# ଓଡ଼ିଶା ଓ ଗୋଆ ବିଜୟୀ

**ସୁନ୍ଦରଗଡ଼, ୧୯ ।୧୧(ସମିସ)**

ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ମିଳିତ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମରେ ଚାଲିଥିବା ୨୮ତମ ଜାତୀୟ ମହିଳା ଫୁଟବଲ ଚାମ୍ପିଅନସିପର ଚତୁର୍ଥ ଦିନରେ ଓଡ଼ିଶା ଓ ଗୋଆ ଦଳ ବିଜୟୀ ହୋଇଛନ୍ତି। ପୂର୍ବାହ୍ନରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ୬-୦ ଗୋଲରେ ବିଜୟୀ ହୋଇ ଲଗାତର ୪ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଓଡ଼ିଶା ଦଳର ସୁମିତ୍ରା ହେମ୍ବ୍ରମ ୨ ଗୋଲ୍, ମନୀଷା ନାଏକ ୨ ଗୋଲ୍, ଯଶୋଦା ମୁଣ୍ଡା ଗୋଟିଏ ଗୋଲ୍ ଓ ଦୀପା ନାୟକ ଗୋଟିଏ ଗୋଲ୍ କରିଥିଲେ। ପୂର୍ବତନ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟଅତିଥି ଓ ଫାଓର ଯୁଗ୍ମ ସମ୍ପାଦକ ମହମ୍ମଦ ଜହାର, ପୂର୍ବତନ ଏସଏଆଇ କୋଚ୍ ଅନନ୍ତ ବୋଷ, ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଅପରାହ୍ନରେ ଗୋଆ ଓ ମେଘାଳୟ ମଧ୍ୟରେ ଖେଳ ହୋଇଥିଲା। ଏହି ମ୍ୟାଚରେ ଗୋଆ ୪-୧ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗାମାଧବ ନାଏକ, ଉପସଭାପତି ପୌଷଚନ୍ଦ୍ର ପଟେଲ, ଜନମେରୀ ବାଗେ, ବିମଳ ବୋଷ, ପ୍ରସନ୍ନ ବେହେରା, ଜୟଦେବ ପାତ୍ର, ରାଜେନ୍ଦ୍ର ପାଣ୍ଡେ, ନିତ୍ୟ କୁମାର ବଳ, ସୁଶିଳ ପଟେଲ, ପ୍ରସାଦ ନାଏକ, ବୀରମିତ୍ର କାଲୋ, ରୋମାଞ୍ଚ ଭୈଷାଲ, ଶିଶିର ପଟେଲ, ଆଶିଷ ଦେ, ଅଜୟ ବହିଦାର, ଶ୍ୟାମନନ୍ଦନ ସହାୟ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହୋଇଛି। ଆସନ୍ତା୨୧ ତାରିଖ ପୂର୍ବାହ୍ନରେ ଗୁଜରାଟ ଓ ଅରୁଣାଚଳ ପ୍ରଦେଶ ଏବଂ ଅପରାହ୍ନରେ ଓଡ଼ିଶା ଓ ଗୋଆ ମଧ୍ୟରେ ଏହି ଚାମ୍ପିଅନସିପର ଶେଷ ମ୍ୟାଚ ଖେଳାଯିବ।



# ହେମଗିରି ଓ ଟାଙ୍ଗରପାଲିରେ ବିଜେଡିର ସାଙ୍ଗଠନିକ ବୈଠକ




**ସୁନ୍ଦରଗଡ଼, ୧୯ ।୧୧(ସମିସ):** ଆଗାମୀ ବିଧାନସଭା ଏବଂ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିଜୁ ଯୁବ ଜନତା ଦଳ ପକ୍ଷରୁ ହେମଗିରି ଏବଂ ଟାଙ୍ଗରପାଲିଠାରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଯୁବକ ମାନଙ୍କୁ ଅଧିକ ସକ୍ରିୟ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡ଼ିକର ଅଧିକ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ହେମଗିରି ବ୍ଲକ ଯୁବ ବିଜେଡି ସଭାପତି କଳାକାହ୍ନୁ ମେହେରଙ୍କ ସଭାପତିତ୍ୱରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଓ ଟାଙ୍ଗରପାଲି ବ୍ଲକ ଯୁବ ସଭାପତି ଅଜିତ ସିଂହଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏହି ବୈଠକ ହୋଇଥିଲା। ବୈଠକରେ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ଯୋଗଦେଇ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପଞ୍ଚାୟତରେ ବିଏଲଓଙ୍କ ମାଧ୍ୟମରେ କରାଯାଉଥିବା ନୂତନ ଭୋଟର୍ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଯୁବକଙ୍କ ନାମ ପଞ୍ଜୀକରଣ କରିବା, ନବୀନ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଖେଳ ଟିମ୍ ଏବଂ ଖେଳାଳିଙ୍କୁ ସାମିଲ କରି ନାମ ପଞ୍ଜୀକରଣ କରିବା, ଡିସେମ୍ବର ୨୬ରେ ହେବାକୁ ଥିବା ବିଜେଡି ପ୍ରତିଷ୍ଠା ଦିବସ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜନ ଆଦି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତା ଓ କର୍ମୀମାନେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପଞ୍ଚାୟତ ସଭାପତିମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଉପସଭାପତି ଶାନ୍ତ ଧୃଆ, ଟାଙ୍ଗରପାଲି ବ୍ଲକ ବିଜେଡି ସଭାପତି ଶୋଭନ ଦାଶ, ଟାଙ୍ଗରପାଲି (କ) ଜିଲ୍ଲାପରିଷଦ ସଭ୍ୟା ଗେଲବତି ପଟେଲ, ନିତ୍ୟାନନ୍ଦ ପଟେଲ, ନେହେରୁ କିସାନ, ଧନେଶ୍ୱର ରାଉତ, ଜିତେନ୍ ସାହୁ, ପ୍ରଫୁଲ୍ଲ ମାଝୀ, ସୂରଜ ପଟେଲ, ଦୀପକ ମହାନ୍ତି, ତରଙ୍ଗସେନ ଧୃଆ, ଯୋଗେନ୍ଦ୍ର ବାଗ, ମନୋଜ ଲୁଗୁନ୍, ଜୋସେଫ ବା, ପ୍ରଶାନ୍ତ ଖଟୁଆ, ଗୋକୁଳ ଗୋଣ୍ଡ, ଆଶୋକ ସାହୁ, ଗୁନା ମୁଣ୍ଡା, ମୌସମ ନାଏକ, ପ୍ରଦୀପ ନାଏକ, ଅଶ୍ୱିନୀ ଡିଲା, ଗଣେଶ ସାହୁ, ମଧୁ ପାଣ୍ଡେ, ପ୍ରକାଶ ନାଏକ, ଆଶୋକ ପ୍ରଧାନ, ଦୀନେଶ ଭୋଇ, ଦୀପକ ଡିଲା, ସୁନିତ୍ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

**'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବକ୍ତୃତା ପ୍ରତିଯୋଗିତା**

## ରାଜ୍ୟସ୍ତରକୁ ମନୋନୀତ କୃତୀ ପ୍ରତିଯୋଗୀ

| ଜିଲ୍ଲା | କନିଷ୍ଠ ବର୍ଗ | ବରିଷ୍ଠ ବର୍ଗ |
|---|---|---|
| କଟକ | ଆକାଶ ମିଶ୍ର | ଆତିଶା ମହାପାତ୍ର |
| ମୟୂରଭଞ୍ଜ | ଆର୍ଯ୍ୟନ ଦାସ | ଦିବ୍ୟଜ୍ୟୋତି ମଲ୍ଲ |
| ପୁରୀ | ସୌମ୍ୟାଶ୍ରୀ ବେହେରା | ସ୍ମିତାଲିନ୍ ରଥ |
| ଗଞ୍ଜାମ | ଅଙ୍କିତା ସାହୁ | ଅମ୍ବିକା ପ୍ରସାଦ ମହାପାତ୍ର |
| ଖୋର୍ଦ୍ଧା | ଶାଶ୍ୱତ ମହାପାତ୍ର | ସୁଧାକର ଦାସ |
| ନୟାଗଡ଼ | ପ୍ରଜ୍ଞା ବୈଦିକ | ପ୍ରୀତିପର୍ବ ମହାପାତ୍ର |
| ବୌଦ୍ଧ | ତୃପ୍ତିମୟୀ ଭଞ୍ଜ | ଶ୍ରଦ୍ଧାଞ୍ଜଳି ସାହୁ |
| ସୋନପୁର | ଅନ୍ୟାଶା ଦୀକ୍ଷିତ୍ | ଅର୍ପିତା ମିଶ୍ର |
| କେନ୍ଦ୍ରାପଡ଼ା | ଲୋପାମୁଦ୍ରା ସାହୁ | ନାଜିଆ ଖାତୁନ୍ |
| ନବରଙ୍ଗପୁର | ଶୁଭ୍ରାଂଶୁ ସାହୁ | ସୌମ୍ୟାଶ୍ରୀ ପାତ୍ର |
| ବରଗଡ଼ | ଅନଘାଦିତ୍ୟ ଯୋଶୀ | ଦୁଲାରୀ ଯୋଶୀ |
| ଢେଙ୍କାନାଳ | ତନୁଶ୍ରୀ ବେହେରା | ବିକାଶ ପ୍ରଧାନ |
| ଜଗତସିଂହପୁର | ପାୟଲ ପ୍ରଧାନ | ଶିବପ୍ରଧାନ ମହାନ୍ତି |
| ବଲାଙ୍ଗୀର | ବିନ୍ଦିଆ ବେହେରା | ସିଦ୍ଧାନ୍ତ ମହାକୁର |
| କଳାହାଣ୍ଡି | ଶାଶ୍ୱତୀ ପ୍ରଧାନ | ଆର୍ଯ୍ୟା ନାୟକ |
| ମାଲକାନଗିରି | ଓମପ୍ରକାଶ ସାବତ | ଆକାଶ ପଡ଼ିଆମୀ |
| ଜୟପୁର | ସୌମ୍ୟା ମିଶ୍ର | ମାନସୀରାଣୀ ମହାନ୍ତି |
| ସମ୍ବଲପୁର | ଜି.ଶିରିସା | ଆଞ୍ଚଲ ସୁଆର |
| ଝାରସୁଗୁଡା | ସ୍ନେହାଶ୍ରୀ ଭୋଇ | ଲିଜା ପ୍ରଧାନ |
| ଦେବଗଡ଼ | ଅଙ୍କିତା ପ୍ରଧାନ | ସାଇସ୍ମିଥ ପ୍ରଧାନ |
| ସୁନ୍ଦରଗଡ଼ | ଲିପିଶ୍ରୀ ପାଣ୍ଡେ | ସିରିନ କୌଶର |
| ରାୟଗଡ଼ା | ମାନ୍ୟତା ପାଢ଼ୀ | ସୁକେଶ ପ୍ରଧାନ |
| କେନ୍ଦୁଝର | ସୌମ୍ୟାରଞ୍ଜିତା ଦାସ | ସାଇସୌମ୍ୟା ମିଶ୍ର |
| ଭଦ୍ରକ | ରଶ୍ମିରେଖା ମହାନ୍ତି | ନିବେଦିତା ସାହୁ |
| କନ୍ଧମାଳ | ଆକାଂକ୍ଷା କର | ସ୍ମରଣିକା ତ୍ରିପାଠୀ |
| ଗଜପତି | ଚାନ୍ଦିନୀ ସାହୁ | ମହାଲକ୍ଷ୍ମୀ ମହାପାତ୍ର |
| ଅନୁଗୋଳ | ଲକ୍ଷ୍ମୀପ୍ରିୟା ସାହୁ | ରଞ୍ଜିତ ସାହୁ |
| ଯାଜପୁର | ସନ୍ଧ୍ୟାରାଣୀ ଉପାଧ୍ୟାୟ | ମନୋଜ କୁମାର ସାହୁ |
| ବାଲେଶ୍ୱର | ରୀତିକା ଦାସ ମହାପାତ୍ର | କମଳ ଲୋଚନ ପଣ୍ଡା |
| ଭୁବନେଶ୍ୱର | କୁଇନ୍ସ କ୍ୟୁଭା ମହାନ୍ତି | ସ୍ୱାଗତିକା ମିଶ୍ର |
| ରାଉରକେଲା | ପ୍ରତିଭା ମାଝୀ | ପ୍ରୟାସ ପ୍ରୀତିରଞ୍ଜନ ବାରିକ୍ |

**ବିଦେଶାଗତ ପକ୍ଷୀଙ୍କ ସୁରକ୍ଷାକୁ ଗୁରୁତ୍ୱ**

# ଶିକାରୀଙ୍କୁ ଜଗିବ ଥର୍ମାଲ୍ ଡ୍ରୋନ୍

- ଛାଡ଼ଖାଇ ପୂର୍ବରୁ ବନ ବିଭାଗ ଓ ପୁଲିସ୍‌ର ଫ୍ଲାଗ ମାର୍ଚ୍ଚ
- ସମ୍ବେଦନଶୀଳ ସ୍ଥାନରେ ଖୋଲିଛି ୨୧ ସୁରକ୍ଷା କ୍ୟାମ୍ପ

**ଭୁବନେଶ୍ୱର,୧୯ ।୧୧(ସମିସ):** ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ପାଇଁ ବ୍ୟବହାର ହେବ ଥର୍ମାଲ୍ ଡ୍ରୋନ୍। ପକ୍ଷୀ ଶିକାର ଦୃଷ୍ଟିରୁ ସମ୍ବେଦନଶୀଳ ଓ ଅଧିକ ସଂଖ୍ୟକ ପକ୍ଷୀ ଆସୁଥିବା ଅଞ୍ଚଳରେ ଏହି ଡ୍ରୋନ୍ ନିୟୋଜିତ ହେବ। ଏହି ଡ୍ରୋନ୍ ଦ୍ୱାରା ଶିକାରୀଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବା ସହ ବେଆଇନ କାର୍ଯ୍ୟକଳାପ ଉପରେ ରୋକ୍ ଲାଗିବ ବୋଲି ଆଶା କରାଯାଉଛି।

ବର୍ତ୍ତମାନ ସୁଦ୍ଧା ଚିଲିକାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହେଲାଣି। ଏତେସଂଖ୍ୟକ ପକ୍ଷୀଙ୍କୁ ଦେଖି ଶିକାରୀମାନେ ବି ସକ୍ରିୟ ହୋଇଯାଇଛନ୍ତି। ପକ୍ଷୀ ଶିକାର ପାଇଁ ବର୍ତ୍ତମାନ ସୁଦ୍ଧା ୯ଟି ମାମଲା ଦାୟର ହୋଇଥିବା ବେଳେ ଏଥିପାଇଁ କିଛି ଶିକାରୀଙ୍କୁ ଗିରଫ ମଧ୍ୟ କରାଯାଇଛି। ଏଭଳି ଘଟଣା ବୃଦ୍ଧିକୁ ଦୃଷ୍ଟିରେ ରଖି ଥର୍ମାଲ୍ ଡ୍ରୋନ୍ ନିୟୋଜିତ ପାଇଁ ବନ ବିଭାଗ ଅଣ୍ଟା ଭିଡ଼ିଛି।

ବନ ବିଭାଗର ସୂଚନା ଅନୁଯାୟୀ, ପ୍ରାଥମିକ ପର୍ଯ୍ୟାୟରେ ଏହି ଡ୍ରୋନ୍‌ଗୁଡ଼ିକ ଟାଙ୍ଗୀ ଏବଂ ଭୁଷଣ୍ଡପୁର ଅଞ୍ଚଳରେ ନିୟୋଜିତ କରାଯିବ। କାରଣ ଦାୟର ହୋଇଥିବା ୧୦ ପକ୍ଷୀ ଶିକାର ମାମଲା ମଧ୍ୟରୁ ୯ଟି ଟାଙ୍ଗୀ ରେଞ୍ଜରେ ହୋଇଥିବା ବେଳେ ଗୋଟିଏ ଭୁଷଣ୍ଡପୁରରେ ହୋଇଛି। ଯଦିଓ ଏଭଳି ମାମଲା ପାଇଁ କିଛି ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି, ମାତ୍ର ଏବେ ବି ଏହି ଅଞ୍ଚଳରେ ୪-୫ଜଣ ଶିକାରୀ ସକ୍ରିୟ ରହିଥିବା ବନ ବିଭାଗ ସନ୍ଦେହ କରୁଛି।

ପକ୍ଷୀଙ୍କ ଆଗମନ ଦୃଷ୍ଟିରୁ ଚିଲିକା ଦେଶର ଏକ ଅଗ୍ରଣୀ ସ୍ଥାନ ଭାବେ ପରିଚୟ ପାଇଛି। ପ୍ରତିବର୍ଷ ଏଠାକୁ ଲକ୍ଷାଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହେଉଥିବାରୁ ରାଜ୍ୟ ବନ ବିଭାଗ ସେମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଛି। ପକ୍ଷୀ ଶିକାର ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ରେ ୩-୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶର ପ୍ରାବଧାନ ରହିଛି। ତେଣୁ ଯେଉଁମାନେ ପକ୍ଷୀ ଶିକାରରେ ସମ୍ପୃକ୍ତ ରହିବେ, ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗ ଚେତାବନୀ ଦେଇଛି।

ଅନ୍ୟପଟେ ଜୋରଦାର ଯାଞ୍ଚ ସହିତ ଲୋକଙ୍କୁ ସଚେତନତା ଉପରେ ବିଭାଗ ଗୁରୁତ୍ୱ ଦେଉଛି। ଏଥିପାଇଁ ସ୍ଥାନୀୟ ପୁଲିସ ଓ ବନ ବିଭାଗ ପକ୍ଷରୁ ଛାଡ଼ଖାଇ ପୂର୍ବରୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ସାତପଡ଼ା, ଟାଙ୍ଗୀ ଓ ବାଲୁଗାଁ ଅଞ୍ଚଳରେ ବନ ବିଭାଗ ସହ ପୁଲିସ ଓ ଅନ୍ୟ ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଲୋକଙ୍କୁ ନେଇ ଏକ ସମନ୍ୱୟ ବୈଠକ ମଧ୍ୟ ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି।

ବର୍ତ୍ତମାନ ସୁଦ୍ଧା ୨୧ଟି ସୁରକ୍ଷା ଶିବିର କରାଯାଇଥିବା ବେଳେ ପ୍ରତି କ୍ୟାମ୍ପରେ ଜଣେ ଫରେଷ୍ଟର କିମ୍ବା ଫରେଷ୍ଟ ଗାର୍ଡ ଓ ଦୁଇରୁ ତିନି ଜଣ ଅନ୍ୟ ସଦସ୍ୟଙ୍କୁ ନିୟୋଜିତ କରାଯାଇଛି। ରମ୍ଭା, ବାଲୁଗାଁ, ଚିଲିକା, ସାତପଡ଼ା ଓ ଟାଙ୍ଗୀର ବିଭିନ୍ନ ଅଞ୍ଚଳରେ ଏହି କ୍ୟାମ୍ପ କରାଯାଇଛି। ଏହି ଟିମ୍ ସହ ପକ୍ଷୀଙ୍କ ସୁରକ୍ଷା ପାଇଁ ଖୋର୍ଦ୍ଧା ଏସ୍‌ପି ଏପିଆର୍ ଯବାନଙ୍କୁ ମଧ୍ୟ ନିୟୋଜିତ କରିଛନ୍ତି। ଏହି ଅଞ୍ଚଳଗୁଡ଼ିକରେ ଆହତ କିମ୍ବା ଉଦ୍ଧାର ହୋଇଥିବା ପକ୍ଷୀମାନଙ୍କର ଚିକିତ୍ସା ପାଇଁ ସୁବିଧା କରାଯାଇଛି। ସ୍ଥାନାନ୍ତର ପକ୍ଷୀମାନଙ୍କ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଚିଲିକାରେ ଅତିରିକ୍ତ ୫୦ସ୍କ୍ୱାଡ୍ ଏବଂ ପୁରୀରେ ୧୦ଟି ସ୍କ୍ୱାଡ୍ ନିୟୋଜିତ କରାଯାଇଛି।

ସୂଚନାଯୋଗ୍ୟ, ବିଭିନ୍ନ ପ୍ରଜାତିର ୨.୩୧ ଲକ୍ଷରୁ ଅଧିକ ପକ୍ଷୀ ଏପର୍ଯ୍ୟନ୍ତ ଚିଲିକାରେ ଏକାଠି ହୋଇସାରଥିବା ବେଳେ ଦିନକୁ ଦିନ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ମୃତ୍ୟୁ

**ଶେରଗଡ଼,୧୯ ।୧୧(ସମିସ):** ରବିବାର ଶେରଗଡ଼ ବ୍ଲକ ଅନ୍ତର୍ଗତ କୀର୍ତ୍ତିପୁର ଗାଁରେ ପୋଖରୀରେ ବୁଡ଼ି ଦୁଇ ଭଉଣୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଅବକାଶ ରାଉତଙ୍କ ଦୁଇ ଝିଅ ସନ୍ଧ୍ୟାରାଣୀ ରାଉତ (୧୦) ଓ ରୋଶନୀ ରାଉତ (୭)। ଦୁହେଁ ଅଜାଘର କୀର୍ତ୍ତିପୁରରେ ରହି ପାଠ ପଢୁଥିଲେ। ରବିବାର ସକାଳେ ଦୁଇ ଭଉଣୀ ଟ୍ୟୁସନ୍‌ରୁ ଫେରି ଗାଧୋଇବା ପାଇଁ ଗାଁ ପୋଖରୀକୁ ଯାଇଥିଲେ। ଗାଧୋଇବା ବେଳେ ରୋଶନୀର ଗୋଡ଼ ଖସିଯିବାରୁ ସେ ପୋଖରୀର ଗଭୀର ଜଳରାଶିକୁ ଚାଲି ଯାଇଥିଲା। ଏହା ଦେଖି ସନ୍ଧ୍ୟାରାଣୀ ତାକୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେ ବି ବୁଡ଼ି ଯାଇଥିଲେ। ଦୁଇଜଣଙ୍କ ଫେରିବାରେ ବିଳମ୍ବ ହେବାରୁ କିଛି ଗ୍ରାମବାସୀଙ୍କ ସହାୟତାରେ ଅଜା ନାରସୁ ପଲେଇ ଦୁହିଁଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ ତୁଠରେ ଦୁଇ ଭଉଣୀଙ୍କ ଚପଲ ଦେଖି ସନ୍ଦେହ ହେବାରୁ ମବାସୀମାନେ ପୋଖରୀ ଭିତରେ ଖୋଜାଖୋଜି କରି ଦୁଇ ଭଉଣୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସ୍ଥାନୀୟ ସରପଞ୍ଚ ଗୁରୁନାଥ ପୋଲେଇ ମୃତକଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।



ପୁରୀର ଐତିହ୍ୟ ନରେନ୍ଦ୍ର ପୁଷ୍କରିଣୀରେ ମହିଳାଙ୍କ ଛଟ୍ ପୂଜା

**■ ମୋବାଇଲ୍ ଚୋରି ଗ୍ୟାଙ୍ଗ୍ ଠାବ**

# ବୁଲାବିକାଳିଙ୍କଠାରୁ ୨୯ ମୋବାଇଲ୍ ଜବତ

**ସିମୁଳିଆ, ୧୯ ।୧୧(ସମିସ):** ସିମୁଳିଆ ଥାନା ପୁଲିସ ଏକ ମୋବାଇଲ୍ ଚୋରି ଗ୍ୟାଙ୍ଗ୍ ଠାବ କରିବା ସହ ୨୯ଟି ଦାମୀ ମୋବାଇଲ୍ ଜବତ କରିଛି। ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଆଇଫୋନ୍ ଚୋରିର ତଦନ୍ତ କରୁ କରୁ ପୁଲିସ ଏହି ଗ୍ୟାଙ୍ଗକୁ ଠାବ କରିଛି। ଏହି ଘଟଣାରେ ପୁଲିସ ୧୫ରୁ ୨୦ଟି ବୁଲା ବିକାଳୀ ପରିବାରକୁ ଅଟକ ପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ତନାଘନା ଚଳାଇଛି।





ମିଳିଥିବା ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ଚରମ୍ପା ଡାହାଣୀ ଗଡ଼ିଆ ଅଞ୍ଚଳର ଯଶୋବନ୍ତ ନାରାୟଣ ଦୀକ୍ଷିତ ପରିବାର ସହ ଶନିବାର ସନ୍ଧ୍ୟାରେ ଭଦ୍ରକ କାଳୀପୂଜା ବୁଲି ଯାଇଥିଲେ। ସେଠାରେ ତାଙ୍କର ଆଇଫୋନ୍‌ଟି ଚୋରି ହୋଇଥିଲା। ଏ ସଂପର୍କରେ ସେ ଭଦ୍ରକ ଥାନାରେ ଅଭିଯୋଗ କରିଥିଲେ। ମୋବାଇଲଟି ସିମୁଳିଆ ଥାନା ଅଞ୍ଚଳରେ ଥିବା ପୁଲିସ ଟ୍ରାକ୍ କରି ଜାଣିବା ପରେ ଯଶୋବନ୍ତ ସିମୁଳିଆ ଥାନାରେ ପୁଣିଥରେ ଅଭିଯୋଗ କରିଥିଲେ। ସିମୁଳିଆ ଏଏସ୍‌ଆଇ କିଶୋର ଚନ୍ଦ୍ର ବେହେରା ସଦଳବଳେ ତୁଳସୀ ଆଶ୍ରମ ନିକଟ ଝାଉଁବଣରେ ରହୁଥିବା ବୁଲା ବିକାଳୀମାନଙ୍କ ଉପରେ ଚଢ଼ଉ କରିଥିଲେ। ସେମାନଙ୍କ ନିକଟରୁ ୨୫ରୁ ଊର୍ଦ୍ଧ୍ୱ ଦାମୀ ମୋବାଇଲ ଜବତ ହୋଇଥିଲା। ତେଣୁ ପୁଲିସ ୧୫ରୁ ୨୦ପରିବାରକୁ ଥାନାକୁ ଆଣି ପଚରାଉଚରା କରୁଛି। କିନ୍ତୁ ଚୋରି ହୋଇଥିବା ଆଇଫୋନ୍‌ର ପତ୍ତା ମିଳିନାହିଁ। ଅଭିଯୁକ୍ତଜଣଙ୍କ ଉକ୍ତ ଫୋନ୍ ନେଇ ପଶ୍ଚିମବଙ୍ଗ ପଳାଇଥିବା ପୁଲିସ ଜାଣିବାକୁ ପାଇଛି। ପୁଲିସ ସୂଚନାନୁଯାୟୀ, ଏହି ବୁଲାବିକାଳୀମାନେ କୌଶଳ କରି ଲୋକଙ୍କ ମୋବାଇଲ୍ ଚୋରି କରିବା ପରେ ତାକୁ ବାହାର ରାଜ୍ୟକୁ ପଠାଇ ଦେଇଥା'ନ୍ତି। ଅପରପକ୍ଷେ ଏହି ଘଟଣା ପଦାକୁ ଆସିବା ପରେ ଗତ କିଛି ଦିନ ଭିତରେ ଚୋରି ହୋଇଥିବା ମୋବାଇଲଗୁଡ଼ିକର ମାଲିକ ସିମୁଳିଆ ଥାନା ଆଗରେ ଲମ୍ବା ଧାଡ଼ି ଲଗାଇଛନ୍ତି।

# ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଜେ.ପି ଦାସଙ୍କ ପରଲୋକ

**କଟକ,୧୯ ।୧୧(ସମିସ):** ଓଡ଼ିଶା ହୃଦ୍‌ରୋଗ ଚିକିତ୍ସା ଜଗତର ପିତାମହ ତଥା ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଜେ.ପି ଦାସ (ଯଦୁନାଥ ପ୍ରସାଦ ଦାସ)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଆଜି ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ଗତ କିଛି ଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ଗାୟତ୍ରୀ ଦାସ ଓ ପୁଅ ଡାକ୍ତର ଦେବବ୍ରତ ଦାସଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପ୍ରଫେସର ଡଃ ଦାସ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲର ହୃଦ୍‌ରୋଗ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହିତ ଏହାର ଉନ୍ନତି ନିମନ୍ତେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ଅବସର ଗ୍ରହଣ କରିବା ପରେ ମଧ୍ୟ ସେ ଚିକିତ୍ସା କ୍ଷେତ୍ରରେ ସକ୍ରିୟ ରହିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ପ୍ରଫେସର ଡାକ୍ତର ଦାସ ୧୯୩୩ ମସିହା ଅଗଷ୍ଟ ୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ରାଣୀହାଟ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ସେ ରେଭେନ୍ସା କଲେଜରୁ ଆଇଏସ୍‌ସି ପାସ୍ କରିଥିଲେ। ଉଭୟ ମାଟ୍ରିକ ଓ ଆଇଏସ୍‌ସି ପରୀକ୍ଷାରେ ଶ୍ରେଷ୍ଠ ଦଶଜଣ କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜେପି ଥିଲେ ଅନ୍ୟତମ। ଏହା ପରେ ୧୯୫୬ ମସିହାରେ ଏସ୍‌ସିବି ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢ଼ିଥିଲେ। ୧୯୬୨ ମସିହାରେ ଇଂଲଣ୍ଡର ରୟାଲ୍ କଲେଜ ଅଫ୍ ଫିଜିସିଆନ୍ ପ୍ରତିଷ୍ଠାନରୁ ଏମ୍‌ଆରସିପି ପଢ଼ିବା ପରେ ଭେଲୋର୍‌ରେ ଥିବା ସିଏମ୍‌ସି କଲେଜରୁ ୧୯୬୮ ମସିହାରେ କାର୍ଡିଓଲୋଜିରେ ଡକ୍ଟରେକ୍ଟ ଡିଗ୍ରୀ ହାସଲ କରିଥିଲେ। ଲଣ୍ଡନ୍‌ର ନ୍ୟାସନାଲ୍ ହାର୍ଟ ହସ୍ପିଟାଲ୍, ହଲାଣ୍ଡର ଥୋରାକ୍ସ ସେଣ୍ଟରମ୍ ରୋଟଡମ୍ ହସ୍ପିଟାଲ୍, ଡେନ୍‌ମାର୍କର ରୋୟା ଆଇ ହସ୍ପିଟାଲ୍, ସ୍ୱେଡେନ୍‌ର ଅଲମାନା ହସ୍ପିଟାଲ୍, ମସ୍କୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ଭଳି ଏକାଧିକ ହୃଦରୋଗ ଚିକିତ୍ସା ପ୍ରତିଷ୍ଠାନ ସହିତ ଅନୁବନ୍ଧିତ ରହି ଗବେଷଣା କରିଥିଲେ। ୧୯୬୯ମସିହାରେ ଏସ୍‌ସିବିରେ କାଡିଓଲୋଜି ବିଭାଗ ପ୍ରଥମ କରି ପ୍ରଫେସର ଡାକ୍ତର ଦାସଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ୬୦ଦଶକ ଶେଷ ସୁଦ୍ଧା ସମଗ୍ର ପୂର୍ବଭାରତରେ ସେ ଥିଲେ ଏକମାତ୍ର ଡିଏମ୍(ଡିଗ୍ରୀଧାରି କାର୍ଡିଓଲୋଜିଷ୍ଟ)। ଏଣୁ ତାଙ୍କୁ ହୃଦ୍‌ରୋଗ ଚିକିତ୍ସା ଜଗତର ପିତାମହ ବୋଲି କୁହାଯାଏ। ୧୯୭୦ ମସିହାରେ ସେ ସମଗ୍ର ଓଡ଼ିଶାରେ ପ୍ରଥମ ହୃଦ୍‌ରୋଗ ଚିକିତ୍ସକ ଭାବେ ପରିଚିତ ହୋଇଥିଲେ। ଭାରତର ବିଭିନ୍ନ ହାର୍ଟ ହସ୍ପିଟାଲ୍‌ରେ ୧୫ବର୍ଷ ଧରି ସେ କାର୍ଯ୍ୟ କରିଛନ୍ତି। ରୋଗୀ ସେବାକୁ ବାଦ ଦେଲେ ସେ ଚିତ୍ର ଆଙ୍କିବାକୁ ଭଲ ପାଉଥିଲେ। ତାଙ୍କର ଚିତ୍ରକଳା ଦେଶ ଓ ଦେଶ ବାହାରେ ପ୍ରଶଂସିତ ହୋଇଛି। ପ୍ରଫେସର ଡାକ୍ତର ଦାସ ଜଣେ ପ୍ରବୀଣ ହୃଦ୍‌ରୋଗ ଚିକିତ୍ସକ ଭାବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। କାର୍ଡିଓଲୋଜି ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ସମ୍ମାନ, ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି।



# ଦୁଇ ପୁଅଙ୍କ ମାଡ଼ରେ ବାପା ମୃତ

**ବଡ଼ସାହି,୧୯।୧୧(ସମିସ):** ଦୁଇ ପୁଅଙ୍କ ମାଡ଼ରେ ବାପା ମୃତ। ଏଭଳି ଆପରାଧିକ ଘଟଣା ଘଟିଛି ବଡ଼ସାହି ଥାନା ଅଧୀନ ଆସକନ୍ଦ ଗ୍ରାମରେ। ମୃତକ ହେଲେ, ସେହି ଗ୍ରାମର ଶ୍ୟାମ ସିଂ (୫୫)। ସୂଚନାନୁଯାୟୀ, ପାରିବାରିକ ବିବାଦକୁ ନେଇ ଶ୍ୟାମ ସିଂଙ୍କୁ ତାଙ୍କ ମଝିଆ ପୁଅ ଅନୀଲ ଓ ସାନ ପୁଅ ରବୀନ୍ଦ୍ର ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ଘଟଣାସ୍ଥଳରେ ଶ୍ୟାମଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ବଡ଼ପୁଅ ଲୁବିନ ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶ୍ୟାମଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୭୪ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ ନଷ୍ଟକଲା ମିଳିତ ଟିମ୍

**ବାଲିଗୁଡା/ଫିରିଙ୍ଗିଆ,୧୯।୧୧(ସମିସ):** କନ୍ଧମାଳ ଜିଲ୍ଲାରେ ଚାଲିଥିବା ନୀଳ ଜହର ଅଭିଯାନରେ ବିଭିନ୍ନ ଅଞ୍ଚଳରୁ ବେଆଇନ ଗଞ୍ଜେଇ ଗଛଗୁଡ଼ିକ କାଟି ନଷ୍ଟ କରୁଛି ମିଳିତ ଟିମ୍। କନ୍ଧମାଳ ଜିଲ୍ଲାର କିଛି ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚୋରା ଚାଲାଣ ବୃଦ୍ଧି ପାଉଛି। ଏହାକୁ ରୋକିବା ନିମନ୍ତେ ବାଲିଗୁଡ଼ା ଥାନା ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ରେବିଙ୍ଗିଆ ଓ ବାରଖମା ପଞ୍ଚାୟତ ଅନ୍ତର୍ଗତ ଦୁଲୁକିଆ, ବଡ଼ିଗାଁ, କଡ଼ିତଗା, ଲେଗୁଡ଼ି ବାଲାକିଆ ଗ୍ରାମର ଜଙ୍ଗଲରେ ଚଢ଼ଉ କରାଯାଇ ଆଇନ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବେଆଇନ ଭାବେ ଗଞ୍ଜେଇ ଗଛ ସରକାରୀ ଜମିରେ ଲାଗିଥିବା ବେଳେ ୭୪ଏକର ଗଞ୍ଜେଇ ଗଛକୁ ଜାଳି ପୋଡ଼ି ନଷ୍ଟ କରିଦିଆଯାଇଛି। ଏହି ୭୪ ଏକର ଜମିରେ ଲାଗିଥିବା ବେଆଇନ ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୭୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହି ଗଞ୍ଜେଇ କଟା ଅଭିଯାନରେ ବାଲିଗୁଡ଼ା ଡିଏସ୍‌ପି ଶୁଭ୍ରଜିତ ବିଶ୍ୱାଳ, ଆଇଆଇସି ସୁଶାନ୍ତ କୁମାର ସାହୁ, ଅବକାରୀ ବିଭାଗ, ମାଜିଷ୍ଟ୍ରେଟ୍ ଡିଭିଏଫ୍ ପୁଲିସ ସାମିଲ୍ ହୋଇଥିଲେ। ଏନେଇ ବାଲିଗୁଡ଼ା ଥାନାରେ ନମ୍ବର ୨୬୭/୨୩ ରେ ଏକ ମାମଲା ରୁଜୁ ହୋଇଥିବା ବାଲିଗୁଡ଼ା ଥାନାଧିକାରୀ ସୂଚନା ଦେଇଛନ୍ତି।






ଯୁଦ୍ଧରେ ଯଦି ତୁମେ ଜିତି ଯାଅ, ତେବେ ଯୁଦ୍ଧ କରିବାର କାରଣ ବର୍ଣ୍ଣନା କରିବା ଦରକାର ପଡ଼େ ନାହିଁ ଯଦି ହାରି ଯାଅ ତେବେ ସ୍ପଷ୍ଟୀକରଣ ଦେବା କ୍ଷମତା ହରାଇ ସାରିଥିବ।
-ଆଡଲଫ୍ ହିଟ୍‌ଲର




ସକାଳ
THE SAKALA


## ଇସ୍ରାଏଲ୍-ହମାସ ଯୁଦ୍ଧରେ ବ୍ୟାପକ ନରସଂହାର

# ଯୁଦ୍ଧ ବିରାମ ଓ ଶାନ୍ତି ଆଲୋଚନା ପାଇଁ ବିଶ୍ୱ-ଶକ୍ତିଙ୍କୁ ଆହ୍ୱାନ

ଦୁଇବର୍ଷରୁ ଉର୍ଦ୍ଧ୍ୱ କରୋନା ମହାମାରୀର ବିଶ୍ୱବ୍ୟାପୀ ନରସଂହାର ଲୀଳା ମଧ୍ୟରେ ଗତି କରି ସନ୍ତ୍ରସ୍ତ ପୃଥିବୀ ଏବେ ୟୁରୋପ ଓ ପଶ୍ଚିମ ଏସିଆରେ ଯୁଦ୍ଧର ବିଭୀଷିକାକୁ ଅସହାୟ ଭାବରେ ଦେଖିବାକୁ ବାଧ୍ୟ ହେଉଛି। ସେପଟେ ରୁଷିଆର ବିସ୍ତାରବାଦୀ ଆକ୍ରମଣରେ ୟୁକ୍ରେନ୍ ଧ୍ୱସ୍ତବିଧ୍ୱସ୍ତ ହେବାରେ ଲାଗିଛି, ଏପଟେ ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ପ୍ରାୟ ଦୁଇ ମାସ ପୂରିବାକୁ ବସିଛି। ହଜାର ହଜାର ବେସାମରିକ ଜନସାଧାରଣ, ବିଶେଷକରି ମହିଳା, ଶିଶୁ ଓ ଚିକିତ୍ସାଧୀନ ରୋଗୀମାନଙ୍କର ବର୍ବର ହତ୍ୟା ଚାଲିଛି। ଉଭୟ ଯୁଦ୍ଧର ଦୁଷ୍ପ୍ରଭାବ ବିଶ୍ୱ ବାଣିଜ୍ୟ ଓ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଉଛି ଏବଂ ବିଶ୍ୱ କ୍ଷମତା ଭାରସାମ୍ୟକୁ ରୁଗ୍ଣ କରିଚାଲିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପଶ୍ଚିମ ରାଷ୍ଟ୍ରମାନେ ପରୋକ୍ଷରେ ୟୁକ୍ରେନ୍‌କୁ ଯୁଦ୍ଧ ସାମଗ୍ରୀ ଯୋଗାଉ ଥିଲେ ମଧ୍ୟ ଆକ୍ରମଣକାରୀ ରୁଷ ସେନାର ମାନବ ଅଧିକାର ବିରୋଧୀ କାର୍ଯ୍ୟକଳାପକୁ ରୋକି ପାରୁନାହାନ୍ତି। ରୁଷ ବିରୁଦ୍ଧରେ ଅର୍ଥନୈତିକ ବାସନ୍ଦ ଲାଗୁ କରାଯାଇଛି ଏବଂ ଜାତିସଂଘ ମାଧ୍ୟମରେ ରୁଷ ଉପରେ ଅନେକ କଟକଣା ଜାରି କରାଯାଇଛି। ଆମେ ସମସ୍ତେ ଜାଣୁ ଯେ କୃଷ୍ଣସାଗରରେ ୟୁକ୍ରେନ୍‌ର ଗହମ ବୋଝେଇ ବିଶାଳ ଜାହାଜଗୁଡ଼ିକୁ ରୁଷିଆ ଆକ୍ରମଣ କରି ବିଶ୍ୱରେ କୃତ୍ରିମ ଖାଦ୍ୟ ସଂକଟ ସୃଷ୍ଟି କରିଥିଲା। ଅବଶ୍ୟ ରୁଷିଆର ଅଶୋଧିତ ପେଟ୍ରୋଲିୟମ ଓ ଗ୍ୟାସ୍‌ର ଯୋଗାଣ ୟୁରୋପ ଓ ଏସିଆର କେତେକ ଦେଶକୁ ଜାରି ରହିଛି।

ଏହି ଦୁଇଟି ଯୁଦ୍ଧର ବିଶ୍ୱ ସାମରିକ ଓ କୂଟନୈତିକ ଦୃଶ୍ୟପଟ୍ଟକୁ ଦେଖିଲେ ସ୍ପଷ୍ଟ ଜଣାପଡ଼ୁଛି ଯେ ପଶ୍ଚିମ ରାଷ୍ଟ୍ରଗୁଡ଼ିକର ସାମୂହିକ ସ୍ୱାର୍ଥ ରକ୍ଷା ପାଇଁ ଉଭୟ ଯୁଦ୍ଧରେ ବିପରୀତ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ରୁଷର ଆକ୍ରମଣକୁ ନିନ୍ଦା କରାଯାଉଥିବା ବେଳେ ଏବେ ଇସ୍ରାଏଲ୍‌ର ଗାଜା ଉପରେ ଆକ୍ରମଣକୁ ସ୍ପଷ୍ଟ ବିରୋଧ କରାଯାଉନାହିଁ, ବରଂ ପ୍ରୋତ୍ସାହନ ଦିଆଯାଉଛି। ସମସ୍ତ ପଶ୍ଚିମ ରାଷ୍ଟ୍ର ଇସ୍ରାଏଲ୍‌ର ବର୍ବରୋଚିତ ପ୍ରତିଆକ୍ରମଣକୁ ଯୁକ୍ତିଯୁକ୍ତ ବୋଲି ମାନି ନେଉଛନ୍ତି। ହମାସ୍ ଦ୍ୱାରା ଅକ୍ଟୋବର ୭ ତାରିଖରେ ଇସ୍ରାଏଲ୍‌ର ନିରୀହ ଜନତା ଉପରେ ଘୋର ପୂର୍ବକଳ୍ପିତ ଆକ୍ରମଣକୁ ଉଗ୍ର ଆତଙ୍କବାଦ କହି ସେମାନେ ନିନ୍ଦା କରୁଛନ୍ତି ଏବଂ ମାନବାଧିକାର ହନନର ଆରୋପ କରୁଛନ୍ତି। ଅପରପକ୍ଷରେ ଇସ୍ରାଏଲ୍ ସେନା ଦ୍ୱାରା ଲଗାତାର ଗୁଳିଗୋଳା ବର୍ଷଣ, ଅସଂଖ୍ୟ ବେସାମରିକ ଜନସାଧାରଣ ନିହତ ହେବା, ଗାଜା ପଟିକୁ ଚତୁର୍ଦ୍ଦିଗରୁ ଅବରୋଧ କରି ଖାଦ୍ୟ ପଦାର୍ଥ, ଇନ୍ଧନ, ଔଷଧପତ୍ର ଓ ଅନ୍ୟ ଜରୁରୀ ସାମଗ୍ରୀର ଯୋଗାଣକୁ ସମ୍ପୂର୍ଣ୍ଣ ବ୍ୟାହତ କରିବା ଘଟଣାଗୁଡ଼ିକୁ ଖୋଲାଖୋଲି ଭାବେ ନିନ୍ଦା ନ କରିବା ଘଟଣାରୁ ଆମେରିକା ଓ ଏହାର ମିତ୍ରଶକ୍ତିଙ୍କର ପକ୍ଷପାତ ନୀତି ସ୍ପଷ୍ଟ ହେଉଛି। ଅବଶ୍ୟ ନିକଟରେ ଆମେରିକା ରାଷ୍ଟ୍ରପତି ବାଇଡେନ୍ ପାଲେଷ୍ଟାଇନର ନିରୀହ ଜନତା ଉପରେ ଆକ୍ରମଣକୁ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି, କାରଣ ଆମେରିକାରେ ହିଁ ଇସ୍ରାଏଲ୍‌ର ଅବିରତ ଆକ୍ରମଣରେ ନିହତ ଜନତା, ବିଶେଷକରି ମହିଳା, ଶିଶୁ ଓ ରୋଗୀମାନଙ୍କର ମୃତ୍ୟୁକୁ ବ୍ୟାପକ ନିନ୍ଦା କରାଯାଉଛି ଏବଂ ଏଥିସହିତ ବିଭିନ୍ନ ସ୍ଥାନରେ ଧାରଣା ଓ ପ୍ରଦର୍ଶନମାନ ସଂଗଠିତ ହେଉଛି। ବ୍ରିଟେନ୍ ଓ ୟୁରୋପରେ ମଧ୍ୟ ସେହିଭଳି ଇସ୍ରାଏଲ ଦ୍ୱାରା ହିଂସାତ୍ମକ ଆକ୍ରମଣର ନିନ୍ଦା କରାଯାଉଛି। ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ, ଫ୍ରାନ୍ସର ରାଷ୍ଟ୍ରପତି ଓ କାନାଡ଼ାର ପ୍ରଧାନମନ୍ତ୍ରୀ ସମେତ ଅନେକ ରାଷ୍ଟ୍ରମୁଖ୍ୟ ଇସ୍ରାଏଲ୍ ଦ୍ୱାରା ଆଖିବୁଜା ପ୍ରତି ଆକ୍ରମଣରେ ନିରୀହ ଜନତାଙ୍କ ମୃତ୍ୟୁକୁ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି।

ଏସବୁ ସତ୍ତ୍ୱେ ଏହି ପାଶ୍ଚାତ୍ୟ ରାଷ୍ଟ୍ରମାନେ ଇସ୍ରାଏଲ୍‌କୁ ସମର୍ଥନ ଜାରି ରଖିଛନ୍ତି ଏବଂ ନାମକୁ ମାତ୍ର ଲୋକଦେଖାଣିଆ ଭାବେ ପାଲେଷ୍ଟାଇନ୍‌ରେ ମାନବାଧିକାର ହନନକୁ ସମାଲୋଚନା କରୁଛନ୍ତି। ଏହାଦ୍ୱାରା ଇସ୍ରାଏଲ୍‌କୁ ସମର୍ଥନ ମିଳୁଛି ଏବଂ ଏହା ମନମୁଖି ଭାବେ ଏକତରଫା ପ୍ରତିଆକ୍ରମଣରେ ସମ୍ପୂର୍ଣ୍ଣ ଗାଜା ଅଞ୍ଚଳରୁ ହମାସ ଗୋଷ୍ଠୀଙ୍କୁ ସମୂଳେ ନିପାତ କରିବା ପାଇଁ ନିଜର ସଂକଳ୍ପକୁ ଦୃଢ଼ କରିବାରେ ଲାଗିଛି। ଏପରିକି ଦକ୍ଷିଣ ଗାଜା ଅଞ୍ଚଳକୁ ଏକମାତ୍ର ରିଲିଫ୍ ସାମଗ୍ରୀ ପ୍ରେରଣ ରାସ୍ତାକୁ ବନ୍ଦ କରିଦିଆଯାଇଛି। ଅବଶ୍ୟ ଜାତିସଂଘ ନିରାପତ୍ତା ପରିଷଦର ନିଷ୍ପତ୍ତିକ୍ରମେ ମାନବୀୟ ସମବେଦନା କାରଣରୁ ପାଲେଷ୍ଟାଇନ୍ ଜନତାଙ୍କ ପାଇଁ ବିଭିନ୍ନ ଜରୁରୀ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପଠାଇବାକୁ ସାମୟିକ ଭାବେ ଇସ୍ରାଏଲ୍ ଅନୁମତି ଦେଇଥିଲା, କିନ୍ତୁ ପରେ ତାହା ବନ୍ଦ କରିଦେଲା। ଜାତିସଂଘ ମହାସଚିବ ଆଣ୍ଟୋନି ଗୁଟେରେସ୍ ବ୍ୟକ୍ତିଗତ ଭାବେ ରିଲିଫ୍ ସାମଗ୍ରୀ ପ୍ରେରଣର ତତ୍ତ୍ୱାବଧାନ ପାଇଁ ରାଫାଠାରେ ଉପସ୍ଥିତ ଥିଲେ ମଧ୍ୟ ଇସ୍ରାଏଲ୍ ତାହାକୁ ବେଖାତିର କରିଛି।

ଏହି ସଂଘର୍ଷକୁ ନେଇ ଭାରତର ମଧ୍ୟ କୂଟନୈତିକ ଚିନ୍ତା ବଢ଼ିଛି। ଦୀର୍ଘବର୍ଷ ଧରି ଭାରତ ପାଲେଷ୍ଟାଇନ୍‌କୁ ସମର୍ଥନ ଦେଇ ଆସୁଥିବା ବେଳେ ହମାସ୍ ଦ୍ୱାରା ଅକ୍ଟୋବର ୭ରେ ଇସ୍ରାଏଲ୍‌ରେ ନରସଂହାର ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଛି। କିନ୍ତୁ ପାଲେଷ୍ଟାଇନ୍ ଜନତାଙ୍କ ଉପରେ ବ୍ୟାପକ ଇସ୍ରାଏଲୀ ଆକ୍ରମଣ ଦେଖିବା ପରେ ଭାରତ ତାହାର ମଧ୍ୟ ନିନ୍ଦା କରିଛି ଏବଂ ଉଭୟ ପ୍ରତିପକ୍ଷଙ୍କୁ ଶାନ୍ତି ଆଲୋଚନା ପାଇଁ ଆଗଭର ହେବାକୁ ପ୍ରସ୍ତାବ ଦେଇଛି। ଅବଶ୍ୟ ଏହାଦ୍ୱାରା କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ବିରୋଧୀ ଦଳମାନଙ୍କର କଟୁ ସମାଲୋଚନା ସହିବାକୁ ପଡ଼ିଛି। ତେବେ ଆତଙ୍କବାଦ ବିରୁଦ୍ଧରେ ଭାରତ ସାରା ବିଶ୍ୱକୁ ଏ ପର୍ଯ୍ୟନ୍ତ ଯେଉଁ ବାର୍ତ୍ତା ଦେଇ ଆସିଛି, ସେହି ପୃଷ୍ଠଭୂମିରେ ଭାରତର ଏହି କୂଟନୈତିକ ଆଭିମୁଖ୍ୟ ଅନେକଟା ଯୁକ୍ତିଯୁକ୍ତ ମନେ ହୁଏ। ପାଲେଷ୍ଟାଇନ୍ ପୀଡ଼ିତ ଜନତାଙ୍କ ପାଇଁ ମଧ୍ୟ ଅନେକ ରିଲିଫ୍ ସାମଗ୍ରୀ ଭାରତ ପଠାଇଛି। ଭାରତ ପାଇଁ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମଧ୍ୟ ଏକ କୂଟନୈତିକ ଆହ୍ୱାନ ରୂପେ ଉଭା ହୋଇଥିଲା। ତେବେ ଭାରତୀୟ କୂଟନୀତିଜ୍ଞମାନେ ଭାରତ ଓ ରୁଷ୍‌ର ସମ୍ବନ୍ଧ ଏବଂ ବାଣିଜ୍ୟ କାରବାରକୁ ନେଇ କିଛିଟା ତୀକ୍ଷ୍ଣ ମନ୍ତବ୍ୟ କରିଥିଲେ ମଧ୍ୟ ମୋଟାମୋଟି ଭାବେ ଭାରତର ସ୍ଥିତିକୁ ଗ୍ରହଣ କରିଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ରୁଷ-ୟୁକ୍ରେନ୍ ଯୁଦ୍ଧ ଜାତିସଂଘର ଶାନ୍ତିଦୂତ ଭୂମିକା ଉପରେ ଏକ ନିଷ୍ଠୁର ପ୍ରହାର ବୋଲି ପ୍ରମାଣିତ ହୋଇଛି ଏବଂ ସେହିପରି ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ମଧ୍ୟ ଜାତିସଂଘର ନିଃସହାୟତା ପୁଣି ଥରେ ସାମ୍ନାକୁ ଆସିଛି। ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଆମେରିକା, ବ୍ରିଟେନ୍ ଓ ଏହାର ଅନ୍ୟ ସହଯୋଗୀ ଜାତିସଂଘ ବ୍ୟବସ୍ଥାକୁ ଉପେକ୍ଷା କରି ଇରାକ୍ ଓ ଉପସାଗରୀୟ ଅଞ୍ଚଳରେ ଯେଉଁଭଳି ଯୁଦ୍ଧ ଚଳାଇଥିଲେ ତାହା ଜାତିସଂଘର କ୍ଷମତାହୀନତାକୁ ପ୍ରମାଣିତ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରର ବିଶ୍ୱଶାନ୍ତି ପ୍ରତିଷ୍ଠାର ଭିତ୍ତିଭୂମି ରୂପେ ମିଳିତ ଜାତିସଂଘ ଏବେ ଆଉ ସକ୍ଷମ ଓ ସବଳ ପରିଚୟ ନେଇ ଠିଆ ହୋଇନାହିଁ। ଭାରତ ଓ ଅନ୍ୟାନ୍ୟ ଦେଶ ଏ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଓ ରୂପାନ୍ତରଣ ପାଇଁ ଦାବି କରି ଆସୁଛନ୍ତି। ସମ୍ପ୍ରତି ବିଶ୍ୱରେ ବର୍ତ୍ତମାନର ଏହି ଦୁଇ ସକ୍ରିୟ ଯୁଦ୍ଧ ପରିସ୍ଥିତି ଜାତିସଂଘର ପୁନଃବିନ୍ୟାସ ପାଇଁ ଏକ ଶକ୍ତିଶାଳୀ ଚେତାବନୀ।

ଉଭୟ ରୁଷିଆ-ୟୁକ୍ରେନ୍ ଓ ଇସ୍ରାଏଲ୍-ହମାସ୍ ଯୁଦ୍ଧର ପରିସମାପ୍ତି ଘୋଷଣା କରିବାର ସମୟ ଆସିଯାଇଛି। ବିଶେଷକରି ବିଶ୍ୱର ଆଗୁଆ ରାଷ୍ଟ୍ରମାନେ ପାଲେଷ୍ଟାଇନ୍ ଓ ଇସ୍ରାଏଲ୍‌ର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆଉ ଥରେ ଆଗଭର ହୋଇ ଶାନ୍ତି ପ୍ରସ୍ତାବ ଆଲୋଚନା କରିବା ଅତ୍ୟନ୍ତ ଜରୁରୀ। ଏହା ଭିଟୋ କ୍ଷମତା ଦ୍ୱାରା ପୀଡ଼ିତ ଜାତିସଂଘର ନିରାପତ୍ତା ପରିଷଦ ଦ୍ୱାରା ଆଦୌ ସମ୍ଭବ ହେବ ନାହିଁ। ଜନ୍ମଭୂମିରୁ ଦୀର୍ଘବର୍ଷ ଧରି ବିତାଡ଼ିତ ଇହୁଦୀମାନଙ୍କର ଇସ୍ରାଏଲ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୮ ମସିହାରେ ମିତ୍ରଶକ୍ତି ରାଷ୍ଟ୍ରମାନଙ୍କ ଦ୍ୱାରା ଯେଉଁ ଘୋଷଣାନାମା ଜାରି କରାଯାଇଥିଲା ଏବଂ ପରେ ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦିଆଯାଇଥିଲା, ସେହି କୂଟନୈତିକ ସଂରଚନାର ପୁନରାବଲୋକନ ଏବେ ଆବଶ୍ୟକ ହୋଇପଡ଼ିଛି। ଚୀନ୍ ଓ ତାଇୱାନ୍‌କୁ ଯଦି ଦୁଇଟି ଭିନ୍ନ ସାର୍ବଭୌମ ଦେଶ ରୂପେ ଚିହ୍ନିତ କରାଯାଇପାରିଛି ତେବେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍‌ର ଆବଶ୍ୟକ ମତେ ସୀମା ପୁନଃ ନିର୍ଦ୍ଧାରଣ କରି ଉଭୟ ଦେଶର ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ସୁରକ୍ଷିତ ରଖିବାରେ ଅସୁବିଧା କେଉଁଠି? ପାଲେଷ୍ଟାଇନ୍‌କୁ ସାରା ବିଶ୍ୱର ମୁସଲମାନ ରାଷ୍ଟ୍ରମାନେ ପ୍ରତ୍ୟକ୍ଷ ସମର୍ଥନ କରୁଥିବାରୁ ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦକୁ ପୁଣି ଥରେ ଶାନ୍ତି ଆଲୋଚନା ପରିସରକୁ ଆଣିବାକୁ ହିଁ ହେବ।

### ଘୋଷଣା


ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com


## ଦିଲ୍ଲୀ ବାୟୁ ପ୍ରଦୂଷଣ ସମସ୍ୟା

# ଦୈବୀ ଚମତ୍କାର ହିଁ ଭରସା




ଡ. ବିଜୟକେତନ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪


ଦୀପାବଳି ପୂର୍ବ ଏକ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ଧରି ପୁନର୍ବାର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଥିଲା। ସାଧାରଣତଃ ଦୀପାବଳି ଉତ୍ସବ ପରେ ଦିଲ୍ଲୀର ଅଧିକାଂଶ ସ୍ଥାନରେ ବାୟୁ ଗୁଣବତ୍ତା ମାନକ / ସୂଚକାଙ୍କ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୫୦୦ରୁ ଉର୍ଦ୍ଧ୍ୱ ରହିଛି। ବାୟୁ ଗୁଣବତ୍ତା ସୂଚକାଙ୍କ ୦-୫୦ ଉତ୍ତମ, ୫୧-୧୦୦ ସନ୍ତୋଷଜନକ, ୧୦୧-୨୦୦ ମଧ୍ୟମ ପ୍ରଦୂଷିତ, ୨୦୧-୩୦୦ ନିକୃଷ୍ଟ, ୩୦୧-୪୦୦ ଅତି ନିକୃଷ୍ଟ, ୪୦୧-୪୫୦ ଗମ୍ଭୀର ଏବଂ ୪୫୧-୫୦୦ ଅତ୍ୟନ୍ତ ଗମ୍ଭୀର ଧରାଯାଏ। ୨୦୨୨ ମସିହା ମାର୍ଚ୍ଚ ମାସରେ ଆମେରିକାର 'ହେଲ୍‌ଥ ଏଫେକ୍ଟସ ଇନ୍‌ଷ୍ଟିଚ୍ୟୁଟ୍' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଥିଲା, ପ୍ରଦୂଷିତ ବାୟୁରେ ଭାସମାନ ସୂକ୍ଷ୍ମ କଣିକା ପାର୍ଟିକୁଲେଟ୍ ମ୍ୟାଟର ୨.୫ (ପିଏମ୍ ୨.୫) ସର୍ବାଧିକ କ୍ଷତିକାରକ ତଥା ବିପଜ୍ଜନକ। ଏହି ସୂକ୍ଷ୍ମ କଣିକାର ବ୍ୟାସ ୨.୫ ମାଇକ୍ରୋ ମିଟର ବା ତା'ଠାରୁ କମ୍। ବାୟୁ ମଣ୍ଡଳରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ପିଏମ୍ ୨.୫ ସ୍ତର ହେଲା ବାର୍ଷିକ ହାରାହାରି ୫ ମାଇକ୍ରୋଗ୍ରାମ ପ୍ରତି ଘନମିଟର। ପୂର୍ବରୁ ଏହା ଘନମିଟର ପିଛା ୧୦ ମାଇକ୍ରୋଗ୍ରାମ ଥିଲା। ଦୀପାବଳି ପୂର୍ବ ସପ୍ତାହରେ ରାଜଧାନୀ ଦିଲ୍ଲୀରେ ପିଏମ୍ ୨.୫ ସ୍ତର ପ୍ରତି ଘନମିଟରରେ ୪୮୧ ମାଇକ୍ରୋଗ୍ରାମ୍ ରହିଥିଲା, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସ୍ୱୀକୃତ ନିରାପଦ ସ୍ତରଠାରୁ ପ୍ରାୟ ୯୬ ଗୁଣ ଅଧିକ। ଫଳତଃ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଦିଲ୍ଲୀ ଥିଲା ଅନ୍ୟତମ ସହର।

ଦ୍ୱିତୀୟ ଆନ୍ତର୍ଜାତିକ ରିପୋର୍ଟଟି ସ୍ୱିଜରଲ୍ୟାଣ୍ଡର ଆଇ.କ୍ୟୁ.ଏୟାର ସଂସ୍ଥା ଦ୍ୱାରା ପୃଥିବୀର ବିଭିନ୍ନ ଦେଶର ବାୟୁ ପ୍ରଦୂଷଣ ସମ୍ପର୍କିତ ତଥ୍ୟକୁ ସଂଗ୍ରହ କରି ପ୍ରକାଶ କରାଯାଇଥିଲା। ୨୦୨୧ ମସିହାରେ ଏହି ସଂସ୍ଥା ଦ୍ୱାରା ପ୍ରକାଶିତ ଏୟାର କ୍ୱାଲିଟି ରିପୋର୍ଟରେ ବିଶ୍ୱର ସର୍ବାଧିକ ପ୍ରଦୂଷିତ ୧୦ଟି ସହର ମଧ୍ୟରେ ଭାରତର ୯ଟି ସହର ସ୍ଥାନିତ ହୋଇଥିଲା। ସେଥିରେ ଗାଜିଆବାଦ, ନୂଆଦିଲ୍ଲୀ ଓ ନୋଏଡ଼ା ଇତ୍ୟାଦି ଅନ୍ତର୍ଭୁକ୍ତ। ୨୦୨୨ ମସିହାରେ ଏହି ସଂସ୍ଥା ପ୍ରକାଶ କରିଥିବା ରିପୋର୍ଟ ବିଶ୍ୱର ୧୩୧ଟି ଦେଶର ୭୩୨୩ ସହରର ବାୟୁରେ ଥିବା ସୂକ୍ଷ୍ମ କଣିକା ପିଏମ୍ ୨.୫ର ପରିମାଣ ଉପରେ ଆଧାରିତ। ଏହି ତାଲିକାରେ ବିଶ୍ୱର ୧୧୭ଟି ରାଜଧାନୀ ସହର ମଧ୍ୟରୁ ଦ୍ୱିତୀୟ ସର୍ବାଧିକ ପ୍ରଦୂଷିତ ରାଜଧାନୀ ଭାବେ ସ୍ଥାନିତ ହୋଇଥିଲା ଦିଲ୍ଲୀ।

ଦୀପାବଳି ପୂର୍ବ ସପ୍ତାହରେ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ଥିଲା ୩୫୧, ଯାହାକି ଅତି ନିକୃଷ୍ଟ ପର୍ଯ୍ୟାୟଭୁକ୍ତ। ଧୂଳି, ଧୂଆଁ ଓ କୁହୁଡ଼ି ଦ୍ୱାରା ଆଚ୍ଛାଦିତ ଦିଲ୍ଲୀ ନଗରୀର ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଥିଲା। କୁହୁଡ଼ିର ଗାଢ଼ ଆସ୍ତରଣ ଫଳରେ ସାମନାରେ ୨ ମିନିଟ୍‌ରୁ ଅଧିକ ପର୍ଯ୍ୟନ୍ତ କୌଣସି ବସ୍ତୁ ଦୃଶ୍ୟମାନ ହେଉନଥିଲା।

ଦିଲ୍ଲୀ ସରକାରଙ୍କ ତରଫରୁ ବାୟୁ ପ୍ରଦୂଷଣ ମାତ୍ରା ହ୍ରାସ କରିବା ନିମନ୍ତେ ଅନେକ ପ୍ରୟାସ କରାଯାଉଛି। କେବଳ ବିମାନବନ୍ଦର ଓ ରେଳ ଷ୍ଟେସନ ବ୍ୟତିରେକ ଜରୁରୀ ନଥିବା ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ବିଏସ୍ ୩ ପେଟ୍ରୋଲ ଓ ବିଏସ୍ ୫ ଡିଜେଲ୍ କାର ସହିତ, ସହର ଭିତରକୁ ଡିଜେଲ୍ ଟ୍ରକ୍ ଓ ଭାରୀଯାନ ଚଳାଚଳ ସାମୟିକ ବନ୍ଦ ରହିଥିଲା। ଦିଲ୍ଲୀ ସ୍ଥିତ ପ୍ରାଥମିକ ସ୍କୁଲଗୁଡ଼ିକ ବନ୍ଦ କରି ଦିଆଗଲା ଏବଂ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଅନ୍‌ଲାଇନ୍‌ରେ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦିଆଗଲା। ଏ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ବାୟୁର ଗୁଣବତ୍ତା ସୂଚକାଙ୍କ ସ୍ଥିତିରେ କୌଣସି ସୁଧାର ଆସି ନଥିଲା।

'ଅରକ୍ଷିତକୁ ଦଇବ ସାହା' ପରି ଏହି ଅସମ୍ଭାଳ



ପରିସ୍ଥିତିରେ ପ୍ରକୃତି ହିଁ ସହାୟତାର ହାତ ବଢ଼ାଇଲା। ଦୀପାବଳି ପୂର୍ବ ୯ ଓ ୧୦ ନଭେମ୍ବର ଦୁଇ ରାତିରେ ସାମାନ୍ୟ ହାଲକା ଓ ଅବିରତ ଝିପିଝିପି ବର୍ଷା ଫଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ହ୍ରାସ ପାଇଲା। ପୂର୍ବ ସପ୍ତାହରେ ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ଅପରାହ୍ନ ୪ଟାରେ ୪୩୧ ଅର୍ଥାତ୍ ଗମ୍ଭୀର ସ୍ତରରେ ଥିଲାବେଳେ ରାତିରେ ହଲକା ବୃଷ୍ଟିପାତ କାରଣରୁ ପରଦିନ ସକାଳ ୬ଟା ବେଳକୁ ଏହା ମଧ୍ୟମ ସ୍ତରକୁ ଖସି ଆସିଲା। ଦିଲ୍ଲୀର ଆର୍‌କେ ପୁରମ ଠାରେ ୯ ତାରିଖ ଅପରାହ୍ନରେ ଏକ୍ୟୁଆଇ ୪୪୬ (ଗମ୍ଭୀର) ଏବଂ ନୋଏଡ଼ାରେ ୪୨୫ ଥିଲାବେଳେ ୧୦ ତାରିଖ ସକାଳ ୬ଟାରେ ଏହା ଯଥାକ୍ରମେ ସନ୍ତୋଷଜନକ ଓ ଉତ୍ତମ ସ୍ଥିତିରେ ପହଞ୍ଚି ଯାଇଥିଲା। ଚଳିତ ବର୍ଷ ଦୀପାବଳି ଓ ତା' ପୂର୍ବଦିନ ଦିଲ୍ଲୀ ବାସିନ୍ଦା ବିଗତ ଆଠବର୍ଷ ମଧ୍ୟରେ ସର୍ବୋତ୍ତମ ବାୟୁ ଗୁଣବତ୍ତା ବିଶିଷ୍ଟ ପରିବେଶର ସାମନା କରିଥିଲେ। ଘନ କୁହୁଡ଼ିର ଆସ୍ତରଣ କମିଯାଇଥିଲା। ବିଷାକ୍ତ ବାୟୁ ମଣ୍ଡଳ ଅପେକ୍ଷାକୃତ ନମନୀୟ ଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତଙ୍କ ନିଷେଧାଦେଶ ସତ୍ତ୍ୱେ, ଦିଲ୍ଲୀରେ ବାଣ ଓ ଆତସବାଜି ଫୁଟିବା କାରଣରୁ ଦୀପାବଳୀ ପରଦିନ ସକାଳ ସାତଟା ବେଳକୁ ଏହି ସୂଚକାଙ୍କ ୨୭୫ ହୋଇଥିଲା ଏବଂ କ୍ରମଶଃ ବୃଦ୍ଧିପାଇ ଅପରାହ୍ନ ୪ଟା ବେଳକୁ ୩୮୪ରେ ପହଞ୍ଚିଗଲା। ଅବସ୍ଥା ଯଥା ପୂର୍ବଂ ତଥା ପରଂ। ରାସାୟନିକ ଯୁକ୍ତ ବାଣ ଫୁଟାଇବା ଫଳରେ ଦିଲ୍ଲୀର ଓଖଲା ଓ ଜାହାଙ୍ଗୀରପୁରରେ ପିଏସ୍ ୨.୫ର ମାତ୍ରା ଘନମିଟର ପ୍ରତି ୧୦୦୦ ମାଇକ୍ରୋଗ୍ରାମରୁ ଅଧିକ ହୋଇଗଲା। ସ୍ୱିଜରଲ୍ୟାଣ୍ଡର ବାୟୁ ଗୁଣବତ୍ତା ଆକଳନ କରୁଥିବା ସଂସ୍ଥାର ସୂଚନା ମୁତାବକ ଦୀପାବଳି ପରଦିନ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ପାଲଟିଗଲା। ଦିଲ୍ଲୀ ପଛକୁ ଥିଲା ପାକିସ୍ତାନର ଲାହୋର ଓ କରାଚୀ ସହର। ଭାରତର ଅନ୍ୟ ଦୁଇ ପ୍ରମୁଖ ସହର ମୁମ୍ବଇ ଓ କୋଲକାତା ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ଥିଲା। ଦିଲ୍ଲୀର ପ୍ରଦୂଷଣ ନିୟନ୍ତ୍ରଣ କମିଟି ପ୍ରଦତ୍ତ ତଥ୍ୟାନୁଯାୟୀ, ପିଏମ୍୨.୫ ଏବଂ ପିଏମ୍ ୧୦ ଆଦି ସୂକ୍ଷ୍ମ କଣିକା ଶ୍ୱାସନଳୀରେ ଯାଇ ଫୁସ୍‌ଫୁସ୍‌କୁ ନଷ୍ଟ କରିଦିଏ। ଦୀପାବଳି ପରେ ପରେ ଉଭୟର ସ୍ତର ଯଥାକ୍ରମେ ୪୫ ଓ ୩୩ ପ୍ରତିଶତ ବୃଦ୍ଧି ପାଇଥିଲା।

ବୃଷ୍ଟି ଦେବତାଙ୍କ ସୌଜନ୍ୟରୁ ଦୀପାବଳୀର ପୂର୍ବ ଦୁଇଦିନ ବାୟୁ ପ୍ରଦୂଷଣସ୍ତର ପ୍ରାୟତଃ ମଧ୍ୟମ ଓ ସନ୍ତୋଷଜନକ ସ୍ତରକୁ ଖସି ଆସିଥିଲା। କିନ୍ତୁ ଅବାଧ ବାଣ ଫୁଟାଇବା ଦ୍ୱାରା ଯେଉଁ ଧୂଆଁ ଓ ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳକୁ ନିର୍ଗତ ହେଲା, ତାହା ପୁନର୍ବାର ବାୟୁ ଗଣବତ୍ତା ସୂଚକାଙ୍କକୁ ଗମ୍ଭୀର ସ୍ତରକୁ ନେଇ ଆସିଲା। କେବଳ ଦିଲ୍ଲୀ କାହିଁକି ଦେଶର ଅନ୍ୟାନ୍ୟ ରାଜ୍ୟରେ ଏପରିକି ଆମ ରାଜ୍ୟ ଓଡ଼ିଶାର ଭୁବନେଶ୍ୱର ଓ କଟକ ସହରରେ ମଧ୍ୟ ଏହି ସୂଚକାଙ୍କ ଯଥାକ୍ରମେ ୩୫୦ ଓ ୩୫୫ ସ୍ତରକୁ ବୃଦ୍ଧି ପାଇଲା, ଯାହାକୁ ଅତି ନିକୃଷ୍ଟ ସ୍ତର ଭାବେ ବିବେଚନା କରାଯାଏ। ଦୀପାବଳୀରେ ବାଣ, ଆତସବାଜି ଫୁଟାଇବା ଯେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ, ଏ କଥା କେହି ଅସ୍ୱୀକାର କରିବେ ନାହିଁ। କିନ୍ତୁ ଏହା ଏକ ସାମୟିକ ଓ ଅସ୍ଥାୟୀ କାରଣ। ଦିଲ୍ଲୀର ବାୟୁ ପ୍ରଦୂଷଣ ପଛରେ ଥିବା ମୁଖ୍ୟ କାରଣ ମଧ୍ୟରେ ରହିଛି କୋଠାବାଡ଼ି, ରାସ୍ତାଘାଟ ନିର୍ମାଣ, ପରିବହନ, ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳ କଳ କାରଖାନା ଓ ତାପଜ ବିଦ୍ୟୁତ୍ କେନ୍ଦ୍ର, କଠିନ ବର୍ଜ୍ୟ ନିଷ୍କାସନ, ଦିଲ୍ଲୀ ଚାରିପଟେ ଥିବା ରାଜ୍ୟରେ ଫସଲ ଅମଳ ପରେ କୃଷିଜାତ ଦ୍ରବ୍ୟର ଅବଶିଷ୍ଟାଂଶ ଦହନ ଇତ୍ୟାଦି। ୨୦୧୬ ମସିହାରେ କରାଯାଇଥିବା ଏହି ଅନୁଶୀଳନର ରିପୋର୍ଟରୁ ଜଣାପଡ଼େ, ଦିଲ୍ଲୀର ବାୟୁ ମଣ୍ଡଳରେ ଥିବା ପିଏମ୍ ୨.୫ ସୂକ୍ଷ୍ମ କଣିକାର ୩୭ ପ୍ରତିଶତ ରାସ୍ତାରୁ ଆସୁଥିବା ଧୂଳିରୁ, ୨୦ ପ୍ରତିଶତ ଜୀବାଶ୍ମ ଇନ୍ଧନ ବ୍ୟବହାର କରୁଥିବା ପରିବହନରୁ, ୧୨ ପ୍ରତିଶତ ଘରୋଇ ଇନ୍ଧନ ଏବଂ ଶିଳ୍ପ ଓ କଳକାରଖାନାରୁ ନିର୍ଗତ ଧୂଆଁରୁ ୧୧.୭ ପ୍ରତିଶତ ଆସିଥାଏ। କିନ୍ତୁ ଫସଲ ଅମଳ ପରେ ନଭେମ୍ବର, ଡିସେମ୍ବର ମାସରେ ନଡ଼ା ପୋଡ଼ିରୁ ନିର୍ଗତ ପ୍ରଦୂଷିତ ପଦାର୍ଥ ଓ ଧୂଳିକଣାର ପରିମାଣ ୩୫ ରୁ ୩୮ ପ୍ରତିଶତ ବଢ଼ିଯାଏ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି କଥାକୁ ସ୍ୱୀକାର କରିଛି ଯେ ଦିଲ୍ଲୀର ସ୍ଥାୟୀ ପ୍ରଦୂଷଣର ଅନ୍ୟତମ ମୁଖ୍ୟ କାରଣ ହେଉଛି ଏହାର ଭୌଗୋଳିକ ସ୍ଥିତି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ ଚାରିପଟେ ସ୍ଥଳଭାଗ ଦ୍ୱାରା ଆଚ୍ଛାଦିତ। ଉପକୂଳବର୍ତ୍ତୀ ସହର ଚେନ୍ନାଇ ପରି ନୁହେଁ, ଯେଉଁଠି ଦିଲ୍ଲୀ ତୁଳନାରେ ପରିବହନ ଜନିତ ପ୍ରଦୂଷଣ ଅଧିକ ଥିଲେ ମଧ୍ୟ, ପ୍ରଦୂଷିତ ବାୟୁ ସହଜରେ ଖୋଲା ସମୁଦ୍ର ଆଡ଼କୁ ନିଷ୍କାସିତ ହୋଇଯାଏ। ସାଧାରଣତଃ ଗ୍ରୀଷ୍ମ ଓ ବର୍ଷା ଋତୁରେ ଅନୁକୂଳ ବାୟୁ ପ୍ରବାହ ଏବଂ ପାଣିପାଗ ହେତୁ ଦିଲ୍ଲୀ ଆକାଶରୁ ପ୍ରଦୂଷିତ ବାୟୁ ଚତୁଃଦିଗକୁ ପ୍ରସାରିତ ବା ବ୍ୟାପ୍ତ ହୋଇଯାଇଥାଏ। କିନ୍ତୁ ମୌସୁମୀ ବାୟୁ ଫେରିଗଲା ପରେ ବାୟୁ ପ୍ରବାହ କ୍ରମଶଃ ସ୍ଥିର ହୋଇଯାଏ। ଏଇ ସମୟରେ ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ହେଉଥିବା ଶୀତଳ ଓ ଶୁଷ୍କ ବାୟୁ ଉତ୍ତର-ଭାରତ ଉପମହାଦେଶ ଏପରିକି ପାକିସ୍ତାନ ପଟୁ ମଧ୍ୟ ପ୍ରଦୂଷଣ ଓ ଧୂଆଁ ସାଙ୍ଗରେ ନେଇ ଆସେ। ଶୀତଋତୁ ଆସିବା ସହିତ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ। ଉତ୍ତରପଟେ ହିମାଳୟ ପର୍ବତ ଉତ୍ତର-ଭାରତର ପ୍ରଦୂଷିତ ବାୟୁ ପ୍ରବାହକୁ ରୋକିଦିଏ। ତେଣୁ ବାୟୁମଣ୍ଡଳର ତଳସ୍ତରରେ ଧୂଳିକଣା ଓ ଧୂଆଁ ଜମି ରୁହେ। ତଳସ୍ତରରେ ଥିବା ପ୍ରଦୂଷିତ ଧୂଆଁ ଓ କୁହୁଡ଼ି ସ୍ମଗରେ ପରିଣତ ହୋଇ ବାୟୁ ଗୁଣବତ୍ତା ସୂଚକାଙ୍କରେ ଅବନତି ଘଟାଏ। ଦୃଶ୍ୟପଟ୍ଟର ପରିସୀମା ସଂକୁଚିତ ହୁଏ, ଶ୍ୱାସକ୍ରିୟା କଷ୍ଟକର ହୁଏ। ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଏ। ଆସନ୍ତା ନଭେମ୍ବର ୨୦ ଓ ୨୧ ତାରିଖରେ ଦିଲ୍ଲୀ ସରକାର 'କ୍ଲାଉଡ୍ ସିଡିଙ୍ଗ' କରି କୃତ୍ରିମ ବର୍ଷା କରାଇବାର ଯୋଜନା ରଖିଛନ୍ତି। ପ୍ରାକୃତିକ ହେଉ ବା କୃତ୍ରିମ ହେଉ, ବାୟୁ ପ୍ରଦୂଷଣ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ବର୍ଷା ହିଁ ଅମୋଘ ଅସ୍ତ୍ର। ଅତଃ ବୃଷ୍ଟି ଦେବାୟ ନମଃ।

# ଶିଶୁ ଅଧିକାର ସୁରକ୍ଷା




ସୁବ୍ରତ ଦାସ
ଭଦ୍ରକ, ମୋ: ୯୪୩୭୭୩୧୯୦୩


ପ୍ରତ୍ୟେକ ଶିଶୁ ଭିତରେ ଥାଏ ଏକ ଅଫୁରନ୍ତ ଶକ୍ତି। ସେ ଶକ୍ତିର ବିକାଶ, ତା' ପରିବାରରୁ ବିକଶିତ ହୋଇଥାଏ। ପ୍ରତ୍ୟେକ ଶିଶୁକୁ ଶିଶୁକୈନ୍ଦ୍ରିକ ପରିବେଶ ଯୋଗାଇବା ଆମର ପ୍ରଥମ ଓ ପ୍ରାରମ୍ଭିକ କର୍ତ୍ତବ୍ୟ। ଯଦି ସେ କର୍ତ୍ତବ୍ୟ ଓ ଦାୟିତ୍ୱରୁ ପରିବାର ବା ଅଭିଭାବକ ବଞ୍ଚିତ କରନ୍ତି, ଶିଶୁ ହୁଏ ଜିଦ୍‌ଖୋର ଓ ଏକଜିଦିଆ। ଏତଦ୍‌ଭିନ୍ନ ପରିବାରରେ ପିତାମାତା ଶିଶୁକୁ ଚିହ୍ନିବା ଆବଶ୍ୟକ। ନିଜର ଭାବନା, ନିଜର ଇଚ୍ଛାକୁ ଶିଶୁ ଉପରେ ଅନ୍ୟଥା ନ ଲଦିଦେବା ଉଚିତ୍।

ପ୍ରତ୍ୟେକ ଶିଶୁର ସହନଶୀଳତା ଗୁଣ ଥାଏ। ଯେତେବେଳେ ତାହା ବ୍ୟାଘାତ ହୁଏ ଶିଶୁ ଆନମନା ହୋଇପଡ଼େ। ଶିଶୁର ସୂକ୍ଷ୍ମ ମସ୍ତିଷ୍କରେ ଭିନ୍ନ ଆଚରଣ ସୃଷ୍ଟି ହୁଏ। ପ୍ରତ୍ୟେକ ପରିବାରରେ ପିତାମାତାମାନେ ଶିଶୁର ମାନସିକତାକୁ ବୁଝିବା ଏବଂ ଉପଲବ୍ଧି କରିବା ଉଚିତ୍। ପ୍ରତ୍ୟେକ ପରିବାରରେ ପିତାମାତାଙ୍କର କର୍ମଜଞ୍ଜାଳ ହେଉ ଅବା ବ୍ୟସ୍ତବହୁଳ ଜୀବନ ହେଉ ଅବା ପିତାମାତାଙ୍କର ପାରିବାରିକ ତିକ୍ତତା, ପାରିବାରିକ ବିଶୃଙ୍ଖଳା, ଲାଳନପାଳନର ଅକ୍ଷମତା, ପିତାମାତାଙ୍କର ସ୍ନେହ ଆଦରରୁ ବଞ୍ଚିତ ହେବା ଶିଶୁର ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ କ୍ଷତି ଘଟାଇ ଥାଏ।

ବହୁ କର୍ମଜୀବୀ ମହିଳା ଓ ପୁରୁଷମାନେ ନିଜ ବୃତ୍ତିଗତ ପେଷା ପାଇଁ ଶିଶୁର ଦାୟିତ୍ୱକୁ ଅନ୍ୟ ଉପରେ ଲଦି ଦେଇଥା'ନ୍ତି। ମାତ୍ର ପିତାମାତାଙ୍କର ସ୍ନେହ ଅଭାବ ଶିଶୁ ଉପରେ ଗଭୀର ଚାପ ପକାଇଥାଏ। ଶିଶୁ ପଡ଼ିଯାଏ ଶାନ୍ତ। ଶିଶୁର ମୁଖମଣ୍ଡଳ ଦିଶେ ନିରସ। ନିଃସଙ୍ଗପଣିଆ ଶିଶୁକୁ ଆଦରେଇଥାଏ। ଗୁମସୁମ୍ ରହିବା, ଏକଜିଦିଆ ହେବା, ଚିଡ଼ଚିଡ଼ା ପଣ ଦେଖାଦେବା ଇତ୍ୟାଦି ସ୍ୱଭାବ ପରିଲକ୍ଷିତ ହୋଇଥାଏ। ଆହୁରି ଅନେକାଂଶରେ ଶିଶୁର ଶାରୀରିକ ଓ ମାନସିକ ବିକାଶର ଅଭିବୃଦ୍ଧି ନ ହେବାର ଲକ୍ଷଣମାନ ମଧ୍ୟ ଦେଖାଦେଇଥାଏ। ଯେପରି ଶିଶୁ ବହୁଦିନ ପର୍ଯ୍ୟନ୍ତ କଥାକହି ନ ପାରିବା, ଶିଶୁର ଚପଳାମି ଦେଖା ନ ଦେବା, ଶିଶୁର ପାର୍ଶ୍ୱକ୍ରିୟା ଲକ୍ଷଣ ନଜର ଆସିବା, ଶିଶୁର ମୁଖରେ ହସ ନ ଫୁଟିବା, ଚିନ୍ତାଶୀଳ ଦେଖାଦେବା, ଶାରୀରିକ ବିକାଶର ବାଧା



ଉପୁଜିବା, ଶରୀର ରୋଗାଗ୍ରସ୍ତ ହେବା, ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ ନ କରିବା ଇତ୍ୟାଦି ତାକୁ ସାମାଜିକ ଗୋଷ୍ଠୀ ସହଭାଗିତାରୁ ବଞ୍ଚିତ କରେ। ଶିଶୁ ଯଦି ସର୍ବଦା ନିଃସଙ୍ଗ ପରିବେଶରେ ରହେ, ସାମାଜିକ ଗୋଷ୍ଠୀରେ ସାଙ୍ଗସାଥୀ ମେଳରେ ନ ଆସେ, ଖେଳକୁଦ, ପର୍ବପର୍ବାଣି, ଉତ୍ସବ, ମଉଜ-ମଜଲିସରେ ଅଂଶୀଦାର ନ ହୁଏ, ସେ ନିଜକୁ ଅସହାୟ ଏକାକୀ ମନେ କରେ।

ଏହାର ନିରାକରଣ ସ୍ୱରୂପ ପ୍ରଥମତଃ, ଆମ୍ଭେ ପିଲାମାନଙ୍କୁ ତାଗିଦ୍ ନ କରି ତାରିଫ ବା ପ୍ରଶଂସା କରିବା ଉଚିତ୍। ପିଲାମାନଙ୍କୁ ସାହସ ଦେବାକୁ ଚେଷ୍ଟା କରିବା ଉଚିତ୍। ପିଲାମାନେ ଭୁଲ କଲେ ଶିଖିବାର ରାସ୍ତା ଖୋଜିବାର ପ୍ରୟାସରେ ଲାଗି ପଡ଼ନ୍ତି; କାରଣ ପିଲାମାନଙ୍କ ମସ୍ତିଷ୍କରେ ଥାଏ ଜିଜ୍ଞାସୁର ଶକ୍ତି। ଯେଉଁ କାର୍ଯ୍ୟ ପାଇଁ ପିଲାମାନଙ୍କୁ ବାରଣ ବା ତାଗିଦ୍ କରୁ ପିଲାମାନେ ସେହି କାର୍ଯ୍ୟପାଇଁ ସର୍ବଦା ତତ୍ପରତା ପ୍ରକାଶ କରନ୍ତି। କଦାପି ପିଲାମାନଙ୍କ ଜିଜ୍ଞାସାରେ ବାଧା ଉପୁଜିବା ପାଇଁ ଚେଷ୍ଟିତ ନ ହେବା ଉଚିତ୍।

ଆମ ଶିଶୁ ଅସାଧାରଣ ପ୍ରତିଭାର ଅଧିକାରୀ। କେବେ ଶିଶୁମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖିବାକୁ ଉଚିତ୍ ନୁହେଁ। କାରଣ ଶିଶୁମାନେ ଖୁବ୍ ଶୀଘ୍ର ଶିକ୍ଷାଲାଭ କରିପାରନ୍ତି ଏବଂ ଅନୁମାନ କରିପାରନ୍ତି। ଆଜିର ବିଜ୍ଞାନ ଯୁଗରେ ଶିଶୁମାନେ କୌଶଳରେ ମୋବାଇଲ ଚାଳନା, ଟି.ଭି, ଗେମ୍ ଖେଳିବା ଭଳି ଯାନ୍ତ୍ରିକ ବିଦ୍ୟାର କୌଶଳ ଖୁବ୍ ଶୀଘ୍ର ଶିଖିପାରୁଛନ୍ତି। ଇନଷ୍ଟାଗ୍ରାମ୍ ହେଉ, ଫେସବୁକ୍ ହେଉ, ରିଲ୍‌ସ୍ ହେଉ ଅବା ଭିଡିଓ ସୁଟିଂ, ଶିଶୁମାନେ ସବୁଥିରେ ପାରଦର୍ଶୀ ହେବାର ଦେଖାଯାଉଛି। ଏବର ଶିଶୁମାନଙ୍କୁ କେବଳ ଆମ ପିତାମାତାମାନେ ସୁବିଧା ସୁଯୋଗ ଯୋଗାଇଦେବା ସହ ସାହସ ସୃଷ୍ଟି କରିବାର ଆବଶ୍ୟକତା ଅଛି।

ଶିଶୁ ହିଁ ସ୍ରଷ୍ଟାର ଅନବଦ୍ୟ ସୃଷ୍ଟି। ପ୍ରତ୍ୟେକ ଶିଶୁର ବଞ୍ଚିବାର ଅଧିକାର ଅଛି। ପ୍ରତ୍ୟେକ ଶିଶୁ ସମାଜର ଆଲୋକ ଦେଖିବାର ଅଧିକାର ଅଛି। ଶିଶୁ ଅନାୟସରେ ଜନ୍ମ ହେବା ସହ ପରିବାରର ଖୁସି, ଆଦର, ସ୍ନେହ, ମମତା, ବାତ୍ସଲ୍ୟପଣରେ ସାମିଲ ହେବା ଆବଶ୍ୟକ। ଯଦି ତନ୍ମଧ୍ୟରୁ କୌଣସି ଗୋଟିକରେ ଅଭାବ, ଅବହେଳା ପରିଲକ୍ଷିତ ହୁଏ, ଶିଶୁ ହୁଏ ଅବହେଳିତ, ଅସୁରକ୍ଷିତ ବା ସମାଲୋଚ୍ୟ। ଶିଶୁର ଜନ୍ମ ଯେପରି ଅଧିକାର, ସୁରକ୍ଷା ମଧ୍ୟ ସେହିଭଳି ଅଧିକାର। ସେ ଯେପରି ସମସ୍ତ ରୋଗ, ଦୁଃଖ, ଯନ୍ତ୍ରଣା ଓ ଯାତନାରୁ ସୁରକ୍ଷିତ ରହେ ତାହା ନିଶ୍ଚିତ କରିବା ପ୍ରତ୍ୟେକ ପରିବାରର କର୍ତ୍ତବ୍ୟ। ପରିବାରରେ ଶିଶୁର ଶାରୀରିକ, ମାନସିକ ବୃଦ୍ଧି ପାଇଁ ସମସ୍ତ ପୁଷ୍ଟି, ସୁଷମ ଓ ସନ୍ତୁଳିତ ଆହାର ଯୋଗାଇଦେବା ନିତାନ୍ତ ଆବଶ୍ୟକ। ତତ୍‌ସହ ଯେତେବେଳେ ସାମାଜିକ ଗୋଷ୍ଠୀରେ ଶିଶୁ ନିଜ ସାଥୀ, ସାଙ୍ଗ ମେଳରେ ନିଜର ଭାବନାକୁ ଆଦାନ ପ୍ରଦାନ କରେ, ମସଗୁଲ ହୁଏ, ସେତେବେଳେ ସେ ପ୍ରଫୁଲ୍ଲିତ ହୁଏ। ତା'ର ମାନସିକ, ଶାରୀରିକ, ଭୌତିକ ବିକାଶ ହୁଏ। ସେ ସମସ୍ତ ଅଧିକାର ଶିଶୁ ପାଇଁ ଅପରିହାର୍ଯ୍ୟ। ପ୍ରତି ଶିଶୁ ଓ ପ୍ରତ୍ୟେକ ଶିଶୁର ଅଧିକାର ପ୍ରତି ପରିବାର ପ୍ରତ୍ୟେକ ସଦସ୍ୟ, ସମାଜ ଓ ପରିବେଶ ଅନୁକୂଳ ହେବା ବାଞ୍ଛନୀୟ। ଯଦି କୌଣସି ବ୍ୟକ୍ତି ଶିଶୁଙ୍କ ଅଧିକାର ଉଲ୍ଲଘଂନ କରେ ସେ ଅପରାଧୀ ବୋଲି ବିବେଚିତ ହେବା ଶିରୋଧାର୍ଯ୍ୟ।

କୌଣସି ପରିସ୍ଥିତିରେ କୌଣସି ଶିଶୁକୁ ଶାରୀରିକ ଓ ମାନସିକ ଶୋଷଣ, ନିର୍ଯାତନା, ଯନ୍ତ୍ରଣା, ଦେଲେ ଦଣ୍ଡବିଧାନ ବ୍ୟବସ୍ଥା ଅଛି। ସେଥିପାଇଁ ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥାମାନ କାର୍ଯ୍ୟ କରୁଛନ୍ତି। କୌଣସି ପରିସ୍ଥିତିରେ ଶିଶୁ ଅସୁରକ୍ଷିତ ମନେ ନ କରିବା ଉଚିତ୍। ପ୍ରତି ଶିଶୁକୁ ସମ୍ମାନ ଓ ପ୍ରତ୍ୟେକ ଶିଶୁର ଅଧିକାରକୁ ସମ୍ମାନ ଦେବା ଉଚିତ୍। ପ୍ରତ୍ୟେକ ଶିଶୁର ଅଧିକାର ସମାଜରେ ସଙ୍ଗଠିତ ହେବା, ସାଥୀମେଳରେ ଜୀବନ ବିତେଇବା, ସୁଷମ ଖାଦ୍ୟ ଖାଇବା, ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଧ୍ୟେୟ ହେଉ। ତେବେ ଯାଇ ଶିଶୁ ଅଧିକାର ସୁରକ୍ଷିତ ହୋଇପାରିବ। ଶିଶୁ ସୁରକ୍ଷା ବଳବତ୍ତର ହୋଇ ରହିବ।

# ଆଜି ସରିବ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପଞ୍ଜୀକରଣ

## ଜାନୁଆରୀ ୧୫ ସୁଦ୍ଧା ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୧୯।୧୧ (ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ସୋମବାର ଶେଷ ହେବ। ଛାତ୍ରଛାତ୍ରୀମାନେ www.oav.edu.in ୱେବ୍‌ସାଇଟ୍‌ରେ ନାମ ପଞ୍ଜୀକରଣ କରିପାରିବେ। ରାଜ୍ୟରେ ଥିବା ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ହେବ। ଉପଲବ୍ଧ ଥିବା ସମସ୍ତ ସିଟ୍ ମଧ୍ୟରୁ ୫୦ପ୍ରତିଶତ ସିଟ୍ ଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ଜାନୁଆରୀ ୧୫ ସୁଦ୍ଧା ପ୍ରବେଶିକା ପରୀକ୍ଷା ହୋଇ ଫେବୃଆରୀ ୧୫ ମଧ୍ୟରେ ଫଳ ପ୍ରକାଶ ପ୍ରକାଶ ପାଇବ। ମାର୍ଚ୍ଚ ୧୫ରେ ମେଧା ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ଏପ୍ରିଲ ୨ରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧୧୭ଟି ଆଦର୍ଶ ବିଦ୍ୟାଳୟରେ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହେଉଛି। ସିବିଏସ୍‌ଇ ଶୈଳୀରେ ଏଠାରେ ଶିକ୍ଷାଦାନ କରାଯାଉଥିବା ବେଳେ ପ୍ରଶିକ୍ଷିତ ଓ ଅଭିଜ୍ଞ ଶିକ୍ଷକ/ଶିକ୍ଷୟିତ୍ରୀ ପାଠପଢ଼ା ପାଇଁ ନିୟୋଜିତ ଅଛନ୍ତି।

# ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ମୃତ୍ୟୁର ଆରମ୍ଭ ହେବ ଅଡିଟ୍

**ଭୁବନେଶ୍ୱର,୧୯।୧୧(ସମିସ):** ମ୍ୟାଲେରିଆ, ଡେଙ୍ଗୁ ଏବଂ ଜାପାନୀ ଜ୍ୱରକୁ ରାଜ୍ୟ ସରକାର ବିଜ୍ଞପିତ ରୋଗ ଘୋଷଣା କରିଥିବା ବେଳେ ଏହି ମୃତ୍ୟୁ ପାଇଁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରୋକ୍ତ ତିନିରୋଗରେ ପ୍ରତ୍ୟେକ ମୃତ୍ୟୁର ଅଡିଟ୍ କରିବା ଲାଗି ଗତ ଅଗଷ୍ଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ଏହି ମୃତ୍ୟୁର କାରଣ ସ୍ପଷ୍ଟ କରିବା ଲାଗି ମହାମାରୀ ବିଜ୍ଞାନ ଅନୁସନ୍ଧାନ କରାଯିବ। ମ୍ୟାଲେରିଆ, ଡେଙ୍ଗୁ ଏବଂ ଜାପାନୀ ଜ୍ୱରର ସମୂଳ ନାଶ ଲକ୍ଷ୍ୟ ନେଇ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ତେବେ ମୃତ୍ୟୁର ସଠିକ୍ କାରଣ ଜାଣିବା ଏଥିପାଇଁ ଜରୁରୀ ହେବ। ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ଲାଗି ବିଭାଗ ପକ୍ଷରୁ ସବୁ ଜିଲ୍ଲା କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ ମୃତ୍ୟୁର ଅଡିଟ୍ ପାଇଁ ଜିଲ୍ଲା ସ୍ତରରେ ଏକ କମିଟି ଗଠନ

## କାର୍ଯ୍ୟାନୁଷ୍ଠାନ ପାଇଁ ସବୁ ଜିଲ୍ଲାକୁ ନିର୍ଦ୍ଦେଶ

କରାଯିବ। ଏଥିରେ ସମ୍ପୃକ୍ତ ସିଡିଏମ୍ଓ/ ପିଏଚ୍ଓ ମୁଖ୍ୟ ରହିବେ ଏବଂ ଜିଲ୍ଲା ହସ୍ପିଟାଲ/ ସବ୍-ଡିଭିଜନ୍ ହସ୍ପିଟାଲ/ସିଏଚ୍‌ସି ଅଧୀକ୍ଷକ, ବିଶେଷଜ୍ଞ ଡାକ୍ତର (ମେଡିସିନ୍/ ଶିଶୁ/ ଆଇସିୟୁ ଅଧିକାରୀ) ସଦସ୍ୟ ନିଯୁକ୍ତ ହେବେ। ସେହିପରି ମହାନଗର ନିଗମ ଅଞ୍ଚଳ କମିଟିରେ ସିଡିଏମ୍ ଏବଂ ପିଏଚ୍ଓ, ଏଡିପିଏଚ୍ଓ ଏବଂ ବିଷୟବସ୍ତୁ ସମ୍ପର୍କିତ ବିଶେଷଜ୍ଞ ଡାକ୍ତର ସଦସ୍ୟ ରହିବେ। ଅପରପକ୍ଷେ ମୃତ୍ୟୁର ଏପିଡେମିଓଲୋଜିକାଲ ଅନୁସନ୍ଧାନ ପାଇଁ ଗଠିତ କମିଟିରେ ଏଡିପିଏଚ୍ଓ (ଭିବିଡି), ଏପିଡେମିଓଲୋଜିଷ୍ଟ, ଭିବିଡି ବିଶେଷଜ୍ଞ, ମାଇକ୍ରୋବାୟୋଲୋଜିଷ୍ଟ, ସିଏଚ୍‌ସିର ଭାରପ୍ରାପ୍ତ ଅଧିକାରୀ ରହିବେ। ତଦନ୍ତ ଆରମ୍ଭ କରିବାର ୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ଜରୁରୀ ହେବ। ଏଥିସହ ରିପୋର୍ଟରେ ସାମ୍ପ୍ରତିକ ସ୍ଥିତି ଏବଂ ସମସ୍ୟା ସମାଧାନ ପାଇଁ ପ୍ରସ୍ତାବ ଦିଆଯିବ। ବିଭାଗ ପକ୍ଷରୁ ଗଠିତ ରାଜ୍ୟସ୍ତରୀୟ କମିଟିର ଅଧ୍ୟକ୍ଷ ଥିବା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ (ଜନସ୍ୱାସ୍ଥ୍ୟ) ନିୟମିତ ଭାବେ ସ୍ଥିତିର ସମୀକ୍ଷା କରିବେ। ଏହି କମିଟିରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଡିଏମ୍‌ଇଟି, ନର୍ସିଂ ନିର୍ଦ୍ଦେଶକ, ରକ୍ତ ସୁରକ୍ଷା ନିର୍ଦ୍ଦେଶକ, ବିଭାଗର ଯୁଗ୍ମ ସଚିବ (ଯୋଜନା)ଙ୍କ ସମେତ ମେଡିକାଲ କଲେଜର ମେଡିସିନ୍, ଶିଶୁରୋଗ ଏବଂ ଏସ୍‌ପିଏମ୍ ବିଶେଷଜ୍ଞ ସଦସ୍ୟ ରହିଛନ୍ତି।

ସ୍ୱାସ୍ଥ୍ୟବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ଉପରୋକ୍ତ ରୋଗରେ ବହୁ ଲୋକଙ୍କ ପ୍ରାଣ ଯାଉଛି। ତେଣୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହାର ମୁକାବିଲା ପାଇଁ ନିଦାନ, ଚିକିତ୍ସାଠାରୁ ଆରମ୍ଭ କରି ଅନେକ ବ୍ୟବସ୍ଥା କରିଛନ୍ତି। ହେଲେ ରୋଗର ପ୍ରଭାବୀ ମୁକାବିଲା ପାଇଁ ବିସ୍ତୃତ ତଥ୍ୟର ଆବଶ୍ୟକତା ରହିଛି। ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସେବାକୁ ନେଇ ବିଭାଗ ଅଡିଟ୍ ବ୍ୟବସ୍ଥା କରିଛି। ଉକ୍ତ ତିନି ରୋଗ ପାଇଁ ଅଡିଟ୍ ସହିତ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷାନିରୀକ୍ଷା କରିବାର ଆବଶ୍ୟକତା ଅଛି।

## ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ

# ଦେଶର ଏକତା ହିଁ ପ୍ରଗତିର ବଳିଷ୍ଠ ମାଧ୍ୟମ: ମନ୍ତ୍ରୀ




**ଭୁବନେଶ୍ୱର, ୧୯ ।୧୧(ସମିସ):** ଭାରତୀୟ ଜାତୀୟ ସଂହତି ଆମର ଗର୍ବ ଓ ଗୌରବ। ଆମ ଜାତୀୟ ସଂହତି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ତେଣୁ ଜାତି, ଧର୍ମ, ବର୍ଣ୍ଣ ଓ ଭାଷା ଆଦି ସଂକୀର୍ଣ୍ଣ ଭାବନାରୁ ଊର୍ଦ୍ଧ୍ୱକୁ ଯାଇ ଆଗକୁ ବଢ଼ିପାରିଲେ, ଏକ ନୂଆ ଭାରତବର୍ଷ ଗଠନ ସ୍ୱପ୍ନ ସମ୍ଭବ ହେବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତି, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଛନ୍ତି।

ମନ୍ତ୍ରୀ ଶ୍ରୀ ବେହେରା ଆହୁରି କହିଥିଲେ ଯେ ଯୁବକମାନେ ଦେଶର ଭବିଷ୍ୟତ। ସେମାନେ ଏକାଠି ହୋଇ ଏକତା, ସାର୍ବଭୌମ୍ୟ ଓ ଜାତୀୟ ସଂହତି ବଜାୟ ରଖିବା ଦିଗରେ କାର୍ଯ୍ୟ କଲେ, ଦେଶର ପ୍ରଗତିର ଶୀର୍ଷସ୍ତରରେ ପହଞ୍ଚିବ।

ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ସଭାପତି ବିଧାୟକ ସୁରେଶ କୁମାର ରାଉତରାୟ ଇନ୍ଦିରା ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱ ଓ ଦେଶରେ ଶାନ୍ତି ବଜାୟ ରଖିବା ପାଇଁ ତାଙ୍କ ଉଦ୍ୟମ ସଂପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୂର୍ଯ୍ୟ ନାରାୟଣ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ବୈଦେଶିକ ନୀତି, ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ତାଙ୍କ ଉଦ୍ୟମ ବିଷୟରେ ବର୍ଣ୍ଣନା କରିଥିଲେ।

ଏହି ଅବସରରେ ଚିତ୍ତ ରଞ୍ଜନ ବିଶ୍ୱାଳଙ୍କ ଦ୍ୱାରା ଲିଖିତ ପୁସ୍ତକ 'ସ୍ୱପ୍ନ ନିରନ୍ତର' ଉନ୍ମୋଚିତ ହୋଇଥିଲା। ସେହିପରି ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବିଶିଷ୍ଟ ପାଲାଗାୟକ ଖଗେଶ୍ୱର ମାର୍ଥା ଏବଂ ସାଥୀ କଳାକାରଙ୍କ ଦ୍ୱାରା 'ଜାତୀୟ ସଂହତି' ଉପରେ ଆଧାରିତ ପାଲା ପରିବେଷଣ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଓ ସମିତିର ସାଧାରଣ ସମ୍ପାଦକ ଅମିୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବକୁ ତନୁଜା ମହାନ୍ତି ସଞ୍ଚାଳନା କରିଥିଲେ।

■ ସଶକ୍ତ ହେବେ ମିଶନ ଶକ୍ତି ମହିଳା ଉଦ୍ୟୋଗୀ

# ଦୁବାଇରେ ଶିଖିଲେ ଅଭିନବ ବ୍ୟବସାୟ ମଡେଲ



**ଭୁବନେଶ୍ୱର,୧୯ ।୧୧(ସମିସ):** ଦୁବାଇ ଗସ୍ତରୁ ଫେରିଥିବା ମିଶନ୍ ଶକ୍ତି ବିଏଲ୍‌ଏଫ୍‌ର ମୁଖ୍ୟମାନଙ୍କୁ ରବିବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ସମ୍ବର୍ଦ୍ଧିତ କରାଯାଇଛି। ମିଶନ ଶକ୍ତି ବିଭାଗର ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ ସମସ୍ତଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ବିଶ୍ୱସ୍ତରରେ ମହିଳା ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବା ପାଇଁ ଗତ ୧୫ ତାରିଖରୁ ତିନିଦିନିଆ ଗସ୍ତରେ ୨୦ଟି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ୩୬ ଡିଏଲ୍‌ଏଫ୍ ଓ ବିଏଲ୍‌ଏଫ୍ ଉଦ୍ୟୋଗୀ ଦୁବାଇ ଗସ୍ତ କରିଥିଲେ। ସେଠାରେ ସେମାନେ ସାଂସ୍କୃତିକ ଓ ବିଭିନ୍ନ ଶିକ୍ଷଣୀୟ ଅନୁଭୂତି ପାଇ ପାରିଛନ୍ତି। ବିଶ୍ୱସ୍ତରୀୟ ନେତାଙ୍କ ସହ ଆଲୋଚନା କରିବା ଏବଂ ଅଭିନବ ବ୍ୟବସାୟିକ ମଡେଲକୁ ଅନ୍ୱେଷଣ କରିବାର ସୁଯୋଗ ପାଇଛନ୍ତି। ବିବିଧ ବଜାର ଏବଂ ଉଦ୍ୟୋଗ ପରିଦର୍ଶନ ଫଳରେ ସେମାନଙ୍କ ଦୃଷ୍ଟିକୋଣରେ ବ୍ୟାପକ ଉନ୍ନତି ପରିଲକ୍ଷିତ ହୋଇଥିବା ବିଏଲ୍‌ଏଫ୍ ସଭାପତି ମୀନା କୁମାରୀ ସ୍ୱାଇଁ କହିଛନ୍ତି। ଅପରପକ୍ଷେ ଦୁବାଇ ଗସ୍ତର ସୁଯୋଗ ଦେଇଥିବାରୁ ମହିଳାମାନେ ମୁଖ୍ୟମନ୍ତ୍ରୀ

## ମିଶନ୍ ଶକ୍ତି ବିଏଲ୍‌ଏଫ୍ ମୁଖ୍ୟଙ୍କୁ ସମ୍ବର୍ଦ୍ଧନା

ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସୂଚନାଯୋଗ୍ୟ, ସାମାଜିକ ଓ ଆଞ୍ଚଳିକ ରୂପାନ୍ତରଣରେ ମହିଳାଙ୍କ ଭୂମିକାକୁ ହୃଦୟଙ୍ଗମ କରି ମହିଳା କୈନ୍ଦ୍ରିକ ନୀତି ଓ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି। ୬ଲକ୍ଷ ସ୍ୱୟଂସହାୟକ ଗୋଷ୍ଠୀର ୭୦ଲକ୍ଷରୁ ଅଧିକ ମହିଳାଙ୍କୁ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କରି ସଶକ୍ତ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ଅଭିନବ କାର୍ଯ୍ୟଶୈଳୀ ମାଧ୍ୟମରେ ବିଭିନ୍ନ ସୁଯୋଗ ସୃଷ୍ଟି କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଉ ପାଦେ ଆଗେଇ ସ୍ୱୟଂ ସହାୟକ ଗୋଷ୍ଠୀକୁ ମହିଳା ଉଦ୍ୟୋଗରେ ପରିଣତ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଆନୁକୂଲ୍ୟରେ ମିଶନ ଶକ୍ତିର ସଫଳତାକୁ ପ୍ରଦର୍ଶିତ କରିବା ଏବଂ ଏହାର ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରରେ ପରିଚୟ ଦେବା ପ୍ରୟାସରେ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟୋଗୀଙ୍କୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପରିଦର୍ଶନର ସୁଯୋଗ ଯୋଗାଇ ଦେଇଛନ୍ତି। ଏହି ପ୍ରତିନିଧିଦଳ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ନବୀନ ନିବାସରେ ସାକ୍ଷାତ କରି ଗସ୍ତ ସମୟର ଅନୁଭୂତି ବଖାଣିଛନ୍ତି।

## ନେଚର୍ କେୟାର୍ ଇନିସିଏଟିଭ୍‌ର ଜାତୀୟ ସମ୍ମିଳନୀ

# 'ଜଳାଶୟର ସଂରକ୍ଷଣ ଭୂତଳ ଜଳସ୍ତର ହ୍ରାସକୁ ରୋକିପାରିବ'

**ଭୁବନେଶ୍ୱର,୧୯ ।୧୧(ସମିସ):** ଭୂତଳ ଜଳସ୍ତର ହ୍ରାସ ରୋକିବା ନିମନ୍ତେ ପୋଖରୀ ଏବଂ ଜଳାଶୟଗୁଡ଼ିକର ସଂରକ୍ଷଣ ଅତ୍ୟନ୍ତ ଜରୁରୀ। ଏଥିପାଇଁ ପ୍ରତ୍ୟେକ ନାଗରିକ ଆଗେଇ ଆସିବା ଉଚିତ। ଭୁବନେଶ୍ୱରସ୍ଥିତ ଲା' ଫ୍ରାଙ୍କିଲିନ୍ ହୋଟେଲରେ ନେଚର୍ କେୟାର ଇନ୍‌ସିଏଟିଭ୍ ପକ୍ଷରୁ ଆୟୋଜିତ 'କ୍ଲାଇମେଟ୍ ଚେଞ୍ଜ୍ ଆଣ୍ଡ ରିଜିଲିଆନ୍ସ ଡେଭଲପମେଣ୍ଟ' ଶୀର୍ଷକ ଜାତୀୟ ସମ୍ମିଳନୀରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୀବ ପାଣିଗ୍ରାହୀ ଏପରି ଆହ୍ୱାନ ଦେଇଛନ୍ତି।

ଜଷ୍ଟିସ୍ ଶ୍ରୀ ପାଣିଗ୍ରାହୀ ଆହୁରି କହିଥିଲେ ଯେ ପ୍ରକୃତି ହିଁ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିପାରିବ।




ହେନ୍ତାଳ ବଣ ଦ୍ୱାରା ସାମୁଦ୍ରିକ ବାତ୍ୟାର ଭୟାବହତା କମ୍ ହେଉଛି; କୌଣସି କଂକ୍ରିଟ୍ ପାହାଡ଼ ଏ ଦୁର୍ବିପାକକୁ ଅଟକାଇପାରିବ ନାହିଁ।

ସମ୍ମାନିତ ଅତିଥି ରାଜ୍ୟସଭା ସାଂସଦ ରାଜୀବ କୁମାର କହିଥିଲେ, କ୍ଲାଇମେଟ୍ ଚେଞ୍ଜ ଆକ୍ସନ୍ ପ୍ଲାନ୍ ଲାଗୁ କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ପ୍ରଥମ ରାଜ୍ୟ ଭାବେ ଗ୍ରିନ୍ ବଜେଟ୍ ଉପସ୍ଥାପନା କରିବା ସହ ଗ୍ରିନ୍ କ୍ଲାଇମେଟ୍ ଫଣ୍ଡର ବି ବ୍ୟବସ୍ଥା କରାଯାଇଛି। ସେହିପରି ସବୁଜ ଉର୍ଜା ଉତ୍ପାଦନ କ୍ଷେତ୍ରରେ ମଧ୍ୟ ରାଜ୍ୟର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ୭ବର୍ଷ ମଧ୍ୟରେ ଓଡ଼ିଶାରେ ୧୦ ହଜାର ମେଗାୱାଟ୍ ସବୁଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବାର ଲକ୍ଷ୍ୟ ରହିଛି।

ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜଳବାୟୁ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଏପରି ହୋଇଛି ଯେ ନଭେମ୍ବର ତୃତୀୟ ସପ୍ତାହରେ ବି ଆମେ ଶୀତ ଅନୁଭବ କରିପାରୁନାହେଁ। ଆରବସାଗରରେ ଅଧିକରୁ ଅଧିକ ବାତ୍ୟା ହେଉଛି। କିନ୍ତୁ ଦୁଃଖର କଥା, ପ୍ରକୃତିର ଏ ଚେତାବନୀ ସତ୍ତ୍ୱେ କିଛି ଆମାନିଆ ଜଳବାୟୁ ପରିବର୍ତ୍ତନକୁ ବୁଝିବାକୁ ନାରାଜ।

# ଦୁଇ ଦିନ କାଁଭାଁ ବର୍ଷା

**ଭୁବନେଶ୍ୱର,୧୯ ।୧୧(ସମିସ):** ସୋମବାରଠାରୁ ରାଜ୍ୟର କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି। ସୋମବାର ଓ ମଙ୍ଗଳବାର ବର୍ଷାର ପ୍ରକୋପ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ପଶ୍ଚିମା ଝଡ଼ ଓ ପୂର୍ବାଳୀ ବାୟୁର ପ୍ରଭାବ ଯୋଗୁଁ ଏହି ବର୍ଷା ହେବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ଜଗତସିଂହପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଆଶଙ୍କା ରହିଛି। ବର୍ଷା ଯୋଗୁଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ରହିଛି। ହେଲେ ବର୍ଷା ପରେ ଅର୍ଥାତ୍‌ଆସନ୍ତା ୩-୪ ଦିନ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ୩୨ଟି ସ୍ଥାନରେ...

ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ସେହିଭଳି ବିଚାରକମଣ୍ଡଳୀମାନେ ଛାତ୍ରଛାତ୍ରୀମାନଙ୍କୁ ବିତର୍କରେ ନିର୍ଦ୍ଧାରିତ ବିଷୟ ସମ୍ପର୍କରେ ମଧ୍ୟ କାର୍ଯ୍ୟକ୍ରମ ଶେଷରେ ମାର୍ଗଦର୍ଶନ କରିଛନ୍ତି। ପ୍ରତ୍ୟେକ ଜିଲ୍ଲାରେ 'ସକାଳ' ଖବରକାଗଜର ଜିଲ୍ଲା ପ୍ରତିନିଧିଙ୍କ ତତ୍ତ୍ୱବଧାନରେ ଏହି ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

ପ୍ରତିଷ୍ଠା ହେବାର ମାତ୍ର ୩ ବର୍ଷର ଅବଧି ମଧ୍ୟରେ ପାଠକଙ୍କ ବିଶ୍ୱାସନୀୟତା ହାସଲ କରିବାରେ ସଫଳ ହୋଇପାରିଥିବା 'ସକାଳ' ଖବରକାଗଜର ଏହି ବିତର୍କ ପ୍ରତିଯୋଗିତା ସାଧାରଣରେ ପ୍ରଶଂସାର ପାତ୍ର ହୋଇଛି। ବିଶେଷକରି ରାଜ୍ୟବ୍ୟାପୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ଏବଂ ନିଜ ମତାମତ ରଖିବାକୁ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବାକୁ ନେଇ ବୁଦ୍ଧିଜୀବି ମହଲ 'ସକାଳ'କୁ ବେଶ୍ ପ୍ରଶଂସା କରିଛନ୍ତି।

### ଲକ୍ଷ୍ୟ ଶୂନ୍ୟ...

ହାସଲ କରିଛି। ୨୦୧୮ ବେଳକୁ ପ୍ରତି ୧ ହଜାର ପ୍ରସବରେ ମୃତ୍ୟୁ ସଂଖ୍ୟା ୪୦ ରହୁଥିବା ବେଳେ ୨୦୨୨ ବେଳକୁ ଏହା ୩୬କୁ ହ୍ରାସ ପାଇଛି। ସମ୍ପୂର୍ଣ୍ଣା ଯୋଜନା ପ୍ରଚଳନ, ସ୍ପେଶାଲ କେୟାର ନ୍ୟୁ ବର୍ଣ୍ଣ ୟୁନିଟ୍ (ଏସ୍‌ଏନ୍‌ଏସିୟୁ) କାର୍ଯ୍ୟକ୍ଷମ, ଫାଷ୍ଟ ରେଫରାଲ ୟୁନିଟ୍, କଙ୍ଗାରୁ ମଦର କେୟାର ୟୁନିଟ୍ ଆଦି ସ୍ଥାପନ, ଭାରତ ସରକାରଙ୍କ ଲକ୍ଷ୍ୟ ମାନଦଣ୍ଡ ଅନୁସାରେ ପ୍ରସବ ଗୃହ ଓ ଅସ୍ତ୍ରୋପଚାର ଗୃହର ଉନ୍ନତିକରଣ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉଛି। ଅପରପକ୍ଷେ ରକ୍ତହୀନତା ଓ ପୁଷ୍ଟିହୀନତା ଦୂର ପାଇଁ ପଦକ୍ଷେପ, ବିସ୍ତୃତ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ନିମୋନିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ଶିଶୁଙ୍କୁ ଏକ ସୁସ୍ଥ ଜୀବନଦାନ ଦେଉଛି। ଯାହା ରାଜ୍ୟକୁ ଦେଶରେ ଉଦାହରଣୀୟ କରିପାରିଛି।

### ଆଗେଇବ ଶ୍ରୀଜଗନ୍ନାଥ...

ଅଟକଳ ପ୍ରସ୍ତୁତ ହୋଇଛି। ସୂଚନାନୁସାରେ, ଜିଲ୍ଲାସ୍ତରୀୟ କମିଟି ଦେଇଥିବା ରିପୋର୍ଟ ଆଧାରରେ ମନ୍ତ୍ରାଳୟ ପରିବେଶ ମଞ୍ଜୁରୀ ପ୍ରଦାନ ପାଇଁ ଅନୁମତି ଦେଇଛି। ୯୪୩ ଏକର ସରକାରୀ ଜମି ଅଧିଗ୍ରହଣ କରାଯାଇ ପାଚେରୀ ନିର୍ମାଣ କରାଯାଇଛି। ଏବେ ଘରୋଇ ଜମି ଅଧିଗ୍ରହଣ କରାଯିବ। ଘରୋଇ ଜମି ଅଧିଗ୍ରହଣ ପୂର୍ବରୁ ଗତ ମେ' ମାସରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ଜନଶୁଣାଣୀ ବୈଠକ ଆୟୋଜନ କରାଯାଇଥିଲା। ଏଥିସହ ବିମାନବନ୍ଦର ପାଇଁ ଡିପିଆର୍ ପ୍ରସ୍ତୁତ କରାଯିବା ପରେ ଅନୁମୋଦନ ଲାଭ ପାଇଁ ଆବେଦନ କରାଯିବ।

ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ପ୍ରସ୍ତାବିତ ଅଞ୍ଚଳରେ ଥିବା ୨୭.୮୮୭ ହେକ୍ଟର ଜମି (୬୮.୯୧ ଏକର) ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ଗତ ଅଗଷ୍ଟରେ ପ୍ରଧାନ ପ୍ରମୁଖ ବନ ସଂରକ୍ଷକ (ପିସିସିଏଫ୍) ସରକାରଙ୍କୁ ସୁପାରିସ୍ କରିଥିଲେ। ପୁରୀ ବିଶ୍ୱର ଅନ୍ୟତମ ପର୍ଯ୍ୟଟନ ଓ ଧାର୍ମିକ ସ୍ଥଳ ହୋଇଥିବାରୁ ଏଠାରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ସହ କେନ୍ଦ୍ର ସରକାରଙ୍କଠାରୁ ଏନେଇ ଅନୁମତି ହାସଲ କରିଥିଲେ। ତେବେ ପ୍ରକଳ୍ପ ସମ୍ପର୍କିତ କାମ ବିଳମ୍ବିତ ହେଉଥିବାରୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ଲାଗି ଗତ ମେ' ମାସରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଅନୁରୋଧ କରିଥିଲେ।

### ଦିଲ୍ଲୀ ମେଟ୍ରୋ...

ପରାମର୍ଶଦାତା ରହିବେ। ଗତ ମଙ୍ଗଳବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବ ଉପରେ ମୋହର ବାଜିଛି। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ୫୯୨୯ କୋଟି ୩୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ଓ ୪ ବର୍ଷ ମଧ୍ୟରେ ପ୍ରକଳ୍ପକୁ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ '୫-ଟି' ଉପକ୍ରମରେ ଭୁବନେଶ୍ୱର ବିମାନବନ୍ଦରଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଓ ପୁରୀ ସହରର ଗମନାଗମନ ବ୍ୟବସ୍ଥାକୁ ନାଗରିକମାନଙ୍କ ପାଇଁ ସହଜ, ସରଳ ଓ ସୁଗମ କରିବା ପାଇଁ ମେଟ୍ରୋ ରେଳ ବ୍ୟବସ୍ଥାର ଆବଶ୍ୟକତା ଥିବା ଅନୁଭବ କରି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ୨୬ କିଲୋମିଟର ମେଟ୍ରୋ ରେଳ ଯାତ୍ରାରେ କ୍ୟାପିଟାଲ ହସ୍ପିଟାଲ, ରାଜମହଲ ଛକ, ବାଣୀବିହାର ଛକ, ଜୟଦେବ ବିହାର ଛକ ଓ ପଟିଆ ଛକ ସମେତ ମୋଟ୍ ୨୦ ଟି ଷ୍ଟେସନ ନିର୍ମାଣ କରାଯିବା ନେଇ ଯୋଜନା ରହିଛି। ଏହି କାର୍ଯ୍ୟକୁ ଭୁବନେଶ୍ୱର ମେଟ୍ରୋ ରେଳ ନିଗମର ତତ୍ତ୍ୱାବଧାନରେ ଦ୍ଲିଲୀ ମେଟ୍ରୋ ରେଳ ନିଗମ (ଟର୍ଣ୍ଣ-କି ପରାମର୍ଶଦାତା) ଦ୍ୱାରା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି।

### ବିଦ୍ୟୁତ୍ ଫାଶରେ...

ହାତୀଟିର ମୃତ୍ୟୁ ଘଟିଥିବା ବନଖଣ୍ଡ ଅଧିକାରୀ ସ୍ପଷ୍ଟ କରିଛନ୍ତି। ବନ୍ୟଜନ୍ତୁ ଶିକାର ପାଇଁ ସୋଲାର ଝଟକା ବାଡ଼ରେ ଘରୋଇ ବିଦ୍ୟୁତ୍ ସଂଯୋଗ କରାଯାଇଥିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦନ୍ତାହାତୀର ମୃତ୍ୟୁ ହୋଇଛି। ଏହି ଘଟଣାରେ ବନ ବିଭାଗ ତଦନ୍ତ କରି ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପ୍ରକାଶଥାଉ କି, କିଛି ଦିନ ତଳେ ବାରହା ଦେବତା ଫରେଷ୍ଟ ବିଟ୍ ସଲେଇକେନା ଭାଡ଼ିମରା ସାହିରେ ବିଦ୍ୟୁତ୍ ଫାଶରେ ପଡ଼ି ୪୦ ବର୍ଷୀୟା ଏକ ଦନ୍ତାହାତୀ ମୃତ୍ୟୁ ହୋଇଥିଲା।

### ଦନ୍ତାର ମୃତଦେହ...

ପାଇଥିଲା। ରେଢ଼ାଖୋଲ ଡିଏଫ୍ଓ, ସହକାରୀ ବନ ସଂରକ୍ଷକ, ନାକଟିଦେଉଳ ଫରେଷ୍ଟର ଏବଂ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ନାକଟିଦେଉଳ ସହକାରୀ ବନ ସଂରକ୍ଷକ ଅଶ୍ୱିନୀ କୁମାର ବେହେରାଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ପରେ ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି।

### ୨ ଦାନ୍ତ ଜବତ...

ଗ୍ରାମର ନିତ୍ୟାନନ୍ଦ ସିଂ (୨୪), ଚାମୁରୁ ସିଂ (୨୩), ଖୁଲାଡି ଗ୍ରାମର ଲାଛୁ ସିଂ (୩୦) ଏବଂ ମହୁଲଡ଼ିହା ଥାନା ଅନ୍ତର୍ଗତ ଡ଼ଙ୍ଗାଡ଼ିହା ଗ୍ରାମର ରାଜୁ ବାଙ୍କିରା (୨୭)। ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ପୋଡାଡିହା ଅଞ୍ଚଳରୁ ହାତୀଦାନ୍ତ ଧରି ବେପାରୀମାନେ ଠାକୁରମୁଣ୍ଡା ଆଡକୁ ଆସୁଥିବା ବନବିଭାଗ ସୂଚନା ପାଇଥିଲା। କରଞ୍ଜିଆ ଏସିଏଫ ମଦନ ମୋହନ ମହାନ୍ତ, ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ କିଶୋର ପାଣିଗ୍ରାହୀ, କରଞ୍ଜିଆ ରେଞ୍ଜ ଅଧିକାରୀ ପ୍ରଶାନ୍ତ ସ୍ୱାଇଁ, ଫରେଷ୍ଟର ପ୍ରଦୀପ କିଶୋର ହାଇବୁରୁ, ଚନ୍ଦ୍ରଭାନୁ ମହାନ୍ତ, ତପନ ମହାନ୍ତ, ନଳିନୀ ମହାନ୍ତ, ସୁରମୋହନ ବେହେରା, ଠାକୁର ଦାସ ହେମ୍ବ୍ରମ ସମେତ ବନକର୍ମଚାରୀ ମନୋଜ କୁମାର ବେହେରା, ସୁନୀଲ ସାହୁ, ବିକାଶ ମହାନ୍ତ ଠାକୁରମୁଣ୍ଡା- ଉଦଳା ରାସ୍ତାର ଚମ୍ପାଝର ନିକଟ ଦିଲ୍ଲଗଞ୍ଜାଠାରେ ହାତୀଦାନ୍ତ ଧରି ଆସୁଥିବା ବେପାରୀଙ୍କୁ କାବୁ କରିଥିଲେ। ସେମାନେ ଧରିଥିବା ଏକ ବ୍ୟାଗ ଭିତରୁ ୨ଟି ହାତୀଦାନ୍ତ ଜବତ କରିଥିଲେ। ଏଥିସହିତ ୩ଟି ବାଇକରେ ଥିବା ୪ ଜଣକୁ ମଧ୍ୟ ବନ ବିଭାଗ ଗିରଫ କରିଥିଲା। ତେବେ ଅଧିକ ଜେରା କରିବା ନିମନ୍ତେ ସେମାନଙ୍କୁ କରଞ୍ଜିଆ ଡିଏଫଓ କାର୍ଯ୍ୟାଳୟକୁ ନିଆଯାଇଥିବା ସୂଚନା ମିଳିଛି।

### ଡାହାଣୀ ସନ୍ଦେହରେ...

ପୁଲିସ କହିଛି। ଅପରପକ୍ଷେ ପୁଲିସ ଦୋଳିଙ୍କ ପରିବାରର ୩ ଜଣଙ୍କୁ ପଚରାଉଚରା କରି ଛାଡ଼ି ଦେଇଥିବା ଜଣାଯାଇଛି।ଅଞ୍ଚଳବାସୀଙ୍କ କହିବାନୁଯାୟୀ, କିଛି ଦିନ ତଳେ ସିନିଙ୍ଗା ମାଝୀଙ୍କ ପୁତୁରା ଜଣ୍ଡିସ୍‌ରେ ପ୍ରାଣ ହରାଇଥିଲେ। ଏହି ଘଟଣାକୁ ନେଇ ପରିବାରରେ ସନ୍ଦେହ କୁହୁଳିଥିଲା। ଦୋଳି ଗୁଣିଗାରେଡ଼ି କରୁଥିବା ପରିବାରଲୋକ ସନ୍ଦେହ କରିଥିଲେ।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

Odisha Coal and Power Limited OCPL
ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur Bhubaneswar - 751023, Odisha
Ph No: 0674-2300654 / 0674-2300664

NOTICE INVITING TENDER

NIT No: OCPL/SITE-94/2023 Dt. 20/11/2023
Sealed bids in prescribed format are invited from reputed Companies/ Firms/Agencies for execution of the following work:

| Sl. No. | Name of the work | Cost of Tender Paper | Last date of Sale/download of Tender document | Date of submission/ Opening |
|---|---|---|---|---|
| 1 | Construction of Twin Cottage at Sarafgarh Nature Camp, Sundargarh, Odisha | Rs.5,900/- (Rupees Five Thousand Nine Hundred Only) including GST @ 18% | 20/12/2023 | 03:00 PM / 03:30 PM On 27/12/2023 |

Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in
Sd/- Sr. Manager (Commercial & Contracts)

ସକାଳ
THE SAKALA



## ଯୁବକଙ୍କୁ ୭୦୭ ବର୍ଷ ଜେଲ୍ ଦଣ୍ଡ

ୱାଶିଂଟନ, ୧୯।୧୧ (ଏଜେନ୍ସି): ଆମେରିକାର ଜଣେ ଯୁବକକୁ ୭୦୭ ବର୍ଷ ଜେଲ୍ ଦଣ୍ଡ ହୋଇଛି । ସେ ୧୬ ଯୁବତୀଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଥିଲା । ଏକ କୋର୍ଟ ତାକୁ ୩୪ ଅପରାଧରେ



ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିରେ ନାବାଳିକାଙ୍କ ଦୁଷ୍କର୍ମ ମାମଲା ମଧ୍ୟ ସାମିଲ ରହିଛି । ସେ ୨୦୧୪ରୁ ୨୦୧୯ ମଧ୍ୟରେ ଅପରାଧ କରିଥିଲା । ୨୦୧୯ ରେ ପ୍ରଥମ ମାମଲା ସାମ୍ନାକୁ ଆସିଥିଲା । ଏହି ସମୟରେ ଜଣେ ଶିଶୁଙ୍କ ମାତାପିତା ଥାନାରେ ଅଭିଯୋଗ କରିଥିଲେ । ପରେ ପୁଲିସ ଯାଞ୍ଚରୁ ଦକ୍ଷିଣ କାଲିଫର୍ଣ୍ଣିଆର ୧୧ ପୀଡ଼ିତାଙ୍କ ସୂଚନା ମିଳିଥିଲା । କୋର୍ଟରେ ଅରେଞ୍ଜ କାଉଣ୍ଟି ଡିଷ୍ଟ୍ରିକ୍ଟ ଆଟର୍ଣ୍ଣି ଦୋଷୀ ଜକରଜେଭସ୍କିକୁ 'ହସ ହସ ମୁହଁ ପଛରେ ଲୁଚିଥିବା ରାକ୍ଷସ' କହିଥିଲେ । ଏହା ଏକ ଗୁରୁତର ମାମଲା । ଶିଶୁଙ୍କ ବାଲ୍ୟ ଜୀବନ ବହୁମୂଲ୍ୟ ହୋଇଥାଏ । ୧୭ ଶିଶୁଙ୍କ ବାଲ୍ୟ ଜୀବନକୁ ଏହି ରାକ୍ଷସ ଲୁଟ୍ କରି ନେଇଥିଲା । ତେବେ ଅପରାଧୀ ନିଜ ଦୋଷ ପାଇଁ କୌଣସି ପଶ୍ଚାତାପ କରି ନ ଥିଲା ।

## ଟ୍ରକ୍ ମୁହାଁମୁହିଁ: ୨ ଡ୍ରାଇଭର ଜୀବନ୍ତ ଦଗ୍ଧ

ଚଣ୍ଡିଗଡ଼, ୧୯।୧୧ (ଏଜେନ୍ସି): ହରିୟାଣା ଯମୁନାନଗର ଦେଇ ଯାଇଥିବା ଜଗାଧରି-ପାୱଟା ଜାତୀୟ ରାଜପଥରେ ଶନିବାର ବିଳମ୍ବିତ ରାତିରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏଠାରେ ୨ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି । ଏଥିଯୋଗୁଁ ଉଭୟ ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା । ଏଥିଯୋଗୁଁ ୨ ଟ୍ରକ୍ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ । ଏହି ସୂଚନା ମିଳିବା ପରେ ପୁଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା । ଟ୍ରକ୍ କ୍ୟାବିନରୁ ଉଭୟ ଡ୍ରାଇଭରଙ୍କ କଙ୍କାଳ ମିଳିଥିଲା । ପୁଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି ।

## ନିର୍ଦ୍ଦେଶକ ସଞ୍ଜୟ ଗଢ଼ଭିଙ୍କ ପରଲୋକ

ମୁମ୍ବଇ, ୧୯।୧୧ (ଏଜେନ୍ସି): ଚଳଚ୍ଚିତ୍ର ଜଗତରୁ ପୁଣି ଖରାପ ଖବର ଆସିଛି । ନିର୍ଦ୍ଦେଶକ ସଞ୍ଜୟ ଗଢ଼ଭିଙ୍କ ପରଲୋକ ହୋଇଛି । ରବିବାର ସକାଳେ



ଲୋଖେଣ୍ଡୱାଲା ମାର୍ଗରେ ବ୍ୟାୟାମ କରୁଥିବା ସମୟରେ ତାଙ୍କର ହୃଦ୍‌ଘାତ ହୋଇଥିଲା । ଏଠାରୁ ମାତ୍ର ଦେଢ଼ କିମି ଦୂରରେ ହସ୍ପିଟାଲ ଥିଲା । ସକାଳେ ରାସ୍ତା ମଧ୍ୟ ଭିଡ଼ ନ ଥିଲା । ଏହା ସତ୍ତ୍ୱେ ତାଙ୍କ ଜୀବନ ବଞ୍ଚିପାରି ନ ଥିଲା । ହୃଦ୍‌ଘାତ ପରେ ସଙ୍ଗେ ସଙ୍ଗେ ତାଙ୍କୁ କୋକିଳାବେନ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋମବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର କରାଯିବ । ଆଉ ତିନି ଦିନ ପରେ ଗଢ଼ବିଙ୍କ ୫୮ ତମ ଜନ୍ମଦିନ ଥିଲା । ତାଙ୍କର ଅକାଳ ବିୟୋଗ ପରିବାରକୁ ଗଭୀର ଆଘାତ ଦେଇଛନ୍ତି । ସିନେ ଜଗତରେ ଶୋକର ଛାୟା ଖେଳି ଯାଇଛି । ଗଢ଼ଭି ଧୁମ୍, ଧୁମ୍-୨ ଚଳଚ୍ଚିତ୍ରକୁ ନେଇ ପ୍ରସିଦ୍ଧି ଅର୍ଜନ କରିଥିଲେ । ସେ ଶ୍ରୀକୃଷ୍ଣ ଜନ୍ମଭୂମି ଏବଂ ଶାହି ଉଦଗାହ ବିବାଦ ଉପରେ ଚଳଚ୍ଚିତ୍ର କରିବା ନେଇ ଘୋଷଣା କରିଥିଲେ । ଅଭିଷେକ ବଚ୍ଚନ, ରିତିକ ରୋଶନ, ବିପାଶ ବସୁ, ସେଲିନା ଜେଟଲି, କୁନାଲ ଖେମୁ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଛନ୍ତି । ସଞ୍ଜୟ ଗଢ଼ବି ୭ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଥିଲେ । ସେ ୨୦୦୧ରୁ କ୍ୟାରିୟର ଆରମ୍ଭ କରିଥିଲେ ।

## ଟ୍ରକ୍‌କୁ ଧକ୍କାଦେଲା ପୁଲିସ ଭ୍ୟାନ୍; ୬ ମୃତ

ଜୟପୁର, ୧୯।୧୧ (ଏଜେନ୍ସି): ରାଜସ୍ଥାନ ଚୁରୁର ସୁଜାନଗଡ଼ ସଦର ଥାନା ଅଞ୍ଚଳରେ ରବିବାର ସକାଳେ ବଡ଼ ଦୁର୍ଘଟଣା ହୋଇଛି । ୫୮ ନଂ ଜାତୀୟ ରାଜପଥ (ଏନ୍‌ଏଚ୍) ରେ ପୁଲିସ କର୍ମଚାରୀଙ୍କ ଗାଡ଼ି ଏକ ଟ୍ରକ୍‌କୁ ପଛ ପଟୁ ଧକ୍କା ଦେଇଛି ।



ଏଥିରେ ୬ ଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି । ଜଣେ ଗୁରୁତର ଆହତ ହୋଇଛନ୍ତି । ଏହି ପୁଲିସ କର୍ମଚାରୀଙ୍କ ମଧ୍ୟରୁ ୬

### ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଲିକୁ ଯାଉଥିଲେ

ଜଣ ଖିନସାର ଥାନାର ଏବଂ ଆଉ ଜଣେ ମହିଳା ଥାନାର ଥିଲେ । ଝୁଞ୍ଝୁନରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଲିରେ ଏହି ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା । ଏଠାକୁ ଯାଉଥିବା ସମୟରେ ସକାଳ ୫ଟା ୩୦ରେ ଦୁର୍ଘଟଣା ଘଟିଥିଲା । ଏହା ଏତେ ଭୟଙ୍କର ଥିଲା ଯେ ଭ୍ୟାନ୍‌ର ଅଗ୍ରଭାଗ ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ଯାଇଥିଲା । ଏଥିଯୋଗୁଁ ସମସ୍ତେ ଗାଡ଼ି ଭିତରେ ଫସି ରହିଥିଲେ । ଆହତ ପୁଲିସ କର୍ମଚାରୀଙ୍କୁ ଡାକ୍ତରଖାନାକୁ ନେବା ପାଇଁ ୧୪୪ କିମିର ସବୁଜ ବଳୟ ସୃଷ୍ଟି କରାଯାଇଥିଲା । ଏହା ସତ୍ତ୍ୱେ ବାଟରେ ଜଣଙ୍କ ମୃତ୍ୟୁ ହୋଇଥିଲା ।

## ଆର୍କଟିକ୍‌ରେ ଛାଇଗଲା ଅନ୍ଧାର

ୱାଶିଂଟନ, ୧୯।୧୧ (ଏଜେନ୍ସି): ଆମେରିକାର ଆର୍କଟିକ କ୍ଷେତ୍ରରେ ଅନ୍ଧାର ଛାଇ ଯାଇଛି । ଏଠାରେ ଶନିବାର ଶେଷ ଥର ପାଇଁ ସୂର୍ଯ୍ୟ ଅସ୍ତ ହୋଇଛି । ଆଗାମୀ ୨ ମାସ ପର୍ଯ୍ୟନ୍ତ ଉତ୍ତର ଆମେରିକାର ଉଟକିୟାଭିକ ସହରରେ ଆଉ ସୂର୍ଯ୍ୟ ଉଦୟ ହେବେ ନାହିଁ । କେବଳ ରାତି ହିଁ ରାତି ରହିବ । ଏହି ସହର ଆଲାସ୍କାରେ



### ୨ ମାସ ଯାଏ ହେବନାହିଁ ସକାଳ

ରହିଛି । ଏଠାରେ ଜାନୁଆରୀ ଶେଷରେ ସୂର୍ଯ୍ୟ ଉଦୟ ହେବ । ଆର୍କଟିକ୍ ସର୍କଲ ଯୋଗୁଁ ଏଠାରେ ଏପରି ହେଉଛି । ପୂର୍ବରୁ ଉଟକିୟାଭିକ ବୈରୋ ନାମରେ ପରିଚିତ ଥିଲା । କିନ୍ତୁ କିଛି ବର୍ଷ ତଳେ ଏହାର ନାମ ବଦଳା ଯାଇ ଆଲସ୍କା ନାମରେ ରଖା ଯାଇଥିଲା । ଆର୍କଟିକ ସର୍କଲରେ ଥିବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୬ ଦିନ ପାଇଁ ଅନ୍ଧାର ରହିଥାଏ । ତେବେ ସହର ସମ୍ପୂର୍ଣ୍ଣ ଅନ୍ଧାର ରହିବ ନାହିଁ । ସବୁବେଳେ ସନ୍ଧ୍ୟା ପରି ଦେଖାଯିବ । ଏଠାରେ ଆସନ୍ତା ବର୍ଷ ଜାନୁଆରୀ ୨୩ ତାରିଖ ଦ୍ୱିପହରେ ସୂର୍ଯ୍ୟ ଉଦୟ ହେବ । ସେହିପରି ଖରାଦିନେ ଏହାର ବିପରୀତ ହେବ । କିଛି ସମୟ ପାଇଁ କେବେ ବି ସୂର୍ଯ୍ୟ ଅସ୍ତ ହେବନାହିଁ ।

### ଉତ୍ତରକାଶୀ ଟନେଲ ଦୁର୍ଘଟଣା

# ୮ ଦିନ ପରେ ବି ଅନିଶ୍ଚିତତା ଜାରି

ଲକ୍ଷ୍ନୌ, ୧୯।୧୧(ଏଜେନ୍ସି):



ଉତ୍ତରକାଶୀରେ ଟନେଲ୍ ଦୁର୍ଘଟଣାକୁ ଇତିମଧ୍ୟରେ ୮ ଦିନ ପୂରିଛି । ହେଲେ ଟନେଲ ତଳେ ଫସି ରହିଥିବା ୪୦ ଶ୍ରମିକଙ୍କୁ ଉଦ୍ଧାର କରାଯିବା ନେଇ ଏବେ ସୁଦ୍ଧା କୌଣସି ସଫଳତା ମିଳିପାରି ନାହିଁ । ଶନିବାର ଠାରୁ ଦୁଇ ଦୁଇଟି ହେଭି ମେସିନରେ ଖନନ କରାଯାଇ ଭିତରକୁ ପାଇପ ଭର୍ତ୍ତି କରିବା ଲାଗି ଉଦ୍ୟମ କରାଯିବା ସହିତ ବିକଳ୍ପ

### ଦୁର୍ଘଟଣାସ୍ଥଳରେ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ସ୍ଥିତି ଅନୁଧ୍ୟାନ

ଉପାୟରେ ପାହାଡ଼ ଉପରୁ ଖନନ କରିବା ଆରମ୍ଭ କରାଯାଇଥିଲା । ଏହାସତ୍ତ୍ୱେ ରବିବାର ସୁଦ୍ଧା ସେଭଳି କୌଣସି ସକାରାତ୍ମକ ଖବର ମିଳିପାରି ନାହିଁ । ଟନେଲ ଦ୍ୱାର ଠାରୁ ଶ୍ରମିକମାନେ ପ୍ରାୟ ୫୦ ମିଟର ଦୂରରେ ରହିଛନ୍ତି ।

ବିଶେଷଜ୍ଞମାନେ 'ପ୍ଲାନ-ସି' କାର୍ଯ୍ୟକାରୀ କରିବା ସହ ପାହାଡ଼ର ଉପରିସ୍ଥ ଭାଗରୁ ଶ୍ରମିକମାନେ ଫସି ରହିଥିବା ସ୍ଥାନ ପର୍ଯ୍ୟନ୍ତ ପାଇପ ନେବାକୁ ଉଦ୍ୟମ କରୁଛନ୍ତି । ଶୁକ୍ରବାର ଡ୍ରିଲିଂ ମେସିନରେ ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ କିଛି ସମୟ ପାଇଁ ଖନନ କାର୍ଯ୍ୟ ବନ୍ଦ ରଖାଯାଇଥିଲା । ତେବେ ଶନିବାର ମଧ୍ୟପ୍ରଦେଶରୁ ଅଣାଯାଇଥିବା ଅନ୍ୟ ଏକ ହେଭି ମେସିନ ଦ୍ୱାରା ଖୋଳା କାର୍ଯ୍ୟ ଚାଲୁ ରଖାଯାଇଛି । ଏହାମଧ୍ୟରେ ରବିବାର କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଶ୍ରମିକ ଉଦ୍ଧାର କାର୍ଯ୍ୟ ସ୍ୱାଭାବିକ ରହିଛି ଏବଂ ଆଉ ଦୁଇ ଦିନ ପରେ ସେମାନଙ୍କୁ ଉଦ୍ଧାର କରାଯିବା ସମ୍ଭବ ବୋଲି ଗଡ଼କରୀ କହିଛନ୍ତି । ପ୍ରକଳ୍ପ ଅଧିକାରୀମାନେ ଲଗାତାର ଶ୍ରମିକଙ୍କ ସହ ଯୋଗାଯୋଗ କରିବା ସହିତ ସେମାନଙ୍କୁ ଧୈର୍ଯ୍ୟ ରଖିବାକୁ କହିଥିଲେ ହେଁ ଏବେ କିଛି ଶ୍ରମିକଙ୍କ ଅବସ୍ଥା ଭଲ ନଥିବା କୁହାଯାଉଛି । ସେମାନଙ୍କୁ ଖାଦ୍ୟ ଏବଂ ଔଷଧ ଆଦି ଯୋଗାଇ ଦିଆଯାଉଛି ।

## ଇମ୍ଫାଲ ବିମାନବନ୍ଦର ଉପରେ ଦେଖାଗଲା ୟୁଏଫ୍‌ଓ!

ଇମ୍ଫାଲ, ୧୯।୧୧ (ଏଜେନ୍ସି): ମଣିପୁର ଇମ୍ଫାଲ ବିମାନବନ୍ଦର ଉପରେ ରବିବାର ଅନଆଇଡେଣ୍ଟିଫାଏଡ ଫ୍ଲାଇଂ ଅବଜେକ୍ଟ (ୟୁଏଫ୍‌ଓ) ଦେଖାଯାଇଥିବା ସୂଚନା ମିଳିଛି । ଏଥିଯୋଗୁଁ ବିମାନବନ୍ଦରରେ ଭୟର ବାତାବରଣ ଖେଳି ଯାଇଛି । କର୍ମଚାରୀ ୩ ଘଣ୍ଟା ପର୍ଯ୍ୟନ୍ତ ଆଶା ଆଶଙ୍କାରେ ସମୟ ବିତାଇଛନ୍ତି । ଇମ୍ଫାଲ ଆସୁଥିବା ୨ଟି ବିମାନର ଗତିପଥକୁ ମଧ୍ୟ ବଦଳାଇ ଦିଆଯାଇଛି । ୟୁଏଫ୍‌ଓ ଦେଖାଯିବା ପରେ ଇମ୍ଫାଲ ବାୟୁସୀମା ଏବଂ ବିମାନ ପରିଚାଳନାକୁ ତୁରନ୍ତ ବନ୍ଦ କରିଦିଆଯାଇଥିଲା । ପ୍ରାୟ ହଜାରେ ଯାତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡ଼ିଥିଲା । ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଇମ୍ଫାଲ ଏୟାରସ୍ପେସ୍‌ର ନିୟନ୍ତ୍ରଣ ବାୟୁସେନାକୁ ପ୍ରଦାନ କରି ଦେଇଥିଲେ । ବାୟୁସେନା ଅନୁମତି ପରେ ହିଁ ଇମ୍ଫାଲରୁ ବାଣିଜ୍ୟିକ ବିମାନ ଚଳାଚଳ ଆରମ୍ଭ କରାଯାଇଥିଲା ।

## ବିହାରରେ ବିଷାକ୍ତ ମଦ ପିଇ ୬ ମୃତ

ପାଟନା, ୧୯।୧୧ (ଏଜେନ୍ସି): ବିହାରରେ ବିଷାକ୍ତ ମଦ ପୁଣି ଜୀବନ ନେଇଛି । ବିଷାକ୍ତ ମଦ ପିଇବା ଯୋଗୁଁ ସୀତାମାଢ଼ୀ ଜିଲ୍ଲାର ତିନୋଟି ଗ୍ରାମର ୬ ଲୋକ ପ୍ରାଣ ହରାଇଛନ୍ତି । ଏସ୍‌ପି ମନୋଜ ତିୱାରୀ କହିଛନ୍ତି, ପରିବାର ସଦସ୍ୟ ୨ ମୃତଦେହର ଅନ୍ତିମ ସଂସ୍କାର କରି ଦେଇଛନ୍ତି । ଗୋଟିଏ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠା ଯାଇଛି । ଦାୟିତ୍ୱରେ ଅବହେଳା ଯୋଗୁଁ ଏହି ମାମଲାରେ ଜଣେ ପୁଲିସ ଅଧିକାରୀ ଏବଂ ଚୌକିଦାରଙ୍କୁ ନିଲମ୍ବନ କରାଯାଇଛି ।

## ଆର୍‌ଟିଆଇରେ ମିଳିଥିବା ୯୦% ମାମଲାର ସମାଧାନ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷରେ ଆର୍‌ଟିଆଇ ବଳରେ ଦାଏର ୯୦%ରୁ ଅଧିକ ମାମଲାର ଫଇସଲା ହୋଇଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କ ସହ ଏକ ବୈଠକରେ ମୁଖ୍ୟ ସୂଚନା କମିଶନର (ସିଆଇସି) ହିରାଲାଲ ସାମରିଆ ଏହି ସୂଚନା ଦେଇଛନ୍ତି । ସିଆଇସି ତଥ୍ୟ ଅନୁଯାୟୀ ନଭେମ୍ବର ୯ ସୁଦ୍ଧା ଆରଟିଆଇ ଅଧିନରେ ୧୨,୬୯୫ ଅଭିଯୋଗ ଦାଏର କରାଯାଇଥିଲା । ଏଥିରୁ ୧୧, ୪୯୯ଟି ଆବେଦନର ଫଇସଲା କରିଦିଆଯାଇଛି ।

## ବିଏଆର୍‌ସି କ୍ୱାର୍ଟର୍ସରେ ଯୁବତୀଙ୍କୁ ଗଣଦୁଷ୍କର୍ମ

ମୁମ୍ବଇ, ୧୯।୧୧ (ଏଜେନ୍ସି): ମୁମ୍ବଇର ଚମ୍ବୁର ଅଞ୍ଚଳ ସ୍ଥିତ ଭାଭା ଅଟୋମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ର ଏକ ଫ୍ଲାଟରେ ୧୯ ବର୍ଷୀୟ ଯୁବତୀଙ୍କୁ ଗଣଦୁଷ୍କର୍ମ କରାଯାଇଛି । ଯୁବତୀଙ୍କ ବୟାନ ଆଧାରରେ ଚେମ୍ବୁର ପୁଲିସ ୨ ଯୁବକକୁ ଗିରଫ କରିଛି । ଜଣେ ଯୁବତୀଙ୍କ ପଡ଼ୋଶୀ ବୋଲି ଜଣାପଡ଼ିଛି । ସେ ଯୁବତୀଙ୍କୁ ମୃଦୁ ପାନୀୟରେ ନିଶା ଦ୍ରବ୍ୟ ପକାଇ ଦେଇଥିଲେ । ଚେତା ହରାଇବା ପରେ ବନ୍ଧୁଙ୍କ ସହ ମିଶି ଦୁଷ୍କର୍ମ କରିଥିଲେ । ଚେତା ଫେରିବା ପରେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ । କୋର୍ଟ ଅଭିଯୁକ୍ତଙ୍କୁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି । ଚେମ୍ବୁର ପୁଲିସ ସୂଚନା ଅନୁଯାୟୀ ଗତ ୧୫-୧୬ ତାରିଖ ରାତି ୧୦ଟାରୁ ୧୨.୩୦ ଭିତରେ ଏହି ଘଟଣା ଘଟିଥିଲା । ବର୍ଷେ ତଳେ ତାଙ୍କୁ କମ୍ପ୍ଲେକ୍ସରେ ଫ୍ଲାଟ ମିଳିଥିଲା । ଯୁବତୀ ଏଠାକୁ ରହିବା ପାଇଁ ଆସିଥିଲେ । ଅଭିଯୁକ୍ତ ଅଜିତ କୁମାର ଯାଦବ (୨୬)ର ବାପା ମଧ୍ୟ ବିଏଆରସିରେ କାମ କରୁଥିଲେ । ଯୁବକ ଏବଂ ଯୁବତୀ ପରସ୍ପରକୁ ଜାଣିଥିଲେ । ଘଟଣା ଦିନ ଯୁବକଙ୍କ ପରିବାର ସଦସ୍ୟ ଘରେ ନ ଥିଲେ । ଏଥିପାଇଁ ସେ ନିଜ ବନ୍ଧୁ ପ୍ରଭାକର ଯାଦବ (୩୦) ଡାକି ଥିଲେ । ଏଠାରେ ସେ ପୀଡ଼ିତାଙ୍କୁ ମୃଦୁ ପାନୀୟ ଦେଇ ଦୁଷ୍କର୍ମ କରିଥିଲେ ।

## ତୁର୍କୀରୁ ଭାରତ ଆସୁଥିବା ଜାହାଜ ଅପହୃତ

ତେଲ ଆଭିଭ, ୧୯।୧୧ (ଏଜେନ୍ସି): ଇସ୍ରାଏଲ-ହମାସ ଯୁଦ୍ଧ ମଧ୍ୟରେ ୟେମେନର ହୁତି ବିଦ୍ରୋହୀ ତୁର୍କୀରୁ ଭାରତ ଆସୁଥିବା ଏକ କାର୍ଗୋ ଜାହାଜକୁ ରବିବାର ଅପହରଣ କରି ନେଇଛନ୍ତି । ସୂଚନା ଅନୁଯାୟୀ କୃଷ୍ଣ ସାଗରରେ ଇସ୍ରାଏଲର ଏହି ଜାହାଜକୁ ନିୟନ୍ତ୍ରଣକୁ ନେଇଛନ୍ତି । ଏଥିରେ ଚାଳକ ଦଳର ୧୫ ସଦସ୍ୟ ଅଛନ୍ତି । ତେବେ ଏହାକୁ ନେଇ ଇସ୍ରାଏଲ ଭିନ୍ନ ଦାବି କରିଛି । ଏହି ଜାହାଜ ତୁର୍କୀର ବୋଲି କୁହାଯାଇଛି । ଏହି ଏକ ଗୁରୁତର ମାମଲା ।




ଏହି ଜାହାଜରେ ଇସ୍ରାଏଲର ଜଣେ ହେଲେ ବି ସଦସ୍ୟ ନାହାନ୍ତି । ଗ୍ୟାଲେକ୍ସି ଲିଡର ନାମକ ଏହି ଜାହାଜ ଅନ୍ତର୍ଜାତୀୟ ଚାଳକ ଦଳ ସହିତ ତୁର୍କୀରୁ ଭାରତ ଅଭିମୁଖେ ବାହାରି ଥିଲା । ଅନ୍ୟ ଏକ ରିପୋର୍ଟରେ ଏହି ଜାହାଜରେ ବହାମା ପତାକା ଲାଗିଛି । ବ୍ରିଟିଶ କମ୍ପାନୀ ଅଧିନରେ ଏହାର ପଞ୍ଜିକରଣ ହୋଇଛି । ଏହାର କିଛି ମାଲିକାନା ଇସ୍ରାଏଲର ଟାଇକୁନ ଅବ୍ରାହମ ଅନଗରଙ୍କ ପାଖରେ ରହିଛି । ବର୍ତ୍ତମାନ ଏହାକୁ ଏକ ଜାପାନୀ କମ୍ପାନୀକୁ ଭଡ଼ାରେ ଦିଆଯାଇଛି । ସୂଚନାଯୋଗ୍ୟ ଯେ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲେ । ଏହା ପରଠାରୁ ଇସ୍ରାଏଲ ଗାଜା ଷ୍ଟ୍ରିପ୍ ଉପରେ ବୋମାମାଡ଼ ଜାରି ରଖିଛି । ହୁତି ବିଦ୍ରୋହୀ ଇସ୍ରାଏଲକୁ ବିରୋଧ କରୁଛନ୍ତି । ଏଥିପାଇଁ ଇସ୍ରାଏଲ ଜାହାଜକୁ ଅପହରଣ କରିବାକୁ ଉଦ୍ୟମ କରୁଛନ୍ତି ।

## ଦକ୍ଷିଣ କୋରିଆରେ ନିଷିଦ୍ଧ ହେବ କୁକୁର ମାଂସ

### ବର୍ଷକୁ ୨୦ ଲକ୍ଷ କୁକୁରଙ୍କୁ ହତ୍ୟା

ସିଓଲ, ୧୯।୧୧ (ଏଜେନ୍ସି): ଦକ୍ଷିଣ କୋରିଆରେ କୁକୁର ମାଂସ ଉପରେ କଟକଣା ଲାଗିବ । କ୍ଷମତାସୀନ ଦଳର ନୀତି ନିର୍ଦ୍ଧାରଣକାରୀ ୟୁ ୟୁଇ-ଡେଙ୍ଗ ଏହି ଘୋଷଣା କରିଛନ୍ତି । ଦକ୍ଷିଣ କୋରିଆରେ କୁକୁର ମାଂସ ଖାଇବା ସାଧାରଣ ଘଟଣା । କିନ୍ତୁ ଏହାକୁ ନେଇ ସାରା ବିଶ୍ୱରେ ଦୀର୍ଘ ଦିନ ହେଲା ବିବାଦ ଚାଲିଛି । ପଶୁ ଅଧିକାରୀ ସଂଗଠନଗୁଡିକ ଏହାକୁ ବିରୋଧ କରୁଛନ୍ତି । ଆନିମଲ ୱେଲଫେୟାର ଇନ୍‌ଷ୍ଟିଚ୍ୟୁଟର ସୂଚନା ଅନୁଯାୟୀ ଦକ୍ଷିଣ କୋରିଆରେ ବର୍ଷକୁ ୨୦ ଲକ୍ଷ କୁକୁରଙ୍କୁ ହତ୍ୟା କରାଯାଇଥାଏ । ବର୍ଷକୁ ପ୍ରାୟ ଲକ୍ଷେ ଟନ କୁକୁର ମାଂସ ଖିଆ ଯାଇଥାଏ । ଏଠାରେ ଏବେ ଧିରେ ଧିରେ କୁକୁର ଖାଉଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ୨୦୨୭ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ସରକାର ଯୋଜନା କରିଛନ୍ତି । ଏଥିପାଇଁ ଚଳିତ ବର୍ଷ ବିଲ୍ ଅଣାଯିବ । ୟୁଇ-ଡେଙ୍ଗ କହିଛନ୍ତି ଯେ ଏହି ଆଇନ କ୍ଷତି ସହୁଥିବା ଚାଷୀ, କଂସେଇ ଏବଂ ଅନ୍ୟମାନଙ୍କୁ କ୍ଷତିପୂରଣ ଦିଆଯିବ । ପୂର୍ବରୁ ଅନେକ ଥର କୁକୁର ମାଂସ ବିରୋଧୀ ବିଲ୍ ଅଣା ଯାଇଥିଲା । କିନ୍ତୁ ବ୍ୟବସାୟୀଙ୍କ ବିରୋଧ ଯୋଗୁଁ ଏହା ପାରିତ ହୋଇପାରି ନ ଥିଲା ।

### ୪୫ ଦିନରେ ଇସ୍ରାଏଲ-ହମାସ୍ ଲଢ଼େଇ

# ଗାଜାରେ ଦୁଇ ସାମ୍ବାଦିକଙ୍କ ସମେତ ୩୧ ମୃତ

ତେଲ୍ ଆଭିଭ୍, ୧୯।୧୧(ଏଜେନ୍ସି):

ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରିବା ସହିତ ହମାସ୍କୁ ନିଶ୍ଚିହ୍ନ କରିବା ଲକ୍ଷ୍ୟରେ ଗାଜାରେ ଇସ୍ରାଏଲ ସେନାର ଆକ୍ରମଣ ଅବ୍ୟାହତ ରହିଛି । ହମାସ ବିରୋଧରେ ଇସ୍ରାଏଲର

### ଅଲ୍-ସିଫା ହସ୍ପିଟାଲରୁ ୩୨ ନବଜାତକ ସ୍ଥାନାନ୍ତର

### ଆକ୍ରମଣ ବନ୍ଦ ହେବନି ପୁଣି ଦୋହରାଇଲେ ବାଇଡେନ



ଆକ୍ରମଣ ୪୪ ଦିନ ଅତିକ୍ରମ କରିଥିଲା ବେଳେ ଗାଜା ଅଞ୍ଚଳ ସ୍ଥିତି ଆହୁରି ବିପନ୍ନ ହୋଇପଡ଼ିଛି । ବିଶେଷକରି ଅଲ-ସିଫା ହସ୍ପିଟାଲରେ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହେବାରେ ଲାଗିଛି । ଏହି ହସ୍ପିଟାଲକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବନ୍ଦ ରହିଥିବାରୁ ଗମ୍ଭୀର ସ୍ଥିତିରେ ରହିଥିବା ରୋଗୀଙ୍କ ମୃତ୍ୟୁ ହୋଇ ଚାଲିଥିଲା ବେଳେ ନବଜାତକମାନଙ୍କ ଅବସ୍ଥା ମଧ୍ୟ ଆହୁରି ସଙ୍କଟାପନ୍ନ ହୋଇପଡ଼ିଛି । ଏହାକୁ ଦୃଷ୍ଟିରେ ରଖି ୩୧ ନବଜାତକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ଏଭଳି ସ୍ଥିତିକୁ ନେଇ ଜାତିସଂଘ ମାନବାଧିକାର କମିସନଙ୍କ ପକ୍ଷରୁ ଇସ୍ରାଏଲକୁ ତୀବ୍ର ଭର୍ତ୍ସନା କରାଯାଇଛି । ଇସ୍ରାଏଲ ସବୁ ସୀମା ଟପି ଗାଜାକୁ ମୃତ୍ୟୁ ଉପତ୍ୟକା କରିଦେଇଛି ବୋଲି ଏହାର ମୁଖ୍ୟ କହିଛନ୍ତି । ସେପଟେ ଯୁଦ୍ଧ ବିରତି ପାଇଁ ବହୁ ଦେଶ ପକ୍ଷରୁ ଦାବି କରାଯାଉଥିଲେ ହେଁ ହମାସକୁ ଶେଷ ନ କରିବା ଯାଏଁ ଆକ୍ରମଣ ବନ୍ଦ ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି ।

### ଦ୍ୱିତୀୟ ପର୍ଯ୍ୟାୟ ମାନବୀୟ ସହାୟତା ପଠାଇଲା ଭାରତ

ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଜାରି ରହିଥିବା ସତ୍ତ୍ୱେ ଭାରତ ରବିବାର ଗାଜାବାସୀଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମାନବୀୟ ସହାୟତା ପଠାଇଛି । ଭାରତୀୟ ବାୟୁ ସେନାର ସି-୧୭ ବିମାନ ୩୨ ଟନ୍ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଇଜିପ୍ଟ ବିମାନ ବନ୍ଦରରେ ପହଞ୍ଚିଥିବା ଜଣାପଡ଼ିଛି । ସବୁ ପରିସ୍ଥିତି ମଧ୍ୟରେ ପାଲେଷ୍ଟାଇନବାସୀଙ୍କ ପ୍ରତି ଭାରତର ସହାୟତା ଜାରି ରହିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଟ୍ୱିଟ୍ କରି କହିଛନ୍ତି । ଏହା ପୂର୍ବରୁ ଅକ୍ଟୋବର ୨୨ରେ ଭାରତ ପ୍ରଥମ ପର୍ଯ୍ୟାୟ ମାନବୀୟ ସହାୟତା ପଠାଇଥିଲା ।

## ଭାରତରେ ପ୍ରସ୍ତୁତ ହେବ ହାଲୁକା ଲଢୁଆ ବିମାନ ଇଞ୍ଜିନ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ମଜବୁତ କରିବା ପାଇଁ ବଡ଼ ନିଷ୍ପତ୍ତି ନିଆଯାଇଛି । ଭାରତରେ ହାଲୁକା ଲଢୁଆ ବିମାନର ଇଞ୍ଜିନ ପ୍ରସ୍ତୁତ ହେବାକୁ ଯାଉଛି । ଏଲସିଏ ମାର୍କ୨ (ତେଜସ ଏମକେ ୨) ଏବଂ ସ୍ୱଦେଶୀ ଆଡଭାନ୍ସଡ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ର ପ୍ରଥମ ଦୁଇଟି ସ୍କ୍ୱାଡ୍ରନର ଇଞ୍ଜିନ ନିର୍ମାଣ କରାଯିବ । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ର ପ୍ରମୁଖ ଡ. ସମୀର ଭି କାମତ କହିଛନ୍ତି ଯେ ଆମେରିକା କମ୍ପାନୀ ଜିଇ ଏରୋସ୍ପେସ ଏବଂ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ (ହାଲ) ମିଶି ଏହି ଇଞ୍ଜିନ ପ୍ରସ୍ତୁତ କରିବେ । ଆମେରିକା ଏଥିପାଇଁ ମଞ୍ଜୁରି ଦେଇଛି । ଚଳିତ ବର୍ଷ ଅଗଷ୍ଟ ୩୦ରେ ଏଲ୍‌ସିଏ ମାର୍କ ୨ ଲଢୁଆ ବିମାନର ନିର୍ମାଣକୁ କ୍ୟାବିନେଟ ସୁରକ୍ଷା କମିଟି (ସିସିଏସ୍) ମଞ୍ଜୁରି ଦେଇଥିଲା । ଏହି ବିମାନ ପର୍ଯ୍ୟାୟକ୍ରମେ ମିରାଜ ୨୦୦୦, ଜାଗୁଆର ଏବଂ ମିଗ୍-୨୯ ଲଢୁଆ ବିମାନର ସ୍ଥାନ ନେବ । ୨୦୨୭ ସୁଦ୍ଧା ଏଲସିଏ ମାର୍କ-୨ ବିମାନର ନିର୍ମାଣ କରାଯିବ ।

ଏରୋନଟିକାଲ ଡେଭଲପମେଣ୍ଟ ଏଜେନ୍ସିର ମୁଖ୍ୟ ଗିରୀଶ ଦେଓଧରେ କହିଛନ୍ତି ଯେ ଏଲସିଏ ମାର୍କ ୨ ଲଢୁଆ ବିମାନ ପ୍ରକଳ୍ପକୁ ସରକାର ମଞ୍ଜୁରି ଦେଇଛନ୍ତି । ଏଥିପାଇଁ ଡିଜାଇନର୍ସଙ୍କୁ ୧୭.୫ ଟନ୍‌ର ସିଙ୍ଗିଲ ଇଞ୍ଜିନ ଏୟାରକ୍ରାଫ୍ଟ ଡିଜାଇନ କରିବାକୁ ପଡ଼ିବ । ଡିଆର୍‌ଡିଓ ଜିଇ-୪୧୪ ଇଞ୍ଜିନ ସହିତ ଲଢୁଆ ବିମାନ ବିକଶିତ କରିବ । ଜିଇ-୪୦୪ର ଉନ୍ନତ



ସଂସ୍କରଣ ହେଉଛି ଜିଇ-୪୧୪ । ଏବେ ଏଲ୍‌ସିଏ ଏବଂ ୮୩ ଏଲ୍‌ସିଏ ମାର୍କ ୧ଏଏସ୍‌ରେ ଜିଇ-୪୦୪ ଇଞ୍ଜିନ ଲାଗିଛି । ଆଗାମୀ କିଛି ବର୍ଷ ମଧ୍ୟରେ ୮୩ ଏଲ୍‌ସିଏ ମାର୍କ ୧ଏଏସ୍ ଭାରତୀୟ ବାୟୁସେନାରେ ସାମିଲ ହେବ । ଏବେ ବାୟୁସେନା ପାଖରେ ୩୦ଟି ଏଲ୍‌ସିଏ ରହିଛି । ମାର୍କ ୧ଏକୁ ବିକଶତି କରିବା ପାଇଁ ହାଲ୍ ଏଥିରୁ ୨ଟି ଲଢୁଆ ବିମାନକୁ ବ୍ୟବହାର କରୁଛି । ଖୁବ୍‌ଶୀଘ୍ର ସରକାର ଏଏମ୍‌ସିଏ ବିକଶିତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେବେ ବୋଲି ଆଶା । ସୂଚନାଯୋଗ୍ୟ ଯେ ଜୁଲାଇ ୩୦ ତାରିଖରେ ଭାରତୀୟ ବାୟୁସେନା ଜମ୍ମୁ-କାଶ୍ମୀର ଅବନ୍ତିପୋରା ଏୟାରବେସରେ ତେଜସ ଏମ୍‌କେ-୧କୁ ମୁତୟନ କରିଥିଲା । ପଡ଼ୋଶୀ ଦେଶ ଚୀନ୍ ଏବଂ ପାକିସ୍ତାନ ଯୋଗୁଁ କାଶ୍ମୀର ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ । ଏଠାରେ ଏହି ଲଢୁଆ ବିମାନର ମୁତୟନ ବାୟୁସେନାର କ୍ଷମତାକୁ ଅଧିକ ମଜବୁତ କରୁଛି ।

**'ସକାଳ'ର ୩ୟ ସ୍ୱନକ୍ଷତ୍ର ଉପଲକ୍ଷେ ଗଜପତି ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା**

# ବରିଷ୍ଠରେ ମହାଲକ୍ଷ୍ମୀ ଏବଂ କନିଷ୍ଠରେ ଚାନ୍ଦିନୀ ପ୍ରଥମ















**ପାରଳାଖେମୁଣ୍ଡି, ୧୯।୧୧ (ସମିସ)**

'ସକାଳ' ଦୈନିକ ଓଡିଆ ଖବର କାଗଜର ୩ୟ ସ୍ୱନକ୍ଷତ୍ର ଅବସରରେ ରାଜ୍ୟବ୍ୟାପୀ ହେଉଥିବା ୩ୟ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ୨୦୨୩ ଉପଲକ୍ଷେ ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ମଧ୍ୟ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଅନ ପବ୍ଲିକ ସ୍କୁଲର ମହାଲକ୍ଷ୍ମୀ ମହାପାତ୍ର ଏବଂ କନିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚାନ୍ଦିନୀ ସାହୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

ସ୍ଥାନୀୟ ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ କକ୍ଷ ଠାରେ 'ସକାଳ'ର ଗଜପତି ଜିଲ୍ଲା ପ୍ରତିନିଧି ରଶ୍ମିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା କଲେଜ ଏବଂ ଉଚ୍ଚ ବିଦ୍ୟାଳୟର ସ୍ତରର ୩୫ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଭୟ ବିଭାଗ ଯଥା କନିଷ୍ଠ ଓ ବରିଷ୍ଠ ବିଭାଗର ବିତର୍କ ପ୍ରତିଯୋଗିଙ୍କ ବିଚାରଣା ପାଇଁ ବରିଷ୍ଠ ଶିକ୍ଷାବିତ୍ତ ବିଚିତ୍ରାନନ୍ଦ ବେବର୍ତ୍ତା, ପ୍ରମୋଦ ପାଢ଼ୀ, ଭାଗବତ ପାଢ଼ୀ, ଅଞ୍ଜନା ପଟ୍ଟନାୟକ, ସୁଲତା ଶୁଭଦର୍ଶିନୀ ବିଚାରକ ଭାବେ ଯୋଗଦେଇଥିଲେ। ବରିଷ୍ଠ ବିଭାଗର ପ୍ରତିଯୋଗିମାନଙ୍କ ଲାଗି "ରୂପାନ୍ତରଣରେ ଓଡ଼ିଶା" ଏବଂ କନିଷ୍ଠ ବିଭାଗ ଲାଗି 'ଆଧୁନିକତା ଏବଂ ପାରିବାର ସମ୍ପର୍କ' ବିଷୟ ରହିଥିଲା। ପ୍ରତିଯୋଗିତା କାର୍ଯ୍ୟକ୍ରମ ପରେ ବିଚାରକଙ୍କ ଦ୍ୱାରା ଫଳ ପ୍ରକାଶିତ କରାଯାଇଥିଲା। ବରିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଅନ ପବ୍ଲିକ ସ୍କୁଲର ମହାଲକ୍ଷ୍ମୀ ମହାପାତ୍ର ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ରାଜେଶ୍ୱରୀ ସ୍ୱାଇଁ ଦ୍ୱିତୀୟ ଏବଂ ସରକାରୀ ପଲିଟେକ୍ନିକ ବିଦ୍ୟାଳୟର ଶୁଭମ୍ ମହାନ୍ତି ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି କନିଷ୍ଠ ବିଭାଗରେ ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଚାନ୍ଦିନୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରେଖା ବାରିକ ଦ୍ୱିତୀୟ ସ୍ଥାନ ଏବଂ ପାରଳାଖେମୁଣ୍ଡିସ୍ଥ ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟର ସୁମନ ପାଣିଗ୍ରାହୀ ଓ ସେଞ୍ଚୁରିଅନ ପବ୍ଲିକ ସ୍କୁଲର ସ୍ୱାଧୀତା ପାଢ଼ୀ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଶୁଭାରମ୍ଭ କରି "ସକାଳ" ଦୈନିକ ଖବର କାଗଜ ଆରମ୍ଭ ହେବାର ମାତ୍ର ତିନି ବର୍ଷ ମଧ୍ୟରେ ପାଠକଙ୍କ ମନରେ ବେଶ ଆଦୃତ ହୋଇପାରିଛି। ସ୍ଥାନୀୟ ଖବର ଠାରୁ ଆରମ୍ଭ କରି ରାଜ୍ୟ, ଦେଶ ବିଦେଶ ଖବର ପରିବେଶଣ ସହ ସିନ୍ଦୁର. ସ୍ୱତନ୍ତ୍ର ଖବର, ନୀତିବାଣୀ ଆଦି ମନ ମହୁଛି। ତେଣୁ ଖୁବ କମଦିନରେ ଏହା ଲୋକଙ୍କୁ ଆଦୃତ କରିପାରିଛି ବୋଲି ନିଜ ବକ୍ତବ୍ୟରେ କହିବା ସହ ସମସ୍ତ ପ୍ରତିଯୋଗିଙ୍କୁ ଉତ୍ସାହଜନକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ପ୍ରତିଯୋଗିତାର ବିଚାରକମାନେ ମଧ୍ୟ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ଶେଷରେ ମୁଖ୍ୟଅତିଥି ଓ ବିଚାରକମାନେ କୃତୀଛାତ୍ରଛାତ୍ରୀ ଓ ଭାଗନେଇଥିବା ସମସ୍ତ ପ୍ରତିଯୋଗିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହାସହ ମୁଖ୍ୟ ଅତିଥି ଏବଂ ସମସ୍ତ ବିଚାରକମଣ୍ଡଳୀଙ୍କୁ ସକାଳର ଜିଲ୍ଲା ପ୍ରତିନିଧି ରଶ୍ମିରଞ୍ଜନ ମିଶ୍ର ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଏହିସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରତିନିଧି ଶ୍ରୀ ମିଶ୍ର ପରିଚାଳନା କରିଥିବା ବେଳେ ନୂଆଗଡ଼ ବ୍ଲକ ପ୍ରତିନିଧି ମନୋହର ପରିଚ୍ଛା, ନନ୍ଦିଘୋଷ ଟିଭିର କ୍ୟାମେରା ପର୍ସନ ସୁଜିତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଗୋଷାଣି ବ୍ଲକ ପ୍ରତିନିଧି ନରସିଂହ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**'ସକାଳ' ଓ 'ନନ୍ଦିଘୋଷ' ପକ୍ଷରୁ ବିତର୍କ ପ୍ରତିଯୋଗିତା**

## ବାଜି ମାରିଲେ ଝିଅ; କନିଷ୍ଠରେ ଆକାଂକ୍ଷା ଓ ବରିଷ୍ଠରେ ସ୍ମରଣିକା ପ୍ରଥମ



**ଫୁଲବାଣୀ, ୧୯।୧୧) ସମିସ)**

ଫୁଲବାଣୀ ସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସଭା ଗୃହରେ ଦୈନିକ ଖବର କାଗଜ 'ସକାଳ'ର ତୃତୀୟ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସକାଳ ଓ ନନ୍ଦିଘୋଷ ପକ୍ଷରୁ ଏକ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଜୁନିୟର ଏବଂ ସିନିୟରର ଛାତ୍ରୀଛାତ୍ରଙ୍କୁ ନେଇ 'ଆଧୁନିକ ପାରିବାରିକ ସମ୍ପର୍କ, ରୁପାନ୍ତରଣରେ ଓଡ଼ିଶା'କୁ ନେଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ଜୁନିୟର ବିଭାଗରେ ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆକାଂକ୍ଷା କର ପ୍ରଥମ, ସିନ୍ଧିପ୍ରଜ୍ଞା ମହାନ୍ତି ଦ୍ୱିତୀୟ ଓ ଏଜେଓ ଉଚ୍ଚ ବିଦତ୍ୟାଳୟର ଛାତ୍ରୀ ସ୍ମୃତିରେଖା ପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ବିଭାଗରେ ଫୁଲବାଣୀ ସରକାରୀ ମହାବିଦ୍ୟାଳୟର ଛାତ୍ରୀ ସ୍ମରଣିକା ତ୍ରିପାଠୀ ପ୍ରଥମ, କୁମୁଦିନୀ ମଲ୍ଲିକ ଦ୍ୱିତୀୟ ଏବଂ ଶ୍ରୀୟା ପ୍ରଧାନ, ଆକାଶ ଧଳ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରର ପ୍ରତିଯୋଗିତାକୁ ଭାଗ ନେବାକୁ ମନୋନୀତ ହୋଇଛନ୍ତି।

ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ବରିଷ୍ଠ ସାମ୍ବାଦିକ ବ୍ରଜ ବିହାରୀ ନନ୍ଦ, ଫରିଙ୍ଗିଆ ପଞ୍ଚାୟତ ମହା ବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପକ ଡମ୍ବରୁଧର ସାହୁ ଓ ଲେଖିକା ତଥା ସାହିତ୍ୟିକା ପ୍ରଣତୀ ତ୍ରିପାଠୀ ଯୋଗଦେଇ ଛାତ୍ରଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର ମୂଲ୍ୟାଙ୍କନ କରି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ 'ସକାଳ' କନ୍ଧମାଳ ଜିଲ୍ଲା ପ୍ରତିନିଧି ସଞ୍ଜୀୟ ପାତ୍ର ସଂଯୋଜନା କରିଥିବା ବେଳେ ଫୁଲବାଣୀ ସଦର ପ୍ରତିନିଧି ଉଦୟନାଥ ସାହାଣୀ, ଫିରିଙ୍ଗିଆ ପ୍ରତିନିଧି ସୁଶାନ୍ତ କୁମାର ଦିଗାଲ, ଖୁରୀପଡ଼ା ପ୍ରତିନିଧି ଅଚ୍ୟୁତ ଜାନୀ, ନନ୍ଦିଘୋଷ ଟିଭି ଜିଲ୍ଲା ପ୍ରତିନିଧି ପ୍ରଶାନ୍ତ ଜେନା, ସାମ୍ବାଦିକ ଅଶୋକ କୁମାର ମହାନ୍ତି, ଗୋଲକ ବିହାରୀ କହଁର, ସାମାଜିକ କର୍ମୀ ମୁକେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।









## ରାଜ୍ୟସ୍ତରୀୟ ଉତ୍କଳ ସମ୍ମିଳନୀରେ ଗଜପତି କର୍ମକର୍ତ୍ତାଙ୍କ ଯୋଗଦାନ

**ପାରଳାଖେମୁଣ୍ଡି, ୧୯ ।୧୧ (ସମିସ)**

ଗତକାଲି ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଉତ୍କଳ ସମ୍ମିଳନୀର ଚତୁର୍ଥ କେନ୍ଦ୍ରୀୟ କାର୍ଯ୍ୟକାରିଣୀର ବୈଠକ ଅଧ୍ୟକ୍ଷ ଅଦ୍ୱୈତ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଜପତି ଜିଲ୍ଲା ଖାଖାର ଉପଦେଷ୍ଟା ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସଭାପତି ଭାରତଭୂଷଣ ମହାନ୍ତି ଯୋଗ ଦେଇ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ସୀମାନ୍ତ ଅଞ୍ଚଳରେ ଥିବା ଆନ୍ଧ୍ର ସରକାରଙ୍କ ବିଦ୍ୟାଳୟରେ ଓଡିଆ ଛାତ୍ରଛାତ୍ରୀଙ୍କୁ ଅଣଦେଖା କରିବା ସହିତ ପ୍ରାୟ ଚାରିରୁ ପାଞ୍ଚ ବର୍ଷ ହେଲା ଓଡିଆ ଶିକ୍ଷକଙ୍କୁ ନିଯୁକ୍ତି ନଦେବା, ଓଡିଆ ବିଷୟବସ୍ତୁ ଥିବା ବିଦ୍ୟାଳୟରେ ଓଡିଆ କ୍ଲାସ ଗୁଡିକୁ ସିବିଏସ୍ ସିଲାବସରେ ଅନ୍ତର୍ଭୁକ୍ତ କରାଯାଇ ଓଡିଆ ସେକ୍ସନକୁ ଇଂରାଜୀ ମାଧ୍ୟମରେ ପରିଣତ କରାଯିବା, ଓଡିଆ ପିଲାଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରାଯିବା, ଆନ୍ଧ୍ର ସରକାରଙ୍କ ଓଡିଆ ମାରଣ ନିତିକୁ ବନ୍ଦ କରାଯିବା, ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଅଞ୍ଚଳରେ ପଡୋଶୀ ଆନ୍ଧ୍ର ସୀମାରେ ଥିବା ଗାଁ ଗୁଡିକରେ ବସବାସ କରୁଥିବା ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଆଦିର ସୁବିଧାରେ ଯେପରି ବ୍ୟାଘାତ ନ ହୁଏ ଆଦିକୁ ନେଇ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଶ୍ରୀ ଜେନା । ସେହିପରି ଗଜପତି ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟରେ ତେଲୁଗୁ ଭାଷା ଭାଷି ଶିକ୍ଷକଙ୍କୁ ଚୟନ ସ୍ୱଚ୍ଛତାର ସହ କରାଯିବା ଆବସ୍ୟକ ବୋଲି ମଧ୍ୟ ମତ ରଖିବା ସହ ଆଲୋଚନା ହୋଇଥିଲା । ଏହା ସହ ଆନ୍ଧ୍ରରେ ଓଡିଆ ପ୍ରାଥମିକ ବିଦ୍ୟାଳୟରେ ପଢାଉଥିବା ଭଲ୍ୟୁଣ୍ଟରଙ୍କ ଦରମା ସମ୍ପର୍କରେ ମଧ୍ୟ ପ୍ରସଙ୍ଗ ଉଠାଯାଇଥିଲା । ଏହି ଭଲ୍ୟୁଣ୍ଟର ମାନେ ମାତ୍ର ଚାରି ହଜାର ଟଙ୍କା ଦରମାରେ କାମ କରୁଥିବାର ଜଣାଯାଇଛି । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମ୍ମିଳନୀ ଗଜପତି ଶାଖାର ଲିଙ୍ଗରାଜ ଦାସ, ସଚ୍ଚିଦାନନ୍ଦ ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିବାର ଜଣାପଡିଛି ।

## ବିଶ୍ୱ ପାଇଖାନା ଦିବସ ପାଳିତ



**ଜି. ଉଦୟଗିରି ୧୯ ।୧୧ (ସମିସ):** ସ୍ଥାନୀୟ ବ୍ଲକ ଅନ୍ତର୍ଗତ ମାଳିକାପୋଡ଼ି ପଞ୍ଚାୟତ ପରିସର ସଭାଗୃହ ଠାରେ ବିଶ୍ୱ ପାଇଖାନା ଦିବସ ସ୍ଥାନୀୟ ସରପଞ୍ଚ ଝରଣା ପ୍ରଧାନଙ୍କ ନେତୃତ୍ୱରେ ପାଳିତ ହୋଇଛି । କାର୍ଯ୍ୟକ୍ରମକୁ ସରପଞ୍ଚ ଝରଣା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରି ପରିଚାଳନା କରିଥିଲେ। ଏହି ବିଶ୍ୱ ପାଇଖାନା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ବିଆରସି ମାନୁଏଲ୍ ନାୟକ, ସମ୍ମାନିତ ଅତିଥି ଭାବରେ ବିପିଏମ୍ ଅକ୍ଷୟ କୁମାର ପ୍ରଧାନ, ଜିପିଏଲଏଫ ସଭାନେତ୍ରୀ ବିଜୟିନୀ ନାୟକ, ସମ୍ପାଦିକା ଅନାମିକା ପ୍ରଧାନ, ପଞ୍ଚାୟତ ଅଧିକାରୀ ସପ୍ତସିର ବଳିଆର ସିଂ ଓ ଏମମ୍ବିକେ ହାସିନା ପ୍ରଧାନ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅତିଥି ବିଶ୍ୱ ପାଇଖାନା ଦିବସର ତାତ୍ପର୍ଯ୍ୟ ଓ କାହିଁକି ପାଳନ କରାଯାଏ, ତାହା ବୁଝେଇଥିଲେ ।

## କଳିଙ୍ଗା ଘାଟିରେ ଦୁର୍ଘଟଣା ଆଶଙ୍କାକୁ ଦୃଷ୍ଟିରେ ରଖି ମରାମତି ହେଲା ଆଲୁମିନିୟମ ଗାର୍ଡ ୱାଲ୍

**ଜି. ଉଦୟଗିରି ୧୯ ।୧୧(ସମିସ)**

ଜି. ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟି ଦକ୍ଷିଣ ଓଡିଶାକୁ କନ୍ଧମାଳ ସହିତ ଯୋଡିବାର ପ୍ରମୁଖ ପଥ ହୋଇଥିବା ବେଳେ ଏହି ରାଜପଥ ଦେଇ ସହ ସହ ଯାତ୍ରୀବାହୀ ବସ୍ ସହିତ ମାଲବାହୀ ଟ୍ରକ୍ ଯାତାୟାତ କରିଥାଏ। ବିଭିନ୍ନ ସମୟରେ ଭାରସାମ୍ୟ ହରାଇ ହେଉ କିମ୍ବା ଘନ କୁହୁଡ଼ି କାରଣରୁ ବଡ଼ ଭାରିଯାନ, ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇଥାଏ। ଦୁର୍ଘଟଣାରେ ବହୁ ଧନ ଜୀବନ ନଷ୍ଟ ହେବାର ନଜିର ରହିଛି। କିନ୍ତୁ ଦୁର୍ଘଟଣା ବେଳେ ଘାଟିରେ ସୁରକ୍ଷା କବଚ ଭଳି କାମ କରୁଥିବା ଆଲୁମିନିୟମ ଗାର୍ଡ ୱାଲ ଦୁର୍ଘଟଣାରେ ବହୁ ବର୍ଷ ହେଲା ବିଭିନ୍ନ ସ୍ଥାନରେ ନଷ୍ଟ ହୋଇଯାଇଥିଲେ ମଧ୍ୟ ବହୁ ଦିନ ଧରି ମରାମତି ହୋଇନଥିଲା।



ଏବେ କୁହୁଡି କାରଣରୁ ଘାଟିରେ ଦୁର୍ଘଟଣା ଆଶଙ୍କା ରଖି ଏହି ଆଲୁମିନିୟମ ଗାର୍ଡ ୱାଲ ମରାମତି କରାଯିବା ସହିତ ନୂଆ ଗାର୍ଡ ଓ୍ୱାଲ ଲଗାଯାଇଛି। ଏବେ ଘନ କୁହୁଡି କାରଣରୁ ଘାଟି ରାସ୍ତାରେ ଦୁର୍ଘଟଣା ଆଶଙ୍କା ଅଧିକ ରହିଥିବା ବେଳେ ସତର୍କ ନହୋଇ ଦୁର୍ଘଟଣା ଦୁଇଶହ ଫୁଟ ତଳକୁ ଗାଡି ଗାଡି ଖସିବାର ଭୟ ରହିଥିଲା। ଏବେ ନିକଟରେ ଦୁଇଟି ପଟା ବୋଝେଇ ୧୮ ଚକିଆ ଦୁଇଟି ଟ୍ରଲର ଦୁର୍ଘଟଣା ଘଟିଥିଲା। ଗୋଟିଏ ୩୦ ଫୁଟ ତଳକୁ ଚାଲିଯାଏ ଥିବା ବେଳେ ଆଉ ଗୋଟିଏ ଗାର୍ଡ ୱାଲରେ ଝୁଲି ରହିଥିଲା। ଏବେ ଏହା ମରାମତି ହେବା ସହିତ ରାସ୍ତା ଉପରକୁ ମାଡି ଆସିଥିବା ଲଟାବୁଦାକୁ ସଫା କରାଯାଇଛି। ତାହା ଯାନବାହାନ ଚଳାଚଳରେ ଚାଳକମାନଙ୍କୁ ଗାଡ଼ି ଚଳେଇବାରେ ସହଜ ହେବା ସହିତ ଦୁର୍ଘଟଣା କମିବ।

# ଦିବ୍ୟାଙ୍ଗଙ୍କୁ ହତାଦର ନ କରିବାକୁ ପରାମର୍ଶ

**କୁଜଙ୍ଗ, ୧୯ ।୧୧(ସମିସ)**




କୁଜଙ୍ଗ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଭାରତ ସରକାରଙ୍କ କୃତ୍ରିକ ଅଙ୍ଗ ନିର୍ମାଣକାରୀ ନିଗମ, ପାରାଦୀପ ଆଓସିଏଲ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ କୁଜଙ୍ଗସ୍ଥିତ ସୂଚନା କେନ୍ଦ୍ର ଓ ବ୍ଲକ ପଡ଼ିଆରେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକ ସହାୟକ ଉପକରଣ ବିତରଣ ଶିବିର ଓ ଉପକରଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ସହଯୋଗ କରିବା ଓ ସେମାନଙ୍କୁ ଆଦର କରିବା ଏକ ସୁସ୍ଥ ତଥା ବିକଶିତ ସମାଜର ଲକ୍ଷଣ ବୋଲି କହିବା ସହ ଏହି ସହାୟତା ପାଇଁ ସେ ବିଭାଗୀୟଅଧିକାରୀଙ୍କୁ ସାଧୁବାଦ ଜଣାଇଥିଲେ। କୁଜଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ ସ୍ୱାଇଁ, ଆଇଓସିଏଲ ମାନବ ସମ୍ବଳ ଅଧିକାରୀ ମମତା ସାହୁ, କୁଜଙ୍ଗ ତହସିଲଦାର ପୁଷ୍ପାଶ୍ରୀ ସାଣ୍ଡିଲ ଓ ପ୍ରମୋଦ ଚରଣ ସ୍ୱାଇଁ ଅତିଥିଭାବେ ଯୋଗ ଦେଇଥିଲେ। ଅତିରିକ୍ତ ବିଡ଼ିଓ ପ୍ରଶାନ୍ତ ଜେନା ସ୍ୱାଗତ ଭାଷର ପ୍ରଦାନ କରିଥିବାବେଳେ ସତ୍ୟବନ ମୁଦୁଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବ୍ୟାଟେରୀ ଚାଳିତ ୩ ଚକିଆ ଯାନ, ହାତ ଚାଳିତ ୩ ଚକିଆ ସାଇକେଲ, ହୁଇଲ ଚେୟାର ଆଦି ବଣ୍ଟନ କରାଯାଇଥିଲା। କୁଜଙ୍ଗ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାରତ-ଚାଇନା ଯୁଦ୍ଧର ସହୀଦ ଯବାନଙ୍କ ସ୍ମୃତିଚାରଣ

**ବାଲିକୁଦା, ୧୯ ।୧୧(ସମିସ)**

ବାଲିକୁଦା ବ୍ଲକ ଯାଦବ ମହାସଭା ତରଫରୁ ମାଛଗାଁ ନିକଟସ୍ଥ ଖାଲଗାଁ ପଞ୍ଚାୟତ ମହାବୀର ମନ୍ଦିର ପରିସରରେ ଅହିର ସୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ମାଛଗାଁ ବଜାରରୁ ଏକ ମଟର ସାଇକେଲ ଶୋଭାଯାତ୍ରା ବାହାରି ଖାଲଗାଁ ମହାବୀର ମନ୍ଦିର ନିକଟରେ ପହଞ୍ଚି ଥିଲା। ସେଠାରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ବ୍ଲକ ଯାଦବ ମହାସଭା ସଭାପତି ବାବାଜୀ ଚରଣ ଦାସ ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଶରତ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, କୋଷାଧକ୍ଷ ପ୍ରଫୁଲ୍ଲ ବାହାଲିଆ, ଅଧ୍ୟାପକ ଅକ୍ଷୟ ଜେନା, ନରେଶ ଚନ୍ଦ୍ର ଦାସ, ସୁଶାନ୍ତ ଦାସ, ଚିତ୍ତରଞ୍ଜନ ଦାସ, ବିଷ୍ଣୁ ପ୍ରସାଦ ଦାସ, ଉଲାସ ଚନ୍ଦ୍ର ଦାସ, ପୁରୁଷୋତ୍ତମ ଦାସ, ରବୀନ୍ଦ୍ର ଦାସ, ଚକ୍ରଧର ଦାସ, ବିଭୁତି ଭୂଷଣ ଦାସ, ଗୟାଧର ମାଳତୀ, ରବୀନ୍ଦ୍ର ମାଦେଳି, ହେମନ୍ତ ଦାସ, ମିଟୁ ଦାସ ପ୍ରମୁଖ ଯୋଗ ଦେଇ ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅପଣ କରିଥିଲେ। ସନ୍ଧ୍ୟାରେ ମହାବୀରଙ୍କ ମନ୍ଦିର ପରିସରରେ ଏକ ଦୀପଦାନ କାର୍ଯ୍ୟକ୍ରମ କରାଯାଇଥିଲା। ସୂଚନାଯୋଗ୍ୟ, ୧୯୬୨ ନଭେମ୍ବର ୧୮ରେ ଭାରତ ଚାଇନା ମଧ୍ୟରେ ହୋଇଥିବା ଯୁଦ୍ଧରେ ୧୧୪ଜଣ ବୀର୍ ଯାଦବ ସୈନିକ ସହିଦ୍ ହୋଇଥିଲେ। ସେହି ବୀର ଯାଦବମାନଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ନିରବ ପ୍ରାର୍ଥନା କରାଯାଇଥିଲା।




# କୋଲରର ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମଧୁମେହ ଦିବସ



**ତିର୍ତ୍ତୋଲ, ୧୯ ।୧୧(ସମିସ):** କୋଲରସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟ କାନୁନଗୋ ଯୋଗଦେଇ ମଧୁମେହର କାରଣ ଓ ସୁସ୍ଥ ଦିନ ଚର୍ଯ୍ୟା, ସୁସ୍ଥ ଆହାର ବିହାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିଭଳି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯକ୍ଷ୍ମା ବିଭାଗ ବରିଷ୍ଠ ବୈଷୟିକ ନୀରୀକ୍ଷକ ପ୍ରଶାନ୍ତ ସାହୁ ଯୋଗଦେଇ ଯକ୍ଷ୍ମା ମୁକ୍ତ ଭାରତ ସମ୍ପର୍କରେ ଆଲୋକପାତ କରିଥିଲେ। ଯକ୍ଷ୍ମା ଆରୋଗ୍ୟ ସାଧ। ଯକ୍ଷ୍ମା ହାରିବ ଦେଶ ଜିତିବ ସ୍ଲୋଗାନ ସଫଳ ହେବ ବୋଲି କହିଥିଲେ। କୋଲର ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କମଳା ବେହେରା, ଆମ୍ରେରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଯକ୍ଷ୍ମା ଚାମ୍ପିଅନ ପୂଜାରାଣୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲ। ଯୋଗଗୁରୁ ଜୀବନଧନ ବେହେରା ତାଙ୍କ ବକ୍ତବ୍ୟରେ ଯୋଗ, ପ୍ରାଣାୟାମ ଦ୍ୱାରା ଯକ୍ଷ୍ମା ରୋଗ ଦୂର ପାଇଁ ସହାୟକ ହେବ ବୋଲି କହିଥିଲେ।

# ଯଶୋବନ୍ତ ସାହିତ୍ୟ, ସଂସ୍କୃତି ସଂସଦର ପ୍ରତିଯୋଗିତା



**ବିରିଡି, ୧୯ ।୧୧(ସମିସ):** ଯଶୋବନ୍ତ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା କରାଯାଇଛି। ଗୋବିନ୍ଦଚନ୍ଦ୍ର ଗ୍ରନ୍ଥରେ ନୀତିଶିକ୍ଷା ଶୀର୍ଷକ ପ୍ରବନ୍ଧ, ପଞ୍ଚସଖାଙ୍କ ମାଳିକା ଉପରେ ବକ୍ତୃତା ଏବଂ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। ବିଶ୍ୱନାଥ ଦାସ, ଅଲେଖ ଚରଣ ବାରିକ, ସୁବ୍ରତ ପ୍ରସାଦ ମହାପାତ୍ର, ବସନ୍ତ ବେହେରା, ସୀତାଂଶୁ ଶେଖର ରାୟ, ପ୍ରଦୀପ୍ତ ସାମଲ, ପ୍ରଦୀପ୍ତ ସାହୁ, ଅଭୟ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ। ବିଚାରପତି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ମହାନ୍ତି, ଶିକ୍ଷାବିତ ବିଜୟ ବେହେରା, ରବୀନ୍ଦ୍ର ନାଥ ମିଶ୍ର, ସୁରେଶ ଚନ୍ଦ୍ର ଜେନା କାର୍ଯ୍ୟ ତୁଲାଇଥିଲେ। ପଦ୍ମଲାଭ ଭୋଇ, ଗଗନ ବିହାରୀ ଦାସ, ବାମଦେବ ସ୍ୱାଇଁ, ଲିଙ୍ଗରାଜ ମଲ୍ଲ, ସୁଧାକର ପାତ୍ର, ନିକୁଞ୍ଜ ବିହାରୀ ଭଞ୍ଜ, ଅମଳେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ଶୁଭଶ୍ରୀ ସାହୁ ଆଳି ବ୍ଲକ ଟପ୍ପର

**ଆଳି, ୧୯ ।୧୧(ସମିସ):** ଚଳିତ ବର୍ଷ ପ୍ରକାଶ ପାଇଥିବା ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ଶରତ ଦେବ ଉଚ୍ଚବିଦ୍ୟାଳୟର ଛାତ୍ରୀ ସୁଭଶ୍ରୀ ସାହୁ ୯୪ ନମ୍ବର ରଖି ବ୍ଲକରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଦ୍ୟାଳୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦ ଲହରୀ ଖେଳିଯାଇଛି। ସୁଭଶ୍ରୀ ହେଉଛନ୍ତି ଶରତ ଦେବ ଉଚ୍ଚବିଦ୍ୟାଳୟର ବରିଷ୍ଠ ଇଂରାଜୀ ଶିକ୍ଷକ ଶିବ ପ୍ରସାଦ ସାହୁ ଓ ଦୀପମାଳା ସାହୁଙ୍କ ବଡ ଝିଅ।



# ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

**ରାଜନଗର, ୧୯।୧୧(ସମିସ)**



ରାଜନଗର ବ୍ଲକ ବେଲପାଳସ୍ଥିତ ବେଲପାଳ ନିମ୍ନ ମୌଳିକ ବିଦ୍ୟାଳୟରେ ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ଉତ୍କଳ ଗ୍ରାମ ସ୍ୱରାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ ସ୍ୱରାଜର ପ୍ରତିଷ୍ଠାତା ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଉଦ୍‌ଘାଟକ ଭାବେ ଯୋଗଦେଇ ଡ. ରାଜେନ୍ଦ୍ର ପ୍ରସାଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ନିମ୍ନ ମୌଳିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଧାସ୍ମିତା ବିଶ୍ୱାଳ ପ୍ରାରମ୍ଭିକ ସୂଚନା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଭାରତୀୟ ସାଂସ୍କୃତିକ ସହଯୋଗ ସମିତିର ସାଧାରଣ ସମ୍ପାଦକ ବିଜୟ ପଡ଼ିହାରୀ, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଶୁଭସୂର୍ଯ୍ୟର ସମ୍ପାଦିକା ଅଧ୍ୟାପିକା ଜ୍ୟୋତିର୍ମୟୀ, ଡଃ. ନୃସିଂହ ଚରଣ ବେହେରା, ଡ. ଦୀପକ ରାଜ, ମନୋରଞ୍ଜନ ମିଶ୍ର, ରବୀନ୍ଦ୍ର ମହାପାତ୍ର, ସତ୍ୟବ୍ରତ ପୁହାଣ, କବୟିତ୍ରୀ ଭଗବତୀ ଖଟୁଆ, ସଂଯୁକ୍ତା ବେହେରା, ଶିକ୍ଷାବିତ୍ ଭାଗ୍ୟଧର ସ୍ୱାଇଁ, ପ୍ରମୋଦ ଦାସ, ସଂଯୋଗ ସାମନ୍ତରାୟ, ଭାସ୍କର ରାଉତରାୟ, କୈଳାସ ଚନ୍ଦ୍ର ଜେନା ଏବଂ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ଶିକ୍ଷାକମିଟିର ସଭାପତି ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବୈଠକ

**ଡେରାବିଶ, ୧୯।୧୧(ସମିସ)**




ଗୋଲରାହାଟ ପଞ୍ଚାୟତର ଶ୍ରୀ ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ଶାଖାର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ନେତା ମନୋଜ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ନିର୍ମାଣ ଶ୍ରମିକଙ୍କ ମୃତ୍ୟୁର ୨ମାସ ମଧ୍ୟରେ ସହାୟତା ରାଶି ପ୍ରଦାନ କରିବାର ନିୟମ ଥିଲେ ବି ୨ ବର୍ଷ ଧରି ଅନେକ ମୃତ ଶ୍ରମିକଙ୍କ ପରିବାର ଏହା ପାଇପାରି ନାହାଁନ୍ତି। ଶହଶହ ଶ୍ରମିକଙ୍କ ଝିଅ ବିଭାଘର ହୋଇଯାଇଥିଲେ ବି ଝିଅ ବିଭାଘର ନିମନ୍ତେ ଆର୍ଥିକ ସହାୟତା ପାଇଁ ଶ୍ରମିକମାନେ କରିଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯାଇନାହିଁ। ସେହିପରି ପାଠପଢ଼ା ନିମନ୍ତେ ଦରଖାସ୍ତ କରି ବହୁ ଶ୍ରମିକ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ୪ବର୍ଷ ଧରି ମହିଳା ଶ୍ରମିକମାନେ ପଞ୍ଜିକରଣ ପାଇଁ ଆବଶ୍ୟକ ଦରଖାସ୍ତ ଓ ଦେୟ ଦାଖଲ କରିଥିଲେ ବି ଏ ପର୍ଯ୍ୟନ୍ତ ପଞ୍ଜିକୃତ ହୋଇପାରୁ ନାହାନ୍ତି। ଶ୍ରମ କାର୍ଯ୍ୟାଳୟ ଶ୍ରମିକଙ୍କ ସ୍ୱାର୍ଥକୁ ଅଣଦେଖା କରୁଥିବାରୁ ନିର୍ମାଣ ଶ୍ରମିକମାନେ ପୁଣି ନିଜର ଏକତା ପ୍ରଦର୍ଶନ କରି ଦାବି ପୂରଣ ପାଇଁ ଆନ୍ଦୋଳନକୁ ଓହ୍ଲାଇବା ଜରୁରୀ ହୋଇ ପଡ଼ିଛି ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହାକୁ ସମର୍ଥନ କରି ହୃଷିକେଶ ଧଳ, ଅନିରୁଦ୍ଧ ପୃଷ୍ଟି, ହରିହର ମାହାଳି, ହରିହର ପାଣ୍ଡେ, ପ୍ରତାପ ମଳିକ, ଦିବକାର ବେହେରା, ଭଗବାନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଚନ୍ଦ୍ରମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପଟ୍ଟାମୁଣ୍ଡାଇ କଲେଜ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୧୯ ।୧୧(ସମିସ)**




ପଟ୍ଟାମୁଣ୍ଡାଇ କଲେଜ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କଟକ ବିଦ୍ୟାଧରପୁର ଜାତୀୟ ଧାନ ଗବେଷଣା କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ଶ୍ରୀକାନ୍ତ ଲେଙ୍କା, ବୈଜ୍ଞାନିକ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଧାନରେ ଲାଗୁଥିବା ପୋକ ଓ ନିରାକରଣ, ଧାନ ନଡ଼ା ବ୍ୟବହାର କରି ବିଭିନ୍ନ ଚାଷ ଓ ପନିପରିବା ଫସଲରେ ହୋଇଥିବା ରୋଗ ନିରାକରଣ ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ଡ. ଦୁଃଶାସନ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ରମେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରାଧ୍ୟାପିକା ଡ. ଅଞ୍ଜଳି ଦାଶ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ଡ. ସୁନୀଲ ପ୍ରଧାନ, ଡ. ଫକୀର ପ୍ରଧାନ, କ୍ୟାପଟେନ ମନୋଜ ପରିଡ଼ା, ରଞ୍ଜନ ଗାହାଣ, ସଞ୍ଜୀବ ମିଶ୍ର, ବୈକୁଣ୍ଠ ରାଉଳ, ଅମିତ ସାହୁ ପ୍ରମୁଖ ଉପସ୍ଥଇତ ଥିଲେ।

# ଭେଙ୍କଟେଶ୍ୱର ସ୍କୁଲରେ ପ୍ରକଳ୍ପ ମେଳା




**ପଟ୍ଟାମୁଣ୍ଡାଇ, ୧୯ ।୧୧(ସମିସ):** ପଟ୍ଟାମୁଣ୍ଡାଇ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ପ୍ରକଳ୍ପ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷ ପ୍ରତାପ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ ନାୟକ ମୁଖ୍ୟଅତିଥି, ଶିକ୍ଷାବିତ ଅନନ୍ତ କିଶୋର ଦାସ ମୁଖ୍ୟବକ୍ତା ଓ ସ୍କୁଲ ନିର୍ଦ୍ଦେଶକ ସଞ୍ଜୟ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଦୀପ୍ତିମୟୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ପ୍ରକଳ୍ପ ମେଳାରେ ଇଂରାଜୀ, ଗଣିତ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଭାଗରେ ୧୦୨ ପ୍ରକଳ୍ପ ସ୍ଥାନ ପାଇଥିଲା। ସେହିଭଳି ଚିତ୍ରକଳା ଓ ହସ୍ତକଳାରେ ୪୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଗୌରବ ବେହେରା, ମୋନାଲିସା ରାୟ, ସୁମନପ୍ରିୟା ନାୟକ, ନମିତା ସୂତାର, ବିରସେନ ଜେନା, ଅମିତ ପାତ୍ର, ସୌମ୍ୟ ରଞ୍ଜନ ପଣ୍ଡା, ଅନିରୁଦ୍ଧ ଜେନା, ରିଙ୍କେଶ୍ୱରୀ ଦାସ, ଜ୍ୟୋସ୍ନାରାଣୀ ନାୟକ, ରାକେଶ ସୂତାର, ପ୍ରବୀର ବାରିକ, ତପସ୍ୱିନୀ ପ୍ରଧାନ, ପ୍ରିୟଙ୍କା ସୂତାର, କାମିନୀ ମହାନ୍ତି, ବିନ୍ଦୁରେଖା ନାୟକ, ମଧୁସ୍ମିତା ଗିରି, ବନିମୟୀ ନାୟକ, ମୋନାଲିସା ପରିଡ଼ା, ପଦ୍ମିନୀ ଆଚାର୍ଯ୍ୟ, ଆଶାଲତା ମଲ୍ଲିକ ପରିଚାଳନା କରିଥିଲେ, ହିମାଂଶୁଭୂଷଣ ନାୟକ, ଭକ୍ତରଞ୍ଜନ ମହାନ୍ତି, ବିଷ୍ଣୁପ୍ରିୟା ମହାରଣା, ଅରୁନ୍ଧତୀ ଦାସ, ପାର୍ବତୀ ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ତଃବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା

**ଆଳି, ୧୯ ।୧୧(ସମିସ):** ଆଳି ଜାଭିୟର ଇଣ୍ଟରନାସନାଲ ସ୍କୁଲରେ ଉତ୍କଳ କଳା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆନ୍ତଃ ବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଡକ୍ଟର ଦୁର୍ଯ୍ୟୋଧନ ଦାଶ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିକ୍ଷାବିତ କବି ପ୍ରମୋଦ ମଲ୍ଲିକ ମୁଖ୍ୟ ଅତିଥି, କୃଷ୍ଣଚନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା, ଅକ୍ଷୟ ଦାସ, ଗୋବିନ୍ଦ ଚନ୍ଦ୍ର ନନ୍ଦ, ଅକ୍ଷୟ ପଣ୍ଡା ଓ ଶିକ୍ଷାବିତ ଅର୍ଜୁନ ବିଶ୍ୱାଳ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଉପାଧକ୍ଷ ଅକ୍ଷୟ ପଣ୍ଡା ସଂଯୋଜନା କରିଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ଜାଭିୟରର ୨୦୪ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରଫୁଲ୍ଲ ପରିଡ଼ା, ଶିକ୍ଷକ ରବୀନ୍ଦ୍ର ପରିଡ଼ା, ନରେନ୍ଦ୍ର ଦାସ ଓ ଦେବେନ୍ଦ୍ର ପଣ୍ଡା ସହଯୋଗ କରିଥିଲେ।



# ଜିଲ୍ଲାସ୍ତରୀୟ ବିଜ୍ଞାନ କର୍ମଶାଳାରେ କୃତିତ୍ୱ

**ପଞ୍ଚୁପାଣ୍ଡବ, ୧୯।୧୧(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଭଗବତୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ବିଜୟଲକ୍ଷ୍ମୀ ବାରିକ ଜିଲ୍ଲାସ୍ତରରେ ଜୁନିୟର ବିଜ୍ଞାନ କୁଇଜରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସନ୍ଥପୁରାଠାରେ ଆୟୋଜିତ ବ୍ଲକସ୍ତରୀୟ ମେଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସେ ଜିଲ୍ଲାସ୍ତରରେ ପ୍ରଥମ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନା ତାଙ୍କୁ ପୁରସ୍କୃତ କରିଛନ୍ତି।



# ଗିରିଗୋବର୍ଦ୍ଧନ ପୂଜା ସମ୍ପନ୍ନ

**ଡେରାବିଶ, ୧୯।୧୧(ସମିସ):** ଚାନ୍ଦୋଳ ପଞ୍ଚାୟତର ଗୌଡ଼ବିଶି, ପଥରପଡ଼ା, ପଲେଇ ପଞ୍ଚାୟତର କାଜିପୁର, ଦାନପୁର ପଞ୍ଚାୟତର ରଜାଙ୍ଗ, ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁରରେ ବୁଣାକାରମାନଙ୍କ ଆରାଧ୍ୟ ଦେବତା ଗିରିଗୋବର୍ଦ୍ଧନ ପୂଜା ଶେଷ ହୋଇଛି। ଗୌଡ଼ବିଶି ଗାଁରେ ମଧୁସୂଦନ ଘଡ଼େଇ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ଶାନ୍ତନୁ ନାୟକ, ପ୍ରାଧ୍ୟାପକ ଅଜୟ ରାଉତ, ବିଜେଡ଼ି ନେତା ସଞ୍ଜୟ ଅଗ୍ରୱାଲ, ରବି ସାମଲ, ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ବିଭିନ୍ନ ପୂଜା ମଣ୍ଡପ ବୁଲିଥିଲେ।



# ‘ଶିକ୍ଷକଙ୍କ ସମସ୍ୟା ସମାଧାନରେ ବ୍ରହ୍ମାନନ୍ଦ ବ୍ରହ୍ମଚାରୀଙ୍କ ଅବଦାନ ଅତୁଳନୀୟ’

**ବାଲିକୁଦା, ୧୯ ।୧(ସମିସ)**




ବାଲିକୁଦା ବ୍ଲକ ଇଚ୍ଛାପୁର ଷ୍ଟଡି ସର୍କଲ ପରିସରରେ ଜଗତସିଂହପୁର ଜିଲ୍ଲା ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ପୂର୍ବତନ ସଭାପତି ତଥା ଶିକ୍ଷକ ଗୌରବ ବ୍ରହ୍ମଚାରୀଙ୍କ ୧୧୮ ତମ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଙ୍ଘ ସମ୍ପାଦକ ସାରଦା ପ୍ରସନ୍ନ ସିଂ ଯୋଗ ଦେଇଥିଲେ। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ନିରଞ୍ଜନ ପଣ୍ଡା ଯୋଗ ଦେଇଥଲେ। ନିଜ ବକ୍ତବ୍ୟରେ ସେ କେବଳ କୃତି ଶିକ୍ଷକ ଭାବେ ବନମାଳୀ ବାବୁ ନିଜର ପ୍ରତିଷ୍ଠା ଅର୍ଜନ କରି ନ ଥିଲେ। ସେ ଶିକ୍ଷାର ସାରସ୍ୱତ ସାଧକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ଚୟନି, ପ୍ରଭାକର ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବ୍ରହ୍ମଚାରୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଆଚାର୍ଯ୍ୟଙ୍କୁ ବନମାଳୀ ବ୍ରହ୍ମଚାରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ମିହିର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଟର ତାଲିକାର ସ୍ୱତନ୍ତ୍ର ସମୀକ୍ଷା କଲେ ପର୍ଯ୍ୟବେକ୍ଷକ




## ଜିଲ୍ଲାର ୭ଟି ବୁଥ୍ ପରିଦର୍ଶନ କଲେ

**ବରଗଡ଼, ୧୯।୧୧(ସମିସ):** ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ସ୍ପେସାଲ ସମରୀ ରିଭିଜନର ପର୍ଯ୍ୟବେକ୍ଷକ ଭାବେ ପ୍ରଶାସନିକ ଅଧିକାରୀ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡ. ବୃନ୍ଦା ଡି ବରଗଡ଼ ଜିଲ୍ଲା ଗସ୍ତ କରି ସମୀକ୍ଷା କରିଥିଲେ। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ଏହି ସମୀକ୍ଷା ବୈଠକ ହୋଇଥିଲା। ବିଭିନ୍ନ ରାଜନୈତିକ ପାର୍ଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବରଗଡ଼ ଜିଲ୍ଲାପାଳ ମନୀଷା ବାନାର୍ଜୀ,ଅତିରିକ୍ତ ଜିଲ୍ଲାପାଳ ଲଲାଟ ଲୁହା, ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୂଷଣ, ପଦ୍ମପୁର ଉପଜିଲ୍ଲାପାଳ ଆଲୋକ ପଟେଲ, ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡା, ପ୍ରମୁଖ ବହୁ ପ୍ରସାଶନିକ ଅଧିକାରୀ ଉପସ୍ଥିତ ଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ସୁରେଶ୍ୱର ଶତପଥୀ, ସର୍ଦ୍ଦାର ପ୍ରିତମ ସିଂ, ଭବାନୀ ସାହୁ, ପ୍ରତାପଚନ୍ଦ୍ର ନାୟକ, ଦେବ କୁମ୍ଭାର, ରମେଶ ସା, ପାଣ୍ଡବ କର୍ଣ୍ଣ, କିଶୋର ମିଶ୍ର ପ୍ରମୁଖ ରାଜନୈତିକ ଦଳର ସଦସ୍ୟ ଉପସ୍ଥିତ ଥିଲେ। ସକାଳେ ଭେଡେନ ବ୍ଲକ୍ ର କୁଦୋପାଲି, ଟିହିକିପାଲି, ଗଣ୍ଡତୁରୁମ୍, ଜାମଡୋଳ, ଗୋବିନ୍ଦପାଲି, ନିଶାମଣି ସ୍କୁଲ ବରଗଡ଼ ତଥା ପଦ୍ମପୁର ସବଡିଭିଜନର ମେଲଛାମୁଣ୍ଡା, ଦୀପ୍ତିପୁର, ଟାଲ, ଗ୍ରାମଗୁଡ଼ିକରେ ଥିବା ବୁଥ ପରିଦର୍ଶନ କରିଥିଲେ। ବହୁ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପୁଣି ଦୁଇ ଥର ବରଗଡ଼ ଜିଲ୍ଲାକୁ ଗସ୍ତକରି ବିଭିନ୍ନ ବୁଥ ପରିଦର୍ଶନ କରିବାର କାର୍ଯକ୍ରମ ରହିଛି ବୋଲି ଜଣାପଡିଛି।

# ତେଲଙ୍ଗାନା ଇଟାଭାଟିରେ ପରିବାର ସହ ୧୯ ଶ୍ରମିକ ବନ୍ଧକ



## ମୁକ୍ତି ପାଇଁ ଗୁହାରି

**ପଦ୍ମପୁର,୧୯।୧୧ (ସମିସ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ଗଉଡମାଲ ଗ୍ରାମର ଜଣେ ୬୦ ବର୍ଷ ବୟସ୍କା ଉଷା ବେହେରାଙ୍କ ସମେତ ୩ଜଣ ଛୋଟ ଛୁଆ,ମହିଳା ମିଶି ୧୯ ଜଣ ଦାଦନ ଶ୍ରମିକ ତେଲଙ୍ଗାନା ରାଜ୍ୟର ବିଶକଣ୍ଡ୍ରା ଇଟାଭାଟିରେ ୨ ମାସ ହେଲା ବନ୍ଧକ ରହିଥିବା ଅଭିଯୋଗ ଆସିଛି। ସେମାନଙ୍କୁ ମୁକ୍ତି କରି ଓଡିଶାକୁ ଫେରାଇ ଆଣିବା ପାଇଁ ଉଷା ବେହେରାଙ୍କ ସ୍ୱାମୀ ତାରାଚନ୍ଦ ବେହେରା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଏନେଇ ସେ ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ଚିଠି ଲେଖି ଆକୁଳ ନିବେଦନ କରିଛନ୍ତି। ଝାରବନ୍ଧ ବ୍ଲକ ଅନ୍ତର୍ଗତ ଗଉଡମାଲ ଗ୍ରାମର ୧୯ ଜଣ ଦଳିତ ପରିବାରର ସଦସ୍ୟ ପେଟପାଟଣା ପାଇଁ ଉକ୍ତ ରାଜ୍ୟର ବାଉଁଶବାଡା ଜିଲ୍ଲା ଅନ୍ତର୍ଗତ ଇଟାଭାଟି ମାଲିକ କ୍ରିଷ୍ଣାଙ୍କ ବିଶକଣ୍ଡ୍ରା ଇଟାଭାଟିରେ ୨ ମାସ ହେଲା ମଜୁରୀ କାମ କରୁଛନ୍ତି। ଇଟାଭାଟି ମାଲିକ ଶ୍ରମିକଙ୍କୁ ମଜୁରୀ ଦେବା ପରିବର୍ତ୍ତେ ମାରପିଟ କରୁଥିବା ଅଭିଯୋଗ ହୋଇଛି । ସେମାନେ ଓଡ଼ିଶା ଫେରିବାକୁ ଚାହିଁଥିବା ବେଳେ ମାଲିକ ସେମାନଙ୍କୁ ଇଟାଭାଟିରେ ବନ୍ଧକ ରଖି କାମ କରାଉଥିବାର ଅଭିଯୋଗ ହୋଇଛି। ଏହି ଶ୍ରମିକଙ୍କ ଭିତରେ ୩ ବର୍ଷ ଓ ୫ ବର୍ଷର ୨ଟି ଛୋଟ ଛୁଆ ଥିବାବେଳେ ମହିଳାମାନେ ମଧ୍ୟ ଅଛନ୍ତି। ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁଦାବି ହେଉଛି।

## ଭି.କେ. ପାଣ୍ଡିଆନଙ୍କୁ ଭେଟିଲା ସମ୍ବଲପୁର ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ

# ପର୍ଯ୍ୟଟନର ବିକାଶ ପାଇଁ କୃତଜ୍ଞତା ଜଣାଇଲେ

**ସମ୍ବଲପୁର,୧୯।୧୧(ସମିସ)**

ଆମ ଓଡ଼ିଶା ନବୀନ ଓଡ଼ିଶା ଓ ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କୁ ନବୀନ ନିବାସରେ ସମ୍ବଲପୁର ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘର ସଦସ୍ୟ ଭେଟିଛନ୍ତି। ସମ୍ବଲପୁର ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶିତ

## ସମଲେଇ ଯୋଜନା ପରିବର୍ତ୍ତନ ଆଣିବ

କରାଯାଉଛି ସେଥିପାଇଁ କୃତଜ୍ଞତା ଜଣାଇଥିଲେ। ସମ୍ବଲପୁର ସମଲେଇ ଯୋଜନା ଶୀଘ୍ର ଲୋକାର୍ପଣ କରିବାକୁ ଅନୁରୋଧ କରିଥିଲେ। ଜାନୁୟାରୀରେ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯିବ



ବୋଲି ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ କହିଥିଲେ। ଏହି ଅବସରରେ କୋଷାଧ୍ୟକ୍ଷ ଗୋପାଳ ସାମନ୍ତ ରାୟ, କାର୍ଯ୍ୟକାରି କମିଟି ସଦସ୍ୟ ଦିଲିପ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସଂଘର ସଭାପତି ଶିଳାଶିବ କହିଛନ୍ତି ଯେ, ସମଗ୍ର ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପର୍ଯ୍ୟଟନ ସ୍ଥଳ ଗୁଡିକର ସମୂହ ବିକାଶ କରାଯାଉଛି। ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ପୂର୍ବରୁ ସଂଘ ଭେଟି ବିଭିନ୍ନ ପ୍ରସ୍ତାବ ଦେଇଥିଲା। ଦିଆଯାଇଥିବା ସମସ୍ତ ପ୍ରସ୍ତାବ ଓ ଦାବିକୁ ସରକାର ମଞ୍ଜୁର କରି କାମ କରୁଛନ୍ତି। ବିକାଶ କ୍ଷେତ୍ରରେ ପର୍ଯ୍ୟଟନ ସ୍ଥଳ ଗୁଡିକର ରୁପାନ୍ତରୀକରଣ ହେଉଛି। ପର୍ଯ୍ୟଟନ ସ୍ଥଳ ଗୁଡିକ ଯେଭଳି ବିକାଶ ହେଉଛି, ତାହା ସିଧା ସଳଖ ହୋଟେଲ ବ୍ୟବସାୟ ଉପରେ ଭଲ ପ୍ରଭାବ ପକାଇବ। ପର୍ଯ୍ୟଟକ ଆସିବେ ବ୍ୟବସାୟରେ ଅଭିବୃଦ୍ଧି ହେବ ବୋଲି କହିଥିଲେ।

# ନୃସିଂହନାଥ ପୀଠରେ ଉନ୍ନୟନ କାର୍ଯ୍ୟର ତଦାରଖ କଲେ ଆର୍‌ଡିସି

**ପାଇକମାଲ ୧୯।୧୧ (ସମିସ):** ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରରେ ଓଡ଼ିଶା ସରକାରଙ୍କ ଦ୍ୱାରା ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ରବିବାର ତଦାରଖ କରିଛନ୍ତି ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶଚନ୍ଦ୍ର ଦଳେଇ। ମନ୍ଦିର ନିକଟରେ ଥିବା ଭଣ୍ଡାର ଘର ଭାଙ୍ଗିବା ନେଇ ଅନେକ କଳ୍ପନା ଜଳ୍ପନା ପାଇକମାଲରେ ଚାଲିଥିବାବେଳେ କମିଶନର ଶ୍ରୀ ଦଳେଇ ମନ୍ଦିର କର୍ମଚାରୀଙ୍କ ଏନେଇ ପଚାରି ବ୍ୟବସ୍ଥା କରାଯିବ ବୋଲି ଜଣାଇଛନ୍ତି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ନୃସିଂହନାଥ ମନ୍ଦିରରେ ଚାଲିଥିବା ସମସ୍ତ ଉନ୍ନୟନ କାମ ସମ୍ପୂର୍ଣ ହେବ ବୋଲି କହିଥିଲେ। ବିଭିନ୍ନ କାମ ବୁଲି ଦେଖିଥିଲେ। ଏହି ସମୟରେ ପିଡବ୍ଲୁଡି ଅଧୀକ୍ଷଣ ଯନ୍ତ୍ରୀ ଆଲୋକ ନାୟକ, ବିଡିଓ ପ୍ରଫୁଲ୍ଲ ଉଦ୍ଗୁ, ତହସିଲଦାର ସିନ୍ଧୁସୂତା ପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ମନ୍ଦିର ବୈଶାଖ ମେଳା କମିଟି ସଭ୍ୟ ବଡ ଶତପଥୀ, ସୁରଥ ସାହୁ, ଧିରେନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ଶିଶୁ ସହ ୨୧ ଦାଦନ ଶ୍ରମିକ ଉଦ୍ଧାର, ଜଣେ ଗିରଫ

**କଣ୍ଟାବାଞ୍ଜି, ୧୯।୧୧(ସମିସ):** ତୁରେକେଲା ପୁଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ରାମୁଡ଼ ଛକ ନିକଟରେ ୨୧ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏଥିସହ ସମ୍ପୃକ୍ତ ଦାଦନ ସର୍ଦ୍ଦାରକୁ ଗିରଫ କରାଯାଇଛି। ଶ୍ରମିକଙ୍କ ମଧ୍ୟରୁ ୯ ଜଣ ମହିଳା, ୫ ଜଣ ପୁରୁଷ ଓ ୭ ଜଣ ଶିଶୁ ଥିବାବେଳେ, ଶ୍ରମିକମାନେ ବେଲପଡା ଥାନାଞ୍ଚଳର। ଥାନା ଭାରପ୍ରାପ୍ତ ଅଧିକାରୀ ଭାନୁଶଙ୍କର ଯାଦବଙ୍କ ସୂଚନା ଅନୁସାରେ, ବେଲପଡା ଥାନା ଶୁଆବାହାଲ ଗାଁ ର ଦାଦନ ସର୍ଦାର କ୍ଷୀରସିନ୍ଧୁ ତାଣ୍ଡିକୁ କୋର୍ଟ ଚାଲାଣ କରାଯାଇଛି। ଏହାସହ ୩ଟି ଅଟୋକୁ ପୁଲିସ ଜବତ କରିଛି।

# ସୁପ୍ରଭା ମଞ୍ଜରୀ ଜେନାଙ୍କ ପରଲୋକ

**ବଲାଙ୍ଗିର, ୧୯।୧୧ (ସମିସ):** ବଲାଙ୍ଗିର ପ୍ରତାପ ସାଗରପଡା ନିବାସୀ ତଥା ପୃଥୀରାଜ ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ହୃଦାନନ୍ଦ ଜେନାଙ୍କ ସହଧର୍ମିଣୀ ସୁପ୍ରଭା ମଞ୍ଜରୀ ଜେନା (୭୦)ଙ୍କ ରବିବାର ଦିନ ୧୨ଟାରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ମେଳାପୀ ଏବଂ ଧର୍ମପ୍ରାଣା ମହିଳା ଭାବେ ପରିଚିତ ଥିଲେ। ତାଙ୍କ ଦୁଇ ପୁଅ ଅଧ୍ୟାପକ ବିକାଶ ରଞ୍ଜନ ଜେନା, ପ୍ରଦୋଷ ରଞ୍ଜନ ଜେନା, ଦୁଇ ବୋହୂ ସୁନୀତା, ସସ୍ମିତା, ଦୁଇ ଝିଅ ଅନୁରାଧା, ଅନୁପମା, ଜ୍ୱାଇଁ ସୁଧୀର ପାତ୍ର ଓ ଗୌର ବାରିକ ଅଛନ୍ତି। ସୁପ୍ରଭା ମଞ୍ଜରୀଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରର ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷାବିତ୍ ଓ ପଡାବାସୀ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜ୍ୟେଷ୍ଠପୁତ୍ର ବିକାଶ ରଞ୍ଜନ ମୁଖାଗ୍ନି ଦେଇଥିଲେ।



# ତହସିଲ କର୍ମଚାରୀ ଓ ବାଲିମାଫିଆଙ୍କ ସଲାସୁତରା !

**ପଦ୍ମପୁର, ୧୯।୧୧ (ସମିସ):** ଜିଲ୍ଲା ସୀମାନ୍ତ ପଦ୍ମପୁର, ପାଇକମାଲ, ଝାରବନ୍ଧ ତହସିଲ ଅଧୀନରେ ଥିବା ବିଭିନ୍ନ ନଦୀପଠାରୁ ପଡୋଶୀ ରାଜ୍ୟ ବିଶେଷ କରି ଛତିଶଗଡ଼ ଓ ଆନ୍ଧ୍ରକୁ ବାଲି ଚୋରାଚାଲଣ ହେଉଥିବା ଦେଖିବାକୁ ମିଳୁଛି। ବାଲିଦର ଟ୍ରାକ୍ଟର ପିଛା ୫୦୦/୭୦୦ ଟଙ୍କାରୁ ବର୍ତ୍ତମାନ ୨୫୦୦ ଟଙ୍କା ଉପରେ। ସୂଚନା ଅନୁସାରେ, ଅଙ୍ଗ ନଦୀ ପଦ୍ମପୁର,ପାଇକମାଲ, ଝାରବନ୍ଧ ବ୍ଲକକୁ ଘେରି ରହିଥିବାରୁ ଏହାର ବିଭିନ୍ନ ବାଲିଘାଟ ସମେତ ଛୋଟ ଛୋଟ ନଦୀରୁ ଏହି ବାଲି ଚୋରା ଚାଲଣ ହେଉଛି। ଏହି ଚାଲାଣରେ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ମାଫିଆଙ୍କ ସଲାସୁତରା ରହିଥିବା ଅଭିଯୋଗ ହେଉଛି। ଓଡିଶା ଅପେକ୍ଷା ଏହି ଦୁଇ ରାଜ୍ୟରେ ବାଲିର ଦାମ ପ୍ରାୟ ତିନି ଗୁଣା ଅଧିକ ଥିବାରୁ ମାଫିଆ ମାନେ ଭଲ ମୁନାଫା ପାଉଛନ୍ତି। ଏହି ବେଆଇନ ବାଲି ଚାଲାଣ ଉପରେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକି ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବେଆଇନ ବାଲିଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଜଲାରାମ ଜୟନ୍ତୀ ପାଳିତ

**ତୁରେକେଲା,୧୯।୧୧(ସମିସ):** କଣ୍ଟାବାଞ୍ଜି ସହରରେ ଗୁଜୁରାଟୀ ସମାଜ ପକ୍ଷରୁ ଜଲାରାମ ଜୟନ୍ତୀ ପାଳିତ ହୋଇଯାଇଛି। ରବିବାର ଜଲାରାମ ଜୟନ୍ତୀ ଉପଲକ୍ଷେ ଗୁଜୁରାଟୀ ସମାଜ ପକ୍ଷରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମୁଖ୍ୟରାସ୍ତାରେ ସୌମିୟା ପରିବାର ପକ୍ଷରୁ ଶୋଭାଯାତ୍ରାକୁ ସମାଜସେବୀ ନିରୁ ଭାଇ ସୌମିୟା, ଇସାନ ସୌମିୟା, ହାର୍ଦ୍ଦିକ ସୌମିୟା, ଜୀଗର ସୌମିୟା ପ୍ରମୁଖ ପରିଚାଳନା କରିଥିଲେ।

# ଅତାବିରା ଉପକୋଷାଗାର କାର୍ଯ୍ୟାଳୟ ଉଦ୍‌ଘାଟିତ

**ଅତାବିରା, ୧୯।୧୧(ସମିସ):** ଅତାବିରା ଏନଏସି ୱାର୍ଡ ନମ୍ବର ଦୁଇ ଅଧୀନରେ ରହିଥିବା ତହସିଲ ଅଫିସ କାର୍ଯ୍ୟାଳୟ ପାଖରେ ବହୁ ପ୍ରତୀକ୍ଷିତ ଉପକୋଷାଗାର କାର୍ଯ୍ୟାଳୟକୁ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉଦଘାଟନ କରିଛନ୍ତି। ସୁବୋଧ ପଣ୍ଡା ଓ ପ୍ରଦୀପ ପେରା ସମ୍ମାନିତ ଅତିଥି, ଏନଏସି ଅଧ୍ୟକ୍ଷ ବନମାଳି ବରିହା ମଞ୍ଚାସୀନ ରହିଥିଲେ। ଅତାବିରାରେ ସରକାରୀ କର୍ମଚାରୀମାନେ ଅବସର ଗ୍ରହଣ କରିବାପରେ ପେନସନ ବାବଦରେ ଏଠାରେ ସହଜରେ କାମ କରିପାରିବେ ବୋଲି କହିଛନ୍ତି ବିଧାୟିକା। ପରେ ଅନେକ ଲୋକ ସୁବିଧା ସରକାରୀ କର୍ମଚାରୀମାନେ ସବୁବେଳେ ଜନସାଧାରଣଙ୍କୁ ସୁବିଧା ଦେବେ ବୋଲି ବିଧାୟିକା କହିଛନ୍ତି।




# ତିନିଦିନିଆ ଜିଲ୍ଲା ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ

**ବରପାଲି,୧୯।୧୧ (ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଆୟୋଜିତ ତ୍ରିଦିବସୀୟ ଯୁବ ରେଡକ୍ରସ ଶିବିର ରବିବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ତତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ପରମାନନ୍ଦ ରଥଙ୍କ ସଂଯୋଜନାରେ ପରିଚାଳିତ କାର୍ଯ୍ୟକ୍ରମରେ ଜିଲ୍ଲା ରେଡକ୍ରସ ଆବାହକ ମାନଭଞ୍ଜନ ପାଣିଗ୍ରାହୀ, ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ପ୍ରଭାଷ ସିଂହ, ସମ୍ମାନିତ ଅତିଥି ଭାବରେ ଜେଡି ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଦିନେଶ ଗହିର,ବ୍ଲକ ଅଧ୍ୟକ୍ଷା ରୀନା ଥାଇତ, ବରପାଲି ତହସିଲଦାର ରୁକ୍ମଣ ମେହେର ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରୁ ଛାତ୍ରୀ ଇତି, ଦୀପ୍ତି, ଅନ୍ୱେଷା, ରାଖି, ଜୟଶ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଉଦଯାପନୀ ଦିବସରେ ପରିଚାଳିତ ସପ୍ତମ ଅଧିବେଶନ ସଭାରେ ଅଗ୍ନି ନିର୍ବାପକ ଉପରେ ସ୍ଥାନିୟ ଅଗ୍ନିଶମ ବିଭାଗ କର୍ମକର୍ତ୍ତା ତାଲିମ୍ ପ୍ରଦାନ କରିଥିଲେ। ପରେ ଡା. ସୁବାସଚନ୍ଦ୍ର ଦାଶ ପ୍ରାଥମିକ ଚିକିତ୍ସା ସେବା ତାଲିମ୍ ମାନ ଦେଇଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ନଗର ପରିକ୍ରମା ସହ ନାରାବାଜି ଓ ପ୍ଲାକାର୍ଡ ଜରିଆରେ ସଚେତନତା ସୃଷ୍ଟି କରିଥିଲେ। ବରଗଡ ଜିଲ୍ଲାର ୩୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଓ ୨୧ଟି ସ୍ନାତକ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ମୋଟ ୫୬ଟି ମହାବିଦ୍ୟାଳୟର କାଉନସିଲର ତଥା ଅଧ୍ୟାପକ ଅଧ୍ୟାପିକା ଶିବିରରେ ଯୋଗ ଦେଇଥିଲେ। ମହିଳା କଲେଜ ରେଡକ୍ରସ କାଉନସିଲର ଅଧ୍ୟାପକ ଯତୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ମୁରଲୀକ୍ରିଷ୍ଣା ଫାଉଣ୍ଡେସନ୍ ଓ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ବରପାଲି, ୧୯।୧୧ (ସମିସ):** ବରପାଲି ନୃପରାଜ କ୍ଲବ ପ୍ରାଙ୍ଗଣରେ ବରଗଡ ମୁରଲୀକ୍ରିଷ୍ଣା ଫାଉଣ୍ଡେସନ୍ ଓ ଶୀତଳ ଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଦିନିକିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ବରଗଡ ବିକାଶ ମଲ୍ଟି ସ୍ପେସାଲିଟି ହସ୍ପିଟାଲ ସହଯୋଗରେ ଶିବିର ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ ଓ ବରେଣ୍ୟ ଅତିଥି ମୁରଲୀକ୍ରିଷ୍ଣା ଫାଉଣ୍ଡେସନ ପରିଚାଳନା ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ତହସିଲଦାର ରୁକ୍ମଣ ମେହେର, ବ୍ଲକ ଅଧ୍ୟକ୍ଷା ରିନା ଥଇତ ପ୍ରମୁଖ ଯୋଗ ଦେଇଥିଲେ। ଶିତଳଷଷ୍ଠୀ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ସଭାପତିତ୍ୱରେ ସଭା ସଂଚାଳିତ ହୋଇଥିଲା। ସମ୍ପାଦକ ଜୟନ୍ତ ତ୍ରିପାଠୀ ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଡା. ବସନ୍ତ ପ୍ରଧାନ, ଡା. ବିକ୍ରମଚନ୍ଦ୍ର ଲେଙ୍କା, ଡା.ହିମାଂଶୁ ଶେଖର ମିଶ୍ର, ଅସ୍ଥିଶଲ୍ୟ ଡା.ପ୍ରଭାକର ତ୍ରିପାଠୀ, ଡା.ରାଜେଶ ଷଡ଼ଙ୍ଗୀ, ଶିଳ୍ପାଙ୍ଗୀ ବର୍ମା ପ୍ରମୁଖଙ୍କ ସହ ବହୁ ସ୍ୱାସ୍ଥ୍ୟକର୍ମୀ ଏବଂ ବିଭାଗିୟ ନର୍ସ ଓ ଫାର୍ମାସିଷ୍ଟ ଟେକ୍ନିସିଆନ ସହଯୋଗ କରିଥିଲେ। ବରଗଡ ଲାୟନ୍ସକ୍ଲବ ସହାୟତାରେ ଏକ ଚକ୍ଷୁ ପରୀକ୍ଷା ଓ ପରାମର୍ଶ ଶିବିର ହୋଇଥିଲା। ଶିବିରରେ ଭିନ୍ନଭିନ୍ନ ବିଭାଗର ୪୮୯ରୁ ଅଧିକ ପୀଡ଼ିତା ଓ ବୟସ୍କମାନେ ସାମିଲ ହୋଇଥିଲେ।



# ମରଣଯନ୍ତା ପାଲଟିଛି ଡୁଙ୍ଗୁରି କଂକ୍ରିଟ୍ ରାସ୍ତା

**ସୁବଳୟା, ୧୯।୧୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରୀ ଛକ ଠାରୁ ବଡ଼ଖମାରକୁ ସଂଯୋଗ କରୁଥିବା ରାସ୍ତା ଏବେ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଯାନବାହାନ ଯିବାଆସିବା କରିଥାଏ। ବିଶେଷକରି ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବା ଆସିବା ସମୟରେ ଛୋଟବଡ଼ ଦୁର୍ଘଟଣା ଶିକାର ହେଉଥିବା ନଜରକୁ ଆସିଛି। ପିଡବ୍ଲୁଡି ରାସ୍ତା ଠାରୁ ଡୁମୁରି ଗ୍ରାମକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ବହୁ ବର୍ଷରୁ ନିର୍ମାଣ ହୋଇଥିଲା। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ରାସ୍ତା ମରାମତି ହୋଇନାହିଁ। ଫଳରେ ଅନେକ ସ୍ଥାନରେ ରାସ୍ତା ଭାଙ୍ଗିବା ସହ ଗେଟି, ଲୁହା ରଡ, ବଡ଼ ବଡ ଗର୍ତ୍ତ ସୃଷ୍ଟି ହୋଇ ଶୋଚନୀୟ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ଓ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଡୁମୁରି ଛକଠାରୁ ବଡ଼ଖମାର, ଚନ୍ଦଳି ଗ୍ରାମକୁ ସଂଯୋଗ କରୁଥିବା ୪ କିମି ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯିବା ପାଇଁ ଦାବି ହେଉଛି।



## ଗୋଟିଏ ଆଙ୍ଗୁଠିରେ କ୍ରିକେଟ ବ୍ୟାଟ୍

# ଗିନିଜ୍ ବୁକ୍ ଅଫ୍ ରେକର୍ଡ ପାଇଁ ଚୟନ ହେଲେ ଆର୍ଯ୍ୟନ

**ଟିଟିଲାଗଡ଼, ୧୯।୧୧(ସମିସ)**

ଦୀର୍ଘ ୩.୧୭ ଘଣ୍ଟା ଗୋଟିଏ ଅଙ୍ଗୁଠିରେ କ୍ରିକେଟ ବ୍ୟାଟକୁ ବେଲେନ୍ସ କରି ଟିଟିଲାଗଡ ଅଞ୍ଚଳର ଜଣେ ଯୁବକ ରେକର୍ଡ ପ୍ରଦର୍ଶନ ପାଇଁ ଚୟନ ହୋଇଛନ୍ତି। ପୂର୍ବରୁ ରାଜସ୍ଥାନର ଆର୍ଯ୍ୟନ ଶର୍ମା ଏହି ରେକର୍ଡ ରଖିଥିଲା ବେଳେ ଟିଟିଲାଗଡ଼ ଅଞ୍ଚଳର କାହ୍ନୁ ଭୋଇ ଏହି ରେକର୍ଡକୁ ଭାଙ୍ଗିବାକୁ ପ୍ରୟାସ କରି ଗିନିସ ୱାର୍ଲ୍ଡ ରେକର୍ଡ କରିବାକୁ ପ୍ରସ୍ତୁତ ହେଉଛନ୍ତି। ରବିବାର ଟିଟିଲାଗଡ଼ ପୌର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା ଏହି ରେକର୍ଡର ପ୍ରଦର୍ଶନ। ଟିଟିଲାଗଡ ବ୍ଲକ କୁରଶୁଡ ପଞ୍ଚାୟତର କଣ୍ଡରା ଗାଁର କାହ୍ନୁ ଭୋଇ। ଗତ ବର୍ଷ ଏକ ଛତାକୁ ଅଙ୍ଗୁଠିରେ ବେଲେନ୍ସ କରି ରେକର୍ଡଭୁକ୍ତ ହୋଇଥିଲେ। ରବିବାର ସାରା ବିଶ୍ୱରେ କ୍ରିକେଟ୍ କ୍ରେଜ୍ ଚାଲିଥିଲା ସମୟରେ ପୁଣି ଏକ ଅଙ୍ଗୁଠିରେ ଏକ କ୍ରିକେଟ ବ୍ୟାଟକୁ ଭାରସାମ୍ୟରେ ରଖିଥିଲେ। ଏହି କାମ ପାଇଁ ବ୍ୟବହାର ହୋଇଥିଲା ୧ କିଲୋ ୬୨ ଗ୍ରାମର କ୍ରିକେଟ ବ୍ୟାଟ। ଏହାର ଲମ୍ବ ଥିଲା ୯୦ ସି.ଏମ୍। ପୂର୍ବାହ୍ନ ୧୧ଟାରେ ଏହି କାର୍ଯକ୍ରମ ଆରମ୍ଭ ହୋଇ ମଧ୍ୟାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଗିନିସ ୱାର୍ଡ ରେକର୍ଡ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଅନୁମତି ନେବା ସହ ୨ ଜଣ ଟାଇମ କିପର ଓ ୨ ଜଣ ସାକ୍ଷୀଙ୍କ ସହ ଅନ୍ୟାନ୍ୟ ଯୁବକ ଯୁବତୀଙ୍କ ଉପସ୍ଥିତିରେ ଏହି ରେକର୍ଡ କରିଥିଲେ କାହ୍ନୁ। ଗୁରୁକୃପା ମାର୍ଶଲ ଆର୍ଟ ଏକାଡେମୀ ଏହି କାର୍ଯ୍ୟକ୍ରମର ଆୟୋଜକ ତଥା ସହଯୋଗୀ ରହିଥିଲା। ଗ୍ରାମାଞ୍ଚଳର ଜଣେ ଯୁବକ ଏହି ବିଶ୍ୱ ରେକର୍ଡରେ ୨ ଥର ସାମିଲ ହୋଇଥିବାରୁ ଲୋକଙ୍କ ଭିତରେ ଖୁସିର ଲହରୀ ଖେଳି ଯାଇଛି। ଆଗାମୀ ଦିନରେ ମଧ୍ୟ ଏହି ଅଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମଞ୍ଚ ପ୍ରଦାନ କରାଯିବ ବୋଲି ଆୟୋଜକ କହିଛନ୍ତି।

# ମୁକୁଟବିହୀନ ସମ୍ରାଟ

## ବ୍ୟାଟିଂରେ ବିରାଟ ଶ୍ରେଷ୍ଠ
## ବୋଲିଂରେ ସାମି ସର୍ବାଗ୍ରେ

ଭାରତ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇ ୩ଥର ବିଶ୍ୱବିଜେତା ହେବାରୁ ବଞ୍ଚିତ ହୋଇଛି । ମୁକୁଟ ଜିତିପାରି ନ ଥିଲେ ମଧ୍ୟ ଦୁଇ ଭାରତୀୟ ବିରାଟ କୋହଲି ଓ ମହମ୍ମଦ ସାମି ଏହି ବିଶ୍ୱକପ୍‌ରେ ଯଥାକ୍ରମେ ବ୍ୟାଟିଂ ଓ ବୋଲିଂରେ ସବୁଠାରୁ ସଫଳ ଖେଳାଳି ହୋଇଛନ୍ତି । ଅର୍ଥାତ୍ ବ୍ୟାଟିଂରେ କୋହଲି ସର୍ବାଧିକ ରନ ଓ ବୋଲିଂରେ ସାମି ସବୁଠାରୁ ଅଧିକ ୱିକେଟ୍ ନେଇ ସମ୍ରାଟ୍ ସାଜିଛନ୍ତି । ବିରାଟ ୧୧ ମ୍ୟାଚରୁ ୩ ଶତକ ସହ ୭୬୫ ରନ ଓ ସାମି ୨୪ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି ।





### ସର୍ବାଧିକ ରନ ସଂଗ୍ରହକାରୀ (ଟପ୍-୧୦)

| ଖେଳାଳି | ଦେଶ | ପାଳି | ରନ | ଆଭରେଜ |
|---|---|---|---|---|
| ବିରାଟ କୋହଲି | ଭାରତ | ୧୧ | ୭୬୫ | ୯୫.୬୨ |
| ରୋହିତ୍ ଶର୍ମା | ଭାରତ | ୧୧ | ୫୯୭ | ୫୪.୨୭ |
| କ୍ୱିଣ୍ଟନ ଡି କକ୍ | ଦ.ଆଫ୍ରିକା | ୧୦ | ୫୯୪ | ୫୯.୪୦ |
| ରାଚିନ ରବୀନ୍ଦ୍ର | ନ୍ୟୁଜିଲାଣ୍ଡ | ୧୦ | ୫୭୮ | ୬୪.୨୨ |
| ଡାରୀଲ ମିଚେଲ | ନ୍ୟୁଜିଲାଣ୍ଡ | ୯ | ୫୫୨ | ୬୯.୦୦ |
| ଡେଭିଡ୍ ୱାର୍ଣ୍ଣର | ଅଷ୍ଟ୍ରେଲିଆ | ୧୧ | ୫୩୫ | ୪୮.୬୩ |
| ଶ୍ରେୟାସ ଆୟର | ଭାରତ | ୧୧ | ୫୩୦ | ୬୬.୨୫ |
| ଲୋକେଶ ରାହୁଲ | ଭାରତ | ୧୦ | ୪୫୨ | ୭୫.୩୩ |
| ରାସି ଭାନ ଡୁସେନ | ଦ.ଆଫ୍ରିକା | ୧୦ | ୪୪୮ | ୪୯.୭୭ |
| ମିଚେଲ ମାର୍ଶ | ଅଷ୍ଟ୍ରେଲିଆ | ୧୧ | ୪୩୭ | ୫୩.୮୭ |

### ବିରାଟ କୋହଲି- ୭୬୫

ଆଇସିସି ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି । ସମ୍ପୂର୍ଣ୍ଣ ପ୍ରତିଯୋଗିତାରେ ଭାରତୀୟ ବ୍ୟାଟିଂ ତାରକା ବିରାଟ କୋହଲିଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା । ସେ ଏହି ବିଶ୍ୱକପ୍‌ର ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି । କୋହଲି ୧୧ଟି ମ୍ୟାଚ୍ ଖେଳି ୭୬୫ ରନ ତାଙ୍କ ନାମରେ ଲିପିବଦ୍ଧ କରିଛନ୍ତି । କେବଳ ପାକିସ୍ତାନ (୧୬ ରନ) ଓ ଇଂଲଣ୍ଡ (୦)କୁ ଛାଡ଼ିଦେଲେ ବିରାଟ ଖେଳିଥିବା ଅନ୍ୟ ୯ଟି ମ୍ୟାଚରୁ ୫୦ରୁ ଊର୍ଦ୍ଧ୍ୱ ସ୍କୋର କରିଛନ୍ତି । ୫୯୭ ରନ ସହ ଭାରତୀୟ ଅଧିନାୟକ ରୋହିତ୍ ଶର୍ମା ତାଲିକାର ୨ୟ ସ୍ଥାନରେ ରହିଛନ୍ତି । ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ତାଲିକାର ଶୀର୍ଷ-୧୦ରେ ୪ଜଣ ଭାରତୀୟ ରହିଛନ୍ତି ।

### ସର୍ବାଧିକ ୱିକେଟ୍ ହାସଲକାରୀ (ଟପ୍-୧୦)

| ଖେଳାଳି | ଦେଶ | ମ୍ୟାଚ | ୱିକେଟ୍ | ରନ ବ୍ୟୟ |
|---|---|---|---|---|
| ମହମ୍ମଦ ସାମି | ଭାରତ | ୭ | ୨୪ | ୨୪୩ |
| ଆଦାମ ଜାମ୍ପା | ଅଷ୍ଟ୍ରେଲିଆ | ୧୧ | ୨୩ | ୫୧୫ |
| ଦିଲ୍‌ଶାନ ମଦୁଶଙ୍କା | ଶ୍ରୀଲଙ୍କା | ୯ | ୨୧ | ୫୨୬ |
| ଗେରାଲ୍ଡ କୋଲର୍ଜୀ | ଦ.ଆଫ୍ରିକା | ୮ | ୨୦ | ୩୯୬ |
| ଯଶପ୍ରୀତ୍ ବୁମ୍‌ରା | ଭାରତ | ୧୧ | ୨୦ | ୩୫୧ |
| ଶାହୀନ ଆଫ୍ରିଦୀ | ପାକିସ୍ତାନ | ୯ | ୧୮ | ୪୮୧ |
| ମାର୍କୋ ଜନସେନ | ଦ.ଆଫ୍ରିକା | ୯ | ୧୭ | ୪୫୦ |
| ମିଚେଲ ସାଣ୍ଟନର | ନ୍ୟୁଜିଲାଣ୍ଡ | ୧୦ | ୧୬ | ୫୨୮ |
| ବାସ୍ ଡି ଲିଡ୍ | ନେଦରଲାଣ୍ଡସ | ୯ | ୧୬ | ୪୮୭ |
| ରବୀନ୍ଦ୍ର ଜାଡେଜା | ଭାରତ | ୧୧ | ୧୬ | ୩୫୫ |

### ମହମ୍ମଦ ସାମି- ୨୪

ବ୍ୟାଟିଂ ଭଳି ବୋଲିଂରେ ମଧ୍ୟ ଭାରତୀୟ ଖେଳାଳିଙ୍କ ରାଜୁତି ଦେଖିବାକୁ ମିଳିଛି । କୋହଲିଙ୍କ ଭଳି ମହମ୍ମଦ ସାମି ଏହି ବିଶ୍ୱକପ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍ ବିବେଚିତ ହୋଇଛନ୍ତି । ସାମି ୭ଟି ମ୍ୟାଚ ଖେଳି ୨୪ ୱିକେଟ୍ ସହିତ ତାଲିକାର ସର୍ବାଗ୍ରେ ରହିଛନ୍ତି । ୧୧ ମ୍ୟାଚରୁ ୨୩ ୱିକେଟ୍ ସହ ଅଷ୍ଟ୍ରେଲିଆ ଲେଗ୍-ସ୍ପିନର ଆଦାମ ଜାମ୍ପା ୨ୟ ସ୍ଥାନ ଲାଭ କରିଛନ୍ତି । ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ତାଲିକାର ଶୀର୍ଷ-୧୦ରେ ସାମିଙ୍କ ପରେ ଭାରତୀୟ ଭାବେ ଯଶପ୍ରୀତ୍ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା ରହିଛନ୍ତି ।

### ସବୁଠୁ ଅଧିକ ଚୌକା (ଟପ୍-୫)

| ଖେଳାଳି | ଦେଶ | ପାଳି | ଛକା |
|---|---|---|---|
| ବିରାଟ କୋହଲି | ଭାରତ | ୧୧ | ୬୮ |
| ରୋହିତ୍ ଶର୍ମା | ଭାରତ | ୧୧ | ୬୬ |
| କ୍ୱିଣ୍ଟନ ଡି କକ୍ | ଦ.ଆଫ୍ରିକା | ୧୦ | ୫୭ |
| ରାଚିନ ରବୀନ୍ଦ୍ର | ନ୍ୟୁଜିଲାଣ୍ଡ | ୧୦ | ୫୫ |
| ଡେଭନ କନ୍‌ୱେ | ନ୍ୟୁଜିଲାଣ୍ଡ | ୧୦ | ୫୪ |

### ଚୌକାରେ ବି କୋହଲି ଆଗରେ

ବିଶ୍ୱକପ୍‌ରେ ଛକା ମାରିବାରେ ରୋହିତ ଆଗରେ ରହିଥିବାବେଳେ ସାଥୀ ଭାରତୀୟ ଖେଳାଳି ବିରାଟ କୋହଲି ମଧ୍ୟ ସବୁଠାରୁ ଚୌକା ମାରିଥିବା ବ୍ୟାଟର୍ ହୋଇଛନ୍ତି । ଏହି ବିଶ୍ୱକପ୍‌ରେ କୋହଲି ୬୮ଟି ଚୌକା ମାରି ଆଗରେ ରହିଛନ୍ତି । ଏହାଠାରୁ ୨ଟି ଚୌକା କମ୍ ମାରି ରୋହିତ୍ ତାଲିକାର ୨ୟ ସ୍ଥାନ ଲାଭ କରିଛନ୍ତି ।

### ମ୍ୟାକ୍ସୱେଲ୍‌ଙ୍କ ଏକମାତ୍ର ଦ୍ୱିଶତକ

ଏହି ବିଶ୍ୱକପ୍‌ରେ ଗୋଟିଏ ପାଳିରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଅଷ୍ଟ୍ରେଲିଆର ଗ୍ଲେନ ମ୍ୟାକ୍ସୱେଲଙ୍କ ନାମରେ ଲିପିବଦ୍ଧ ହୋଇଛି । ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ ମ୍ୟାକ୍ସୱେଲ୍ ମାତ୍ର ୧୨୮ ବଲରୁ ୨୦୧ ରନର ବିସ୍ଫୋରକ ଅପରାଜିତ ପାଳି ଖେଳି ଦଳକୁ ଅବିଶ୍ୱସନୀୟ ବିଜୟ ଭେଟି ଦେଇଥିଲେ । ଅନ୍ୟତମ ଅଷ୍ଟ୍ରେଲୀୟ ଖେଳାଳି ମିଚେଲ ମାର୍ଶ ୧୭୭ ରନ ସହ ତାଲିକାର ୨ୟ ସ୍ଥାନରେ ରହିଛନ୍ତି ।

### ଶତକରେ ଡି କକ୍; ଅର୍ଦ୍ଧଶତକରେ କୋହଲି

ଦକ୍ଷିଣ ଆଫ୍ରିକା କ୍ୱିଣ୍ଟନ ଡି କକ୍ ବିଶ୍ୱକପ୍‌ରେ ସର୍ବାଧିକ ୪ଟି ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ତାଙ୍କ ପଛକୁ ଭାରତର ବିରାଟ କୋହଲି ଓ ନ୍ୟୁଜିଲାଣ୍ଡର ରାଚିନ ରବୀନ୍ଦ୍ର ୩ଟି ଲେଖାଏ ଶତକ ମାରିଛନ୍ତି । ସେହିଭଳି କୋହଲି ସର୍ବାଧିକ ୬ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି । ଶୁବମାନ ଗିଲ୍, ବାବର ଆଜମ ଓ ପାଥୁମ ନିଶାଙ୍କ ୪ଟି ଲେଖାଏ ଅର୍ଦ୍ଧଶତକ ସହ ତାଲିକାରେ ପଛକୁ ରହିଛନ୍ତି ।

### ସିକ୍ସର ମାଷ୍ଟର ରୋହିତ୍

ଭାରତୀୟ ଅଧିନାୟକ ରୋହିତ୍ ଶର୍ମା ୧୩ତମ ଆଇସିସି ବିଶ୍ୱକପ୍‌ରେ ସର୍ବାଧିକ ଛକା ମାରିବାର ରେକର୍ଡ କରିଛନ୍ତି । ରୋହିତ୍ ୧୧ଟି ମ୍ୟାଚ୍ ଖେଳିଥିବାବେଳେ ତାଙ୍କ ବ୍ୟାଟ୍‌ରୁ ୩୧ଟି ଛକା ଦେଖିବାକୁ ମିଳିଥିଲା । ୨୪ଟି ଲେଖାଏ ଛକା ସହ ଶ୍ରେୟାସ ଆୟର ଓ ଡେଭିଡ୍ ୱାର୍ଣ୍ଣର ପଛକୁ ରହିଛନ୍ତି ।

### ସବୁଠୁ ଅଧିକ ଛକା (ଟପ୍-୫)

| ଖେଳାଳି | ଦେଶ | ପାଳି | ଛକା |
|---|---|---|---|
| ରୋହିତ୍ ଶର୍ମା | ଭାରତ | ୧୧ | ୩୧ |
| ଶ୍ରେୟାସ ଆୟର | ଭାରତ | ୧୧ | ୨୪ |
| ଡେଭିଡ୍ ୱାର୍ଣ୍ଣର | ଅଷ୍ଟ୍ରେଲିଆ | ୧୧ | ୨୪ |
| ଗ୍ଲେନ ମ୍ୟାକ୍ସୱେଲ | ଅଷ୍ଟ୍ରେଲିଆ | ୯ | ୨୨ |
| ଡାରୀଲ ମିଚେଲ | ନ୍ୟୁଜିଲାଣ୍ଡ | ୯ | ୨୨ |

### ସାମିଙ୍କ ନାମରେ ଶ୍ରେଷ୍ଠ ବୋଲିଂ ଫିଗର

ବିଶ୍ୱକପ୍‌ର ଗୋଟିଏ ମ୍ୟାଚରେ ଶ୍ରେଷ୍ଠ ବୋଲିଂ ଫିଗର ଭାରତର ମହମ୍ମଦ ସାମି ହାସଲ କରିଛନ୍ତି । ସେ ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୫୭ ରନ ବ୍ୟୟରେ ୭ ୱିକେଟ୍ ଦଖଲ କରିଥିଲେ । ଏହି ତାଲିକାରେ ସାମି ମଧ୍ୟ ୨ୟ ସ୍ଥାନରେ ରହିଛନ୍ତି । ରାଉଣ୍ଡ ରବିନ୍ ପର୍ଯ୍ୟାୟରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ସେ ୧୮ ରନ ବ୍ୟୟରେ ୫ଟି ୱିକେଟ୍ ନେଇଥିଲେ । ଅନ୍ୟତମ ଭାରତୀୟ ବୋଲର ରବୀନ୍ଦ୍ର ଜାଡେଜା ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୩ ରନ ଦେଇ ୫ଟି ୱିକେଟ୍ ସଫଳତା ପାଇଥିଲେ ।

### ଗୋଟିଏ ମ୍ୟାଚରେ ଶ୍ରେଷ୍ଠ ବୋଲିଂ

| ଖେଳାଳି | ଦେଶ | ବୋଲିଂ ଫିଗର | ପ୍ରତିପକ୍ଷ |
|---|---|---|---|
| ମହମ୍ମଦ ସାମି | ଭାରତ | ୭/୫୭ | ନ୍ୟୁଜିଲାଣ୍ଡ |
| ମହମ୍ମଦ ସାମି | ଭାରତ | ୫/୧୮ | ଶ୍ରୀଲଙ୍କା |
| ରବୀନ୍ଦ୍ର ଜାଡେଜା | ଭାରତ | ୫/୩୩ | ଦ. ଆଫ୍ରିକା |
| ଶାହୀନ ଆଫ୍ରିଦୀ | ପାକିସ୍ତାନ | ୫/୫୪ | ଶ୍ରୀଲଙ୍କା |
| ମହମ୍ମଦ ସାମି | ଭାରତ | ୫/୫୪ | ନ୍ୟୁଜିଲାଣ୍ଡ |

### ବୁମ୍‌ରା ନେଇଛନ୍ତି ୯ଟି ମେଡେନ

ଏହି ବିଶ୍ୱକପ୍‌ରେ ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୯ଟି ଓଭର ମେଡେନ ପକାଇ ରେକର୍ଡ କରିଛନ୍ତି । ସାମିଙ୍କ ପଛକୁ ଅଷ୍ଟ୍ରେଲିଆର ଜୋଶ୍ ହାଜେଲଉଡ୍ ୮, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ୭, ଇଂଲଣ୍ଡର ଡେଭିଡ୍ ୱିଲୀ ଓ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ୬ଟି ଲେଖାଏ ମେଡେନ ପକାଇଛନ୍ତି ।

### ଦ୍ରାବିଡଙ୍କ ରେକର୍ଡ ଭାଙ୍ଗିଲେ ରାହୁଲ



ବର୍ତ୍ତମାନ ଭାରତୀୟ ଦଳର କୋଚ୍ ତଥା ପୂର୍ବତନ ୱିକେଟରକ୍ଷକ/ବ୍ୟାଟର ରାହୁଲ ଦ୍ରାବିଡଙ୍କ ରେକର୍ଡକୁ ଭାଙ୍ଗିଦେଇଛନ୍ତି ଲୋକେଶ ରାହୁଲ । ଚଳିତ ବିଶ୍ୱକପ୍‌ରେ ୱିକେଟରକ୍ଷକ ଭାବେ ଅଷ୍ଟ୍ରେଲିଆର ମିଚେଲ ମାର୍ଶଙ୍କୁ କ୍ୟାଚ୍ ଆଉଟ କରି ୧୭ତମ ଡିସମିସାଲ କରିଛନ୍ତି । ଏହା ମଧ୍ୟରେ ୧୬ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ ରହିଛି । ପୂର୍ବରୁ ୨୦୦୩ ବିଶ୍ୱକପ୍‌ରେ ଦ୍ରାବିଡ ୧୬ଜଣଙ୍କୁ ଡିସ୍‌ମିସାଲ କରିଥିଲେ । ଏହା ମଧ୍ୟରେ ୧୫ଟି କ୍ୟାଚ୍ ଓ ଗୋଟିଏ ଷ୍ଟମ୍ପିଂ ରହିଥିଲା । ସେ ୧୧ଟି ମ୍ୟାଚ୍ ଖେଳିଥିଲେ । ଅନ୍ୟପକ୍ଷରେ ୨୦୧୧ରେ ମହେନ୍ଦ୍ର ସିଂ ଧୋନି ୮ଟି ମ୍ୟାଚ୍‌ରୁ ୧୫ ଜଣଙ୍କୁ କ୍ୟାଚ୍ ଆଉଟ କରିଥିଲେ । ଜଣେ ହେଲେ ଖେଳାଳିଙ୍କୁ ସେ ଷ୍ଟମ୍ପିଂ କରିପାରି ନଥିଲେ ।

## ସୁରକ୍ଷାରେ ଅବହେଳା
# ପଡ଼ିଆରେ ପାଲେଷ୍ଟାଇନ୍ ସମର୍ଥକ

ଅହମ୍ମଦାବାଦ୍, ୧୯ ।୧୧(ଏଜେନ୍ସି): ଫାଇନାଲ ମ୍ୟାଚ୍ ଅବସରରେ ସୁରକ୍ଷା ବ୍ୟବସ୍ଥାରେ ଏକ ବଡ଼ ଅବହେଳା ଦେଖିବାକୁ ମିଳିଥିଲା । ଜଣେ ପାଲେଷ୍ଟାଇନ୍



ସମର୍ଥକ ନିରାପତ୍ତା ବ୍ୟବସ୍ଥାର ଉଲ୍ଲଂଘନ କରି ପଡ଼ିଆ ଭିତରକୁ ପଶି ଆସିଥିଲେ । ବ୍ୟାଟିଂ କରୁଥିବା ବେଳେ ବିରାଟ କୋହଲିଙ୍କ ନିକଟରେ ପହଞ୍ଚିବା ସହ ତାଙ୍କୁ ଆଲିଙ୍ଗନ କରିଥିଲେ । ଫଳରେ ସାରା ଷ୍ଟାଡିୟମରେ ଏକ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା । ଭାରତୀୟ ଇନିଂସର ୧୪ତମ ଓଭରରେ ଏହି ଘଟଣା ଘଟିଥିଲା । ଏହି ସମର୍ଥକଙ୍କ ଟି ଶାର୍ଟରେ 'ପାଲେଷ୍ଟାଇନ ଉପରେ ବୋମାମାଡ ବନ୍ଦ କର' ବୋଲି ଲେଖାଯାଇଥିଲା । ସେ ପାଲେଷ୍ଟାଇନ୍ ପତାକା ଥିବା ମାସ୍କ ମଧ୍ୟ ପିନ୍ଧିଥିଲେ ।

### କୋହଲିଙ୍କୁ ସଚିନଙ୍କ ସ୍ୱତନ୍ତ୍ର ଉପହାର

ଫାଇନାଲ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲିଙ୍କୁ ଏକ ସ୍ୱତନ୍ତ୍ର ଉପାହାର ପ୍ରଦାନ କରିଥିଲେ । ୨୦୧୨ରେ ପାକିସ୍ତାନ ବିପକ୍ଷରେ ସଚିନ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିଥିଲେ ଓ ଏହି ମ୍ୟାଚ୍‌ରେ ପିନ୍ଧିଥିବା ନମ୍ବର-୧୦ ଜର୍ସିକୁ ସେ କୋହଲିଙ୍କୁ ଉପାହର ସ୍ୱରୂପ ପ୍ରଦାନ କରିଥିଲେ । ସାମାଜିକ ଗଣମାଧ୍ୟମ ଏକ୍ସ (ଟୁଇଟର)ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଫଟୋ ସେୟାର କରିଛି ଓ ଏହା ଭାଇରାଲ ମଧ୍ୟ ହୋଇଛି ।

### ସୂର୍ଯ୍ୟ କିରଣର ଦମ୍‌ଦାର ଏୟାର ଶୋ

ଫାଇନାଲ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ନରେନ୍ଦ୍ର ମୋଦି ଷ୍ଟାଡିୟମ ଉପରେ ଭାରତୀୟ ବାୟୁସେନାର ସୂର୍ଯ୍ୟ କରିଣ ଏରୋବାଟିକ୍ ଟିମ୍ ଅବିଶ୍ୱସନୀୟ ତଥା ଦମ୍‌ଦାର ଏୟାର ଶୋ କରି ଦର୍ଶକଙ୍କ ମନ ଜିଣିଥିଲା । ଏକାଧିକ ବିମାନ ପୂରା ଶୃଙ୍ଖଳାରେ ଉଡିବା ସହ ବିଭିନ୍ନ ରଙ୍ଗର ଧୂଆଁ ଛାଡି ଆକାଶରେ ବିଭିନ୍ନ ଆକୃତି କରି ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ଭରପୂର ମାନୋରଞ୍ଜନ କରିଥିଲେ ।

### ଟ୍ରଫି ସହ ପହଞ୍ଚିଲେ ସଚିନ

ଫାଇନାଲ ମ୍ୟାଚ୍ ପୂର୍ବରୁ ମାଷ୍ଟର ବ୍ଲାଷ୍ଟର ସଚିନ ବିଶ୍ୱକପ୍ ଟ୍ରଫି ପଡ଼ିଆକୁ ଆଣି ପ୍ରୋଜେକ୍ଟ କରିଥିଲେ । ସଚିନ ୨୦୧୧ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟ ଥିଲେ । ଏହାପୂର୍ବରୁ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯାଇଥିବା





ଭାରତ- ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ୍‌ରେ ସଚିନ ଏହି ଟ୍ରଫି ପ୍ରୋଜେକ୍ଟ କରିଥିଲେ ।

### ଇନିଂସ ବ୍ରେକ୍‌ରେ ପ୍ରୀତମଙ୍କ ସଙ୍ଗୀତ ପରିବେଷଣ

ଭାରତୀୟ ପାଳି ଶେଷ ହେବା ପରେ ଇନିଂସ ବ୍ରେକ୍‌ରେ ବିଶିଷ୍ଟ ସଙ୍ଗୀତକାର ପ୍ରୀତମ ଚକ୍ରବର୍ତ୍ତୀ, ଜୋନିତା ଗାନ୍ଧୀ ଓ ତାଙ୍କ ଟିମ୍ ସଙ୍ଗୀତ ପରିବେଷଣ କରିଥିଲେ । '୮୩' ସିନେମାର ଲୋକପ୍ରିୟ ଗୀତ 'ଲେହରା ଦୋ' ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । କଳାକାରମାନେ ୧୦ଟି ଦଳର ପତାକା ନେଇ ନୃତ୍ୟ ପରିବେଷଣ କରିଥିଲେ । ଷ୍ଟାଡିୟମର ଛାତ ଉପରେ ଲେଜର ଶୋ' ଷ୍ଟାଡିୟମରେ ଚମତ୍କାର ପରିବେଶ ସୃଷ୍ଟି କରିଥିଲା । ଅକଶା ସିଂ ଓ ନାକାଶ ଅଜିଜ୍ 'ଟାଇଗର-୩' ଚଳଚ୍ଚିତ୍ରର 'ଲେକେ ପ୍ରଭୁ କା ନାମ' ଗୀତ ଗାଇଥିଲେ । ପ୍ରୀତମ ଶେଷରେ '୮୩'ର 'ଜିତେଗା ଜିତେଗା' ଗୀତ ଗାଇଥିଲେ ।

### ଫାଇନାଲରେ ଭ୍ୟୁୟର୍ସିପ୍ ରେକର୍ଡ

ଅହମ୍ମଦାବାଦ୍, ୧୯ ।୧୧(ଏଜେନ୍ସି): ଭାରତ- ଅଷ୍ଟ୍ରେଲିଆ ଫାଇନାଲ ମ୍ୟାଚ୍‌ରେ ଭ୍ୟୁୟର୍ସିପ୍‌ରେ ରେକର୍ଡ ସୃଷ୍ଟି ହୋଇଛି । ଏହି ମ୍ୟାଚ୍‌କୁ ଓଟିଟି ପ୍ଲାଟଫର୍ମ ଡିଜନୀ ହଟ୍‌ଷ୍ଟାରରେ ରେକର୍ଡ ୫.୯ କୋଟିରୁ ଊର୍ଦ୍ଧ୍ୱ ପ୍ରଶଂସକ ଦେଖିଛନ୍ତି । ଓଟିଟିରେ କୌଣସି ଲାଇଭ୍ ମ୍ୟାଚ୍‌କୁ ପୂର୍ବରୁ ଏତେ ସଂଖ୍ୟାରେ ଦର୍ଶକ ଦେଖିନାହାନ୍ତି । ପୂର୍ବରୁ ନଭେମ୍ବର ୧୫ରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌କୁ ପାଖାପାଖି ୫.୩ କୋଟି ଲୋକ ଓଟିଟିରେ ଦେଖିଥିଲେ । ଫାଇନାଲ ମ୍ୟାଚ୍ ଦେଖିବାକୁ ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ୧.୩ ଲକ୍ଷ ଲୋକ ଉପସ୍ଥିତ ଥିଲେ । ଡିଜନୀ ହଟ୍‌ଷ୍ଟରରେ ବିଶ୍ୱକପ୍ ମ୍ୟାଚ୍‌ଗୁଡିକ ମଗଣାରେ ପ୍ରସାରିତ ହେବାର ଘୋଷଣା ପୂର୍ବରୁ କରାଯାଇଥିଲା ।

### ଅଧିନାୟକ ରୋହିତ୍‌ଙ୍କ ସର୍ବାଧିକ ରନ୍

ବିସ୍ଫୋରକ ବ୍ୟାଟର ରୋହିତ ଶର୍ମା ଚଳିତ ବିଶ୍ୱକପ୍‌ରେ ୧୧ଟି ମ୍ୟାଚ୍ ଖେଳି ୫୯୭ ରନ୍ କରିଛନ୍ତି । ଯେ କୌଣସି ବିଶ୍ୱକପ୍‌ରେ ଏହା ଜଣେ ଅଧିନାୟକ ଭାବେ ସର୍ବାଧିକ ରନ୍ ସଂଗ୍ରହ । ଏହା ଫଳରେ ୨୦୧୯ରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ସଂଗ୍ରହ କରିଥିବା ୫୭୮ ରନ୍‌ର ରେକର୍ଡକୁ ଅତିକ୍ରମ କରିଛନ୍ତି । ରୋହିତ ତାଙ୍କ ସ୍କୋରରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ହାସଲ କରିବା ସହ ଚଳିତ ବିଶ୍ୱକପ୍‌ରେ କୋହଲିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେ ୩୧ଟି ଛକା ମାରି ବିଶ୍ୱକପ୍‌ରେ ସର୍ବାଧିକ ଛକା ମାରିବାରେ କ୍ରିସ୍ ଗେଲଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି ।

### ପୁଣି 'ଅଶୁଭ' ହେଲେ କେଟ୍ଟେଲବର୍ଗ



ଅହମ୍ମଦାବାଦ୍, ୧୯ ।୧୧ (ଏଜେନ୍ସି): ଇଂଲଣ୍ଡ ଅମ୍ପାୟର ରିଚାର୍ଡ କେଟ୍ଟେଲବର୍ଗ ପୁଣିଥରେ ଭାରତ ପାଇଁ ଅଶୁଭ ସାବ୍ୟସ୍ତ ହୋଇଛନ୍ତି । ରବିବାର ଏଠାରେ ଖେଳାଯାଇଥିବା ବିଶ୍ୱକପ୍ ଗ୍ରାଣ୍ଡ ଫାଇନାଲ ମ୍ୟାଚରେ କେଟ୍ଟେଲବର୍ଗ ଫିଲ୍ଡ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ମ୍ୟାଚରେ ଭାରତ ୬ ୱିକେଟ୍‌ରେ ଅଷ୍ଟ୍ରେଲିଆ ନିକଟରୁ ହାରି ଚାମ୍ପିଅନ ହେବାରୁ ବଞ୍ଚିତ ରହିଥିଲା । ସଂଯୋଗବଶତଃ ୨୦୧୪ ପରଠାରୁ ଭାରତ ଆଇସିସିର ଯେଉଁ ସମସ୍ତ ପ୍ରତିଯୋଗିତାଗୁଡ଼ିକର ନକ୍‌ଆଉଟ୍‌ରେ ପରାଜୟବରଣ କରିଛି କେଟ୍ଟେଲବର୍ଗ ହିଁ ଫିଲ୍ଡ ଅମ୍ପାୟର ରହିଥିଲେ । ଏଥର ମଧ୍ୟ 'ଅଶୁଭ' ଟ୍ୟାଗ୍‌କୁ ସେ ବଜାୟ ରଖିଛନ୍ତି ।

ଉଲ୍ଲେଖଯୋଗ୍ୟ, ଭାରତ ୨୦୧୪ ଆଇସିସି ଟି-୨୦ ବିଶ୍ୱକପ୍ ଫାଇନାଲରେ ଶ୍ରୀଲଙ୍କା ନିକଟରୁ, ୨୦୧୫ ସେମିଫାଇନାଲରେ ଅଷ୍ଟ୍ରେଲିଆଠାରୁ, ୨୦୧୬ ଟି-୨୦ ସେମିଫାଇନାଲରେ ୱେଷ୍ଟଇଣ୍ଡିଜ ନିକଟରୁ, ୨୦୧୭ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନ ନିକଟରୁ ଏବଂ ୨୦୧୯ ବିଶ୍ୱକପ୍ ସେମିରେ ନ୍ୟୁଜିଲାଣ୍ଡ ନିକଟରୁ ପରାଜୟବରଣ କରିଥିଲା । ଏସମସ୍ତ ମ୍ୟାଚରେ କେଟ୍ଟେଲବର୍ଗ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ ।

### ମୁରଲୀଙ୍କ ସହ ସମକକ୍ଷ ହେଲେ ଜାମ୍ପା

ଭାରତ ବିପକ୍ଷ ଫାଇନାଲରେ ଭାରତର ଯଶପ୍ରୀତ୍ ବୁମ୍‌ରାଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଅଷ୍ଟ୍ରେଲିଆର ଲେଗ୍ ସ୍ପିନର ୨୩ ଜଣ ଖେଳାଳିଙ୍କୁ ଆଉଟ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଏପରି ସଫଳତା ସହ ସେ ଗୋଟିଏ ବିଶ୍ୱକପ୍‌ରେ ଜଣେ ସ୍ପିନରଭାବେ ସର୍ବାଧିକ ୨୩ଜଣ ଖେଳାଳିଙ୍କୁ ଆଉଟ କରିବାର ଶ୍ରୀଲଙ୍କାର ମୁଥୟା ମୁରଲୀଧରନଙ୍କ ରେକର୍ଡ ସହ ସମକକ୍ଷ ହୋଇପାରିଛନ୍ତି । ଅଫ୍‌ସ୍ପିନର ମୁରଲୀ ୨୦୦୭ ବିଶ୍ୱକପ୍‌ରେ ୨୩ ଜଣ ଖେଳାଳିଙ୍କୁ ଆଉଟ କରିଥିଲେ । ସ୍ପିନର ଭାବେ ସାହିଦ୍ ଆଫ୍ରିଦି ୨୦୧୧ରେ ଓ ବ୍ରାଡ ହଗ୍ ୨୦୦୭ରେ ୨୧ଟି ଲେଖାଏଁ ୱିକେଟ ନେଇଥିଲେ ।





## ଗୀତାବାଣୀ

ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ ।
ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ।।୧୯ ।।

ଯାହାର ସମସ୍ତ କର୍ମର ଆରମ୍ଭ ସଙ୍କଳ୍ପ ଓ କାମନାରୁ ମୁକ୍ତ ତଥା ଯାହାର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିରେ ଭସ୍ମ ହୋଇସାରିଛି, ତାକୁ ଜ୍ଞାନୀଜନ ମଧ୍ୟ ପଣ୍ଡିତ (ବୁଦ୍ଧିମାନ୍) କହନ୍ତି ।

(ଚତୁର୍ଥୋଽଧ୍ୟାୟ – ଶ୍ଳୋକ - ୧୯)

# ପବିତ୍ରତାର ପର୍ବ କାର୍ତ୍ତିକ ସ୍ନାନ

**ଭଗବାନ ବିଷ୍ଣୁଙ୍କ ପ୍ରିୟ ମାସ କାର୍ତ୍ତିକ ଚାଲିଛି । ଏହି ମାସରେ ଜପ, ତପ, ଧ୍ୟାନ, ଦାନ ଓ ସ୍ନାନର ବିଶେଷ ମହତ୍ତ୍ୱ ଅଛି । ମୁଖ୍ୟତଃ ଏହି ମାସରେ ପବିତ୍ର ନଦୀରେ ସ୍ନାନ କରିବାର ବିଶେଷ ପରମ୍ପରା ପ୍ରଚଳିତ । କୁହାଯାଏ, ଏଭଳି କରିବା ଦ୍ୱାରା ଲୋକଙ୍କ କଷ୍ଟ ଦୂର ହେବା ସହ ପାପ କ୍ଷୟ ମଧ୍ୟ ହୋଇଥାଏ । ତା'ସହ ପୁଣ୍ୟ ଫଳ ପ୍ରାପ୍ତି ହୁଏ । ତେବେ କାର୍ତ୍ତିକ ସ୍ନାନର ମହତ୍ତ୍ୱ ତଥା ସ୍ନାନର ନିୟମ କ'ଣ ରହିଛି, ତାହାକୁ ନେଇ ଏହି ଉପସ୍ଥାପନା ।**



**କାର୍ତ୍ତିକ ସ୍ନାନର ମହତ୍ତ୍ୱ:** କିମ୍ବଦନ୍ତୀ ଅନୁସାରେ, ଭଗବାନ ବିଷ୍ଣୁ କାର୍ତ୍ତିକ ମାସରେ ମତ୍ସ୍ୟାବତାରରେ ଜଳରେ ବାସ କରନ୍ତି । ଏହାସହ ଏହିଦିନ ମହାଦେବ ଦୈତ୍ୟ ତ୍ରିପୁରାସୁରର ବଧ କରିଥିଲେ । ସେଥିପାଇଁ ଏହା 'ତ୍ରିପୁରାପୂର୍ଣ୍ଣମୀ' ନାଁରେ ପରିଚିତ । ପଦ୍ମ ପୁରାଣ, ସ୍କନ୍ଦ ପୁରାଣ ଓ ନାରଦ ପୁରାଣରେ କାର୍ତ୍ତିକ ପୂର୍ଣ୍ଣିମାରେ ଗଙ୍ଗା ସ୍ନାନର ମହତ୍ତ୍ୱ ସମ୍ପର୍କରେ କୁହାଯାଇଛି । ସେଥିପାଇଁ ଏହିଦିନ ହରିଦ୍ୱାର, କାଶୀ, କୁରୁକ୍ଷେତ୍ରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ସେହିପରି ମାନ୍ୟତା ଅଛି କାର୍ତ୍ତିକ ସ୍ନାନ ଦ୍ୱାରା ଅନେକ ଦୋଷରୁ ମୁକ୍ତି ମଧ୍ୟ ମିଳିଥାଏ । ଅନ୍ୟପଟେ କୌଣସି କାରଣବଶତଃ ପବିତ୍ର ନଦୀରେ ସ୍ନାନ କରିବାରୁ ବଞ୍ଚିତ ଥିଲେ, ଘରେ ଗଙ୍ଗାଜଳ ମିଶାଇ ସ୍ନାନ କରିବା ସମ୍ଭବ ।

**ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ:** କାର୍ତ୍ତିକ ମାସରେ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି କୌଣସି ପବିତ୍ର ନଦୀରେ ସ୍ନାନ କରିବାକୁ କୁହାଯାଇଛି । ଏହା ଦ୍ୱାରା ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ସେହିପରି ସୂର୍ଯ୍ୟ ଉଦୟ ପୂର୍ବରୁ କରାଯାଉଥିବା ସ୍ନାନ ହଜାରେ ଗଙ୍ଗାସ୍ନାନ ସହ ସମାନ ବୋଲି ମାନ୍ୟତା ଅଛି । କାର୍ତ୍ତିକ ସ୍ନାନରେ ସମସ୍ତ ପାପ କ୍ଷୟ ହେବା ସହ ମୋକ୍ଷ ପ୍ରାପ୍ତି ହୋଇଥାଏ । ତେବେ ସ୍ନାନ ପରେ ତୁଳସୀ ଗଛ ଓ ଠାକୁର ଘରେ ଘିଅ ଦୀପ ଜାଳିବା ଉଚିତ । ଏପରିକି ସକାଳ ଓ ସନ୍ଧ୍ୟାରେ ମଧ ଘିଅ ଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କ କୃପାପ୍ରାପ୍ତି ହେବା ସହ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୁଏ ।

### କାର୍ତ୍ତିକ ସ୍ନାନର ନିୟମ

- ପ୍ରଥମତଃ ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିବା ଆବଶ୍ୟକ ।
- ସ୍ନାନ ସମୟରେ ଗାୟତ୍ରୀ ମନ୍ତ୍ର ଜପ ଦ୍ୱାରା ସୌଭାଗ୍ୟ ବୃଦ୍ଧି ହୁଏ ।
- ଶରୀରରେ ତେଲ ଲଗାଇ ସ୍ନାନ କରିବା ଅନୁଚିତ ।
- ସ୍ନାନ ପରେ ତୁଳସୀ ଗଛ ଚାରିପାର୍ଶ୍ୱରେ ପରିକ୍ରମା କରିବା ଉଚିତ । ଏହାସହ ସକାଳ ଓ ସନ୍ଧ୍ୟାରେ ଘିଅ ଦୀପ ଜାଳିବା ଦରକାର ।
- କାର୍ତ୍ତିକ ସ୍ନାନ କରୁଥିବା ଲୋକେ ଆମିଷ ଓ ଅନ୍ୟର ଅଇଁଠା ଖାଇବା ଅନୁଚିତ ।

# ଅଁଳା ନବମୀ



କାର୍ତ୍ତିକ ଶୁକ୍ଳ ନବମୀ ତିଥିକୁ 'ଅଁଳା ନବମୀ' କୁହାଯାଏ । ଏଭଳି ଏକ ପୁଣ୍ୟତିଥିରେ ଶ୍ରୀରାଧା ପାଦଙ୍କ ଦର୍ଶନ କରାଯାଏ । ଏହି ଦିନ ଅଁଳା ଗଛକୁ ପୂଜା କରିବାର ବିଧି ରହିଛି । ଅଁଳା ନବମୀରେ ଅଁଳା ଗଛ ତଳେ ଭଗବାନ ବିଷ୍ଣୁଙ୍କର ପ୍ରତିମାକୁ ସ୍ନାନ କରାଯାଏ । ହବିଷ୍ୟାଳୀମାନେ ଏହିଦିନ ଅଁଳା ଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧନ୍ତି ଓ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି ।

କୁହାଯାଏ, ଅଁଳା ଗଛରେ ଭଗବାନ ବିଷ୍ଣୁ ବାସ କରିଥାନ୍ତି । ତେଣୁ ଅଁଳା ଗଛକୁ ପୂଜା କରିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ । କେବଳ ସେତିକି ନୁହେଁ, ଅଁଳା ଗଛ ପୂଜା ଦ୍ୱାରା ଗୋଦାନର ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ । ସୁଖ, ସମୃଦ୍ଧି ଓ ଦେବୀ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଅଁଳା ନବମୀ ହେଉଛି ଏକ ଶୁଭଦିନ । ସେହିପରି ଏହିଦିନ ଅଁଳା ଖାଇବା ଦ୍ୱାରା ରୋଗମୁକ୍ତ ରହିବା କୁହାଯାଏ । ମହିଳାମାନେ ସନ୍ତାନ ପ୍ରାପ୍ତି ଏବଂ ସନ୍ତାନଙ୍କ ମଙ୍ଗଳକାମନା କରି ଅଁଳା ଗଛ ପୂଜା କରିବାର ବିଧି ରହିଛି ।

ବୁଦ୍ଧ କଥା

# ପରିଶ୍ରମ ଓ ଧୈର୍ଯ୍ୟ



**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାର ଅବଶ୍ୟ ଆପଣାଇବା ଉଚିତ୍ । ଏହି ପରିପ୍ରେକ୍ଷୀରେ ପରିଶ୍ରମ ସହ ଲୋକଙ୍କୁ କିଭଳି ଧୈର୍ଯ୍ୟ ଧରିବା ଦରକାର, ତାହାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।**

ଏକଦା ଗୌତମ ବୁଦ୍ଧ ନିଜ ଶିଷ୍ୟମାନଙ୍କ ସହ କୌଣସି ଏକ ଗାଁକୁ ଉପଦେଶ ଦେବାକୁ ଯାଉଥିଲେ । ଏହି ସମୟରେ ସେହି ଗାଁ ରାସ୍ତାରେ ଅନେକ ଗୁଡ଼ିଏ ଗାତ ରହିଥିବା ଦେଖିବାକୁ ମିଳିଥିଲା । ବୁଦ୍ଧଙ୍କ ଜଣେ ଶିଷ୍ୟ ସେହି ଗାତକୁ ଦେଖି କହିଲେ, ରାସ୍ତାରେ ଏତେ ଗୁଡ଼ିଏ ଗାତ ଖୋଳାଯିବାର କାରଣ କ'ଣ ବା ହୋଇପାରେ?

ଏହା ଶୁଣି ବୁଦ୍ଧ କହିଲେ, ହୋଇପାରେ ଜଳ ସନ୍ଧାନରେ କୌଣସି ବ୍ୟକ୍ତି ଏତେ ଗୁଡ଼ିଏ ଗାତ ଖୋଳି ଥାଇପାରନ୍ତି । ହେଲେ ସେହି ବ୍ୟକ୍ତିଜଣକ ଧୈର୍ଯ୍ୟ ପୂର୍ବକ ଯଦି ଗୋଟିଏ ସ୍ଥାନରେ ଗାତ ହିଁ ଖୋଳିଥାନ୍ତେ, ନିଶ୍ଚେ ତାଙ୍କୁ ପାଣି ମିଳିଥାନ୍ତା । କିନ୍ତୁ ସେ ପରିଶ୍ରମ କରି ମଧ୍ୟ ପାଣି ନ ପାଇବାରୁ ଧୈର୍ଯ୍ୟହରା ହୋଇଗଲେ । ଫଳରେ ସେ ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ଖୋଳି ଚାଲିଲେ । ତେଣୁ ଲୋକଙ୍କୁ ପରିଶ୍ରମ ସହ ଧୈର୍ଯ୍ୟ ଧରିବାର ଆବଶ୍ୟକତା ମଧ୍ୟ ରହିଛି ।

# ବଡ଼ଓଷାର 'ଗଜ ଭୋଗ'

**କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ପାଳିତ ହୁଏ ବଡ଼ଓଷା । ଏହିଦିନ ଦେବ ଦେବ ମହାଦେବଙ୍କୁ ବିଶେଷ ପୂଜାର୍ଚ୍ଚନା କରାଯାଏ । ପଦ୍ମ ପୁରାଣ ଅନୁସାରେ ବ୍ରହ୍ମାଙ୍କ ଅଭିଶାପରୁ ମୁକ୍ତି ପାଇବା ପାଇଁ ଇନ୍ଦ୍ରଦେବ ଧବଳେଶ୍ୱରଙ୍କ ନିକଟରେ ବଡ଼ଓଷା ବ୍ରତ ପାଳନ କରି କାର୍ତ୍ତିକ ପୂର୍ଣ୍ଣିମାରେ ବୁଡ଼ ପକାଇ ଶାପମୁକ୍ତ ହୋଇଥିଲେ । କଟକ ଜିଲ୍ଲାର ଧବଳେଶ୍ୱରଙ୍କ ପୀଠରେ ବଡ଼ଓଷା ପର୍ବ ଆଡମ୍ବର ସହକାରେ ପାଳନ ହେଉଥିବା ବେଳେ ମୁଖ୍ୟ ଭୋଗ ହେଉଛି 'ଗଜପିଠା' ।**



ଏହିଦିନ ପ୍ରଭୁ ଧବଳେଶ୍ୱରଙ୍କ ବଡ଼ ସିଂହାର ବେଶ ଅନୁଷ୍ଠିତ ହୋଇଥାଏ । ଏହି ବେଶ ଦର୍ଶନ ଦ୍ୱାରା କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି କୁହାଯାଏ । ଏହିଦିନ ବ୍ରତଧାରୀମାନେ ନିଷ୍ଠାର ସହ ଉପବାସ ରଖିଥାନ୍ତି । ସେହିପରି ଏହି ଅବସରରେ ଠାକୁରଙ୍କ ପାଖରେ 'ଗଜପିଠା ବା ଗଜମଣ୍ଡା' ଭାବେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥାଏ । ତା'ସହିତ ତରଣ ମଧ୍ୟ ଅର୍ପଣ କରାଯାଏ । 'ଗଜପିଠା' ଦେଖିବାକୁ ସମ୍ପୂର୍ଣ୍ଣ ଧଳା । ଅରୁଆ ଚାଉଳ ଚୂନାରେ ଏହାକୁ ତିଆରି କରାଯାଏ । ନଡ଼ିଆ, ଗୁଜୁରାତି ଓ ଗୁଡ଼କୁ ମିଶାଇ ପୂର ତିଆରି କରାଯାଏ । ଶେଷରେ ଅଥାରରେ ବସାଇ ପ୍ରସ୍ତୁତ କରାଯାଏ 'ଗଜପିଠା' । ଏହାକୁ ବ୍ରତଧାରୀମାନେ ମହାଦେବଙ୍କ ପାଖରେ ଭୋଗ ଲାଗି କରି ଖାଇଥାନ୍ତି । ଅନ୍ୟପଟେ ନିର୍ଜଳା ଉପବାସ ରଖିଥିବା ବ୍ରତଧାରୀ ବଡ଼ଓଷା ପରଦିନ ଅର୍ଥାତ୍ ପୂର୍ଣ୍ଣମୀ ଦିନ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଶେଷ କରନ୍ତି ।

# ଜ୍ୟୋତିଷ ଗଣନାରେ ସଂଖ୍ୟା ୩ର ମହତ୍ତ୍ୱ

**ଅଙ୍କ ଜ୍ୟୋତିଷରେ ସଂଖ୍ୟାକୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । ସେହିପରି ସଂଖ୍ୟା ତିନିରେ ଦେବ ଗୁରୁ ବୃହସ୍ପତିଙ୍କ ଶାସନ ହୋଇଥାଏ । ଧନୁ ଓ ମୀନ ରାଶି ଲୋକଙ୍କ ଉପରେ ଏହାର ଶାସନ ମୁଖ୍ୟତଃ ଦେଖିବାକୁ ମିଳିଥାଏ । ତେବେ କୌଣସି ମାସର ୩, ୧୨, ୨୧ ବା ୩୦ ତାରିଖରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ମୂଳାଙ୍କ ତିନି ହୋଇଥାଏ ।**

ଜନ୍ମ ତାରିଖ ଅନୁସାରେ ଯେଉଁ ଜାତକର ମୂଳାଙ୍କ ୩, ସେମାନେ ଜୀବନରେ ଖୁବ୍‌ଶୀଘ୍ର କାମ କରିବା ଆରମ୍ଭ କରିଥାନ୍ତି । ଏମାନଙ୍କ ସ୍ୱଭାବ ନିର୍ଭୟ ହୋଇଥାଏ । ଏହି ବ୍ୟକ୍ତିବିଶେଷ ଅନ୍ୟ କାହା ଅଧୀନରେ ରହିବାକୁ ପସନ୍ଦ କରି ନ ଥାନ୍ତି । ଏମାନେ ବହୁମୁଖୀ ପ୍ରତିଭାଧାରୀ ହୋଇଥାନ୍ତି । ଉଚ୍ଚପଦରେ କାମ କରିବାକୁ ସକ୍ଷମ ହୋଇଥାନ୍ତି । ଏମାନେ ଷ୍ଟାଣ୍ଡଅପ୍ କମେଡିଆନ୍, ସେଫ୍, ଅଭିନେତା, ସଂଗୀତକାର ଓ ଯାତ୍ରା ଉଦ୍ୟୋଗରେ ଭଲ ପ୍ରଦର୍ଶନ କରିଥାନ୍ତି ।



### ମୂଳାଙ୍କ ତିନିଙ୍କ ବ୍ୟକ୍ତିତ୍ୱ

- ସୃଜନାତ୍ମକ ଓ ସନ୍ତୁଷ୍ଟ ସ୍ୱଭାବର ହୋଇଥାନ୍ତି ।
- ସକାରାତ୍ମକ ଦୃଷ୍ଟିକୋଣ ରଖନ୍ତି ।
- ଅନ୍ୟକୁ ଭଲ ପରାମର୍ଶ ଦିଅନ୍ତି ।
- ଭଲ ଜୀବନସାଥୀ ହୋଇଥାନ୍ତି ।
- ମୂଳାଙ୍କ ତିନି ବ୍ୟକ୍ତିବିଶେଷ ଭଲ ସାଥୀ ବନାଇଥାନ୍ତି ।
- ନିଜ ସାଥୀକୁ ହତୋତ୍ସାହିତ କରି ନ ଥାନ୍ତି ।
- ଏମାନଙ୍କ ମୂଳାଙ୍କ ୫, ୬ ଓ ୯ ସହିତ ଭଲ ତାଳମେଳ ରହିଥାଏ ।



# ପଞ୍ଚୁକ ବ୍ରତ

**କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପାଳନ କରାଯାଏ 'ପଞ୍ଚୁକ' । କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ପର୍ଯ୍ୟନ୍ତ ଏହି ବ୍ରତ ପାଳନ ହୋଇଥାଏ । ଏହା 'ମହାପଞ୍ଚକ', 'ବକପଞ୍ଚକ' ବା 'ଭୀଷ୍ମପଞ୍ଚକ' ନାଁରେ ମଧ୍ୟ ପରିଚିତ । ଅନେକ ଅଁଳା ନବମୀ, ରାଧାପାଦ ଦର୍ଶନଠାରୁ ସାତ ଦିନ ପର୍ଯ୍ୟନ୍ତ ପଞ୍ଚୁକ ବ୍ରତ ପାଳନ କରିଥାନ୍ତି ।**

କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ସବୁଠୁ ପବିତ୍ର ଦିନ ବୋଲି କୁହାଯାଏ । ତେବେ ଯେଉଁ ବ୍ରତଧାରୀ କାର୍ତ୍ତିକ ବ୍ରତ ମାସ ସାରା ହବିଷ ପାଳନ କରିପାରି ନ ଥାନ୍ତି, ସେମାନେ ଏହି ପଞ୍ଚୁକ ପାଞ୍ଚଦିନ ନିଷ୍ଠାର ସହ ହବିଷ ପାଳନ କରିଥାନ୍ତି । ସେହିପରି ପଞ୍ଚୁକରେ ଶ୍ରୀକ୍ଷେତ୍ର ପୁରୀରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ । କେବଳ ସେତିକି ନୁହେଁ, ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଓ ସ୍ୱତନ୍ତ୍ର ବେଶରେ ମହାପ୍ରଭୁ ଦର୍ଶନ ଦେଇଥାନ୍ତି । ତେବେ ପଞ୍ଚୁକ ପାଞ୍ଚଦିନ ଯାକ ଲୋକମାନେ ଆମିଷ ତ୍ୟାଗ କରି ସାତ୍ତ୍ୱିକ ଆହର ଗ୍ରହଣ କରନ୍ତି । କିମ୍ବଦନ୍ତୀ ଅନୁସାରେ, ବଗ ମଧ୍ୟ ଏହି ପାଞ୍ଚଦିନ ଆମିଷ ତ୍ୟାଗ କରିଥାଏ । ସେଥିପାଇଁ ଏହାକୁ 'ବକ ପଞ୍ଚମୀ' କୁହାଯାଏ ।



# ତୁଳସୀ ବିବାହ

**ଶାସ୍ତ୍ରରେ ତୁଳସୀକୁ ସୁନ୍ଦରତା, ସୁଖ ଓ ସମୃଦ୍ଧିରୁ ପ୍ରତୀକ ବୋଲି ବିବେଚନା କରାଯାଇଛି । ତୁଳସୀ ଗଛ ଘରେ ସକାରାତ୍ମକ ଶକ୍ତି ସଞ୍ଚାର କରିଥାଏ । ଏହାସହ ବାସ୍ତୁ ଦୋଷ ମଧ୍ୟ ଦୂର କରିବାରେ ସାହାଯ୍ୟ କରିଥାଏ । ତେବେ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀରେ ତୁଳସୀ ବିବାହ ଉତ୍ସବର ବିଶେଷ ମହତ୍ତ୍ୱ ଅଛି । ଏହି ତିଥି ଆସନ୍ତା ୨୪ରେ ପଡୁଛି । ଉକ୍ତ ବିବାହ ତୁଳସୀ ଓ ଅଁଳା ଶାଖା ମଧ୍ୟରେ ଅନୁଷ୍ଠିତ ହୁଏ । ହିନ୍ଦୁ ମତାନୁସାରେ, ବର୍ଷା ଋତୁର ଶେଷ ଏବଂ ବିବାହ ଋତୁର ଆରମ୍ଭକୁ ତୁଳସୀ ବିବାହ ସୂଚିତ କରେ । ତେବେ ତୁଳସୀ ବିବାହ କରାଇବା ଦ୍ୱାରା ବୈବାହିକ ଜୀବନର ସମସ୍ୟା ତୁଟିଥାଏ ବୋଲି ବିଶ୍ୱାସ ରହିଛି । ଆସନ୍ତୁ ଜାଣିବା ଏହାର କିଛି ବିଧି ବିଧାନ ସମ୍ପର୍କରେ ... ।**

- ଏହିଦିନ ସ୍ୱାମୀ-ସ୍ତ୍ରୀ କୌଣସି ଏକ ପବିତ୍ର ନଦୀରେ ସ୍ନାନ କରି ତୁଳସୀ ଓ ଶାଳଗ୍ରାମକୁ ପୂଜା କରିବା ଉଚିତ । ଏହାପରେ ତୁଳସୀ ମଙ୍ଗଳାଷ୍ଟକ ପାଠ କରନ୍ତୁ । ଏହା କରିବା ଦ୍ୱାରା ବୈବାହିକ ଜୀବନରେ ଚାଲିଥିବା ସମସ୍ୟା ଦୂର ହୁଏ । ତା'ସହ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ମଜଭୁତ ହୋଇଥାଏ ।
- ଏହିଦିନ ତୁଳସୀ ଗଛ ମୂଳେ ଘିଅ ଦୀପ ଜାଳିବା ଆବଶ୍ୟକ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହୋଇଥାଏ ।
- ଏହିଦିନ ତୁଳସୀ ମାତାଙ୍କୁ ଷୋଳ ଶୃଙ୍ଗାର ସାମଗ୍ରୀ ଅର୍ପଣ କରନ୍ତୁ ।
- ତୁଳସୀ ପତ୍ରକୁ କେବେ ବି ଏକାଦଶୀ ଓ ଦ୍ୱାଦଶୀ ଦିନ ଛିଡ଼ାନ୍ତୁ ନାହିଁ ।

## ପ୍ରଶ୍ନୋତ୍ତର

୧. ଗନ୍ଧର୍ବ ଲୋକରେ ମହାଭାରତକୁ କିଏ ପ୍ରଚାର କରିଥିଲେ?
୨. ରାବଣର ଅନ୍ତିମ ସଂସ୍କାର କିଏ କରିଥିଲେ?
୩. ଲବଣାସୁରକୁ କିଏ ବଧ କରିଥିଲେ?
୪. ଗାୟତ୍ରୀ ମନ୍ତ୍ର କିଏ ରଚନା କରିଥିଲେ ?
୫. ସତ୍ୟମ ମେବ ଜୟତେ କେଉଁ ଉପନିଷଦରୁ ଆସିଛି?



ଉତ୍ତର: (୧) ଶୁକ (୨) ବିଭୀଷଣ (୩) ଶତ୍ରୁଘ୍ନ (୪) ବିଶ୍ୱାମିତ୍ର (୫) ମୁଣ୍ଡକ ଉପନିଷଦ











# ସ୍ୱପ୍ନ ଚୂରମାର୍



- ଅଷ୍ଟ୍ରେଲିଆକୁ ଷଷ୍ଠ ଟାଇଟଲ
- ଭାରତ ଦ୍ୱିତୀୟଥର ରନର୍ସ ଅପ୍

ଅହମ୍ମଦାବାଦ୍, ୧୯।୧୧(ଏଜେନ୍ସି): ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ଏକତରଫା ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ନିକଟରୁ ୬ ୱିକେଟରେ ଆୟୋଜକ ଭାରତ ପରାଜିତ ହୋଇଯାଇଛି। ଏହା ଫଳରେ ଅଷ୍ଟ୍ରେଲିଆ ଦଳ ବିଜୟ ଉତ୍ସବ ପାଳନ କରିଥିଲାବେଳେ ଘରୋଇ ମାଟିରେ ତୃତୀୟ ଟାଇଟଲ ଜିତିବାକୁ ଆଶାୟୀ ଥିବା ଭାରତୀୟ ଦଳ ଓ ଦର୍ଶକ ନିରାଶ ହୋଇଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଉପସ୍ଥିତ ଏକ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କୁ ଅଷ୍ଟ୍ରେଲିଆ ଅଧିନାୟକ ଚୁପ୍ କରିଦେଇଛନ୍ତି। ଏହା ସହ ଭାରତର ତୃତୀୟ ବିଶ୍ୱକପ୍ ଟାଇଟଲ ଜିତିବା ଆଶା ଧୂଳିସାତ ହୋଇଯାଇଛି। ଦମ୍‌ଦାର ଫର୍ମ, ଘରୋଇ ପରିବେଶ, ଅଧିନାୟକ ରୋହିତ ଶର୍ମା, 'କିଙ୍ଗ୍' ବିରାଟ କୋହଲି ଓ ମହମ୍ମଦ୍ ସାମିଙ୍କ ରେକର୍ଡ ଭାରତକୁ ଚାମ୍ପିଅନ କରାଇବାରେ ସମର୍ଥ ହୋଇପାରିନାହିଁ। ଘରୋଇ ସମର୍ଥକ, ଘରୋଇ ପରିବେଶ ଓ ସହାୟତା ଦେଉଥିବା ପିଚ୍‌ରେ ଖେଳି ଭାରତ ଯେଉଁ ସଫଳତା ପାଇବ ବୋଲି ଆଶା ରଖିଥିଲା ତାହା ଅଷ୍ଟ୍ରେଲିଆର ଅଭିଜ୍ଞତା ଆଗରେ ଫେଲ ମାରିଛି।

ଅହମ୍ମଦାବାଦ୍‌ରେ ରବିବାର ଖେଳାଯାଇଥିବା ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଭାରତ ୮୧ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଏହା ପରେ ଅଷ୍ଟ୍ରେଲିଆର ବୋଲିଂ ଆଗରେ ରନ୍ କରିବା କଷ୍ଟକର ହୋଇପଡ଼ିଥିଲା। ଏପରିକି ବିରାଟ କୋହଲି ୬୩ ବଲ୍‌ରେ ୫୪, ଲୋକେଶ ରାହୁଲ ୧୦୭ ବଲ୍‌ରେ ୬୬ ରନ୍ କରିଥିଲେ ମଧ୍ୟ ଭାରତ ଏକ ସମ୍ମାନଜନକ ସ୍କୋର କରିବାରେ ଅସମର୍ଥ ହୋଇଥିଲା। ରୋହିତ ଶର୍ମାଙ୍କ ୩୧ ବଲ୍‌ରେ ୪୭ ରନ୍ କେବଳ ଉଲ୍ଲେଖନୀୟ ଥିଲା। ଭାରତ ଠିକ୍ ୫୦ ଓଭରରେ ୨୪୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୫୯ ରନ୍‌ରେ ୩ଟି ୱିକେଟ ହରାଇ ଭାରତକୁ ଆଶା ଦେଇଥିଲା। କିନ୍ତୁ ଟ୍ରାଭିସ୍ ହେଡ ଓ ମାର୍ନସ ଲାବୁସେନ ଚତୁର୍ଥ ୱିକେଟରୁ ୧୯୨ ରନ୍ ଉଠାଇ ଦଳକୁ ସହଜ ବିଜୟ ଦେଇଥିଲେ। ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହେଡ୍ ୧୨୦ ବଲ୍‌ରେ ୧୫ ଚୌକା ଓ ୪ଛକା ସହ ୧୩୭ ଓ ଲାବୁସେନ ୧୧୦ ବଲ୍‌ରୁ ଅପରାଜିତ ୫୮ ରନ୍ କରିଥିଲେ। ଏହି ପରାଜୟ ଫଳରେ କୋଟି କୋଟି ଭାରତୀୟ ସମର୍ଥକଙ୍କ ସ୍ୱପ୍ନ ଚୂର୍‌ମାର୍ ହୋଇଯାଇଛି।



## କୋହଲି ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି

ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି: ବିରାଟ କୋହଲି(ଭାରତ)
ଫାଇନାଲର ଶ୍ରେଷ୍ଠ ଖେଳାଳି: ଟ୍ରାଭିସ୍ ହେଡ୍ (ଅଷ୍ଟ୍ରେଲିଆ)
ସର୍ବାଧିକ ରନ୍ ସ୍କୋରର: ବିରାଟ କୋହଲି (୭୬୫ ରନ)
ସଫଳତମ ବୋଲର: ମହମ୍ମଦ ସାମି (୨୪ ୱିକେଟ)
ସର୍ବାଧିକ ବ୍ୟକ୍ତିଗତ ସ୍କୋର: ଗ୍ଲେନ୍ ମ୍ୟାକ୍ସୱେଲ (୨୦୧*)
ସର୍ବାଧିକ ଶତକ: କ୍ୱିଣ୍ଟନ ଡିକକ (୪)- ଦକ୍ଷିଣ ଆଫ୍ରିକା
ଶ୍ରେଷ୍ଠ ବୋଲିଂ : ମହମ୍ମଦ ସାମି (୭/୫୭)- ଭାରତ
ସର୍ବାଧିକ କ୍ୟାଚ୍: ଡାରିଲ ମିଚେଲ (୧୧)- ନ୍ୟୁଜିଲାଣ୍ଡ
ସଫଳତମ ୱିକେଟକିପର: କ୍ୱିଣ୍ଟନ ଡିକକ (୨୦ ଡିସ୍‌ମିସାଲ)

ଅହମ୍ମଦାବାଦ୍, ୧୯।୧୧(ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଅର୍ଥାତ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛନ୍ତି। କୋହଲି ପୂର୍ବତନ କ୍ରିକେଟର ତଥା ବିସିସିଆଇ ସଭାପତି ରୋଜର ବିନ୍ନିଙ୍କଠାରୁ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପଦକ ଗ୍ରହଣ କରିଥିଲେ। ସାରା ଟୁର୍ଣ୍ଣାମେଣ୍ଟରେ ସେ ସ୍ଥିର ପ୍ରଦର୍ଶନ ୧୧ଟି ଇନିଂସରୁ ସର୍ବାଧିକ ୭୬୫ ରନ ସଂଗ୍ରହ କରିଛନ୍ତି। ତାଙ୍କର ହାରାହାରି ରନ୍ ସଂଗ୍ରହ ୯୫.୬୫ ଅର୍ଥାତ ପାଖାପାଖି ୭୦ ରହିଛି। ସେହିପରି ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୯୦.୩ ରହିଛି। ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ କୋହଲି ଏଥିସହ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ କରିଛନ୍ତି। ବିଶ୍ୱକପ୍‌ରେ କୋହଲି ଗୋଟିଏ ୱିକେଟ ମଧ୍ୟ ଅକ୍ତିଆର କରିଛନ୍ତି। ଫାଇନାଲ ମ୍ୟାଚ୍‌ରେ ମଧ୍ୟ ସେ ୬୩ ବଲର ସମ୍ମୁଖୀନ ହୋଇ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୩୫ ବର୍ଷୀୟ କୋହଲି ଏହି ବିଶ୍ୱକପ୍‌ରେ ୩ଟି ଶତକ ଓ ୬ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। କୋହଲି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ ମଧ୍ୟ ଏହା ଶେଷରେ ନିଷ୍ଫଳ ସାବ୍ୟସ୍ତ ହୋଇଛି। କୋଟି କୋଟି ଭାରତୀୟଙ୍କ ହୃଦୟ ଭାଙ୍ଗିଛି।

## ସ୍କୋର ବୋର୍ଡ

**ଭାରତ ପାଳି: ୨୪୦/୧୦, ୫୦ ଓଭର:** ରୋହିତ- କ. ହେଡ୍ ବୋ. ମ୍ୟାକ୍ସୱେଲ- ୪୭, ଶୁବମାନ- କ. ଜାମ୍ପା ବୋ. ଷ୍ଟାର୍କ- ୪, କୋହଲି- ବୋଲ୍ଡ କମିନ୍ସ- ୫୪, ଶ୍ରେୟାସ- କ. ଇଂଲିଶ ବୋ. କମିନ୍ସ- ୪, ରାହୁଲ- କ. ଇଂଲିଶ ବୋ. ଷ୍ଟାର୍କ- ୬୬, ଜାଡେଜା- କ. ଇଂଲିଶ ବୋ. ହାଜ୍‌ଲେଉଡ୍- ୯, ସୂର୍ଯ୍ୟକୁମାର- କ. ଇଂଲିଶ ବୋ. ହାଜ୍‌ଲେଉଡ୍- ୧୮, ସାମି- କ. ଇଂଲିଶ ବୋ. ଷ୍ଟାର୍କ- ୬, ବୁମ୍‌ରା- ଏଲ୍‌ବିଡବ୍ଲ୍ୟୁ ଜାମ୍ପା- ୧, କୁଲଦୀପ୍- ରନ୍ ଆଉଟ୍- ୧୦, ସିରାଜ- ଅପରାଜିତ- ୯, ଅତିରିକ୍ତ- ୧୨।

**ବୋଲିଂ ବିଶ୍ଳେଷଣ (ଅଷ୍ଟ୍ରେଲିଆ):** ଷ୍ଟାର୍କ: ୧୦-୦-୫୫-୩, ହାଜ୍‌ଲେଉଡ୍: ୧୦-୦-୬୦-୨, ମ୍ୟାକ୍ସୱେଲ: ୬-୦-୩୫-୧, କମିନ୍ସ: ୧୦-୦-୩୪-୨, ଜାମ୍ପା: ୧୦-୦-୪୪-୧, ମାର୍ଶ: ୨-୦-୫-୦, ହେଡ୍: ୨-୦-୪-୦

**ଅଷ୍ଟ୍ରେଲିଆ ପାଳି: ୨୪୧/୪, ୪୩ ଓଭର:** ୱାର୍ଣ୍ଣର- କ. କୋହଲି ବୋ. ସାମି- ୭, ହେଡ୍- କ. ଗିଲ୍ ବୋ. ସିରାଜ- ୧୩୭, ମାର୍ଶ- କ. ରାହୁଲ ବୋ. ବୁମ୍‌ରା- ୧୫, ସ୍ମିଥ୍- ଏଲ୍‌ବିଡବ୍ଲ୍ୟୁ ବୁମ୍‌ରା- ୪, ଲାବୁଶେନ- ଅପରାଜିତ- ୫୮, ମ୍ୟାକ୍ସୱେଲ- ଅପରାଜିତ- ୨, ଅତିରିକ୍ତ- ୧୮ ।

**ବୋଲିଂ ବିଶ୍ଳେଷଣ (ଭାରତ):** ବୁମ୍‌ରା: ୯-୨-୪୩-୨, ସାମି: ୭-୧-୪୭-୧, ଜାଡେଜା: ୧୦-୦-୪୩-୦, କୁଲଦୀପ୍: ୧୦-୦-୫୬-୦, ସିରାଜ: ୭-୦-୪୫-୧

## ଦର୍ଶକ ଚୁପ୍: କଥା ରଖିଲେ କମିନ୍ସ

ଅହମ୍ମଦାବାଦ୍, ୧୯।୧୧(ଏଜେନ୍ସି): ଫାଇନାଲ ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ସାମ୍ବାଦିକ ସମ୍ମିଳନୀରେ ଯାହା କହିଥିଲେ ତାହା କରି ଦେଖାଇଛନ୍ତି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ପାଖାପାଖି ଏକ ଲକ୍ଷ ୩୦ ହଜାର ଘରୋଇ ଦର୍ଶକ ସମ୍ମୁଖରେ ଅଷ୍ଟ୍ରେଲିଆ ଉପରେ ଚାପ ରହିବ ବୋଲି ସେ ସ୍ୱୀକାର କରିଥିଲେ ମଧ୍ୟ ଦର୍ଶକଙ୍କୁ ଚୁପ୍ କରାଇବାର ମଜା ଅଲଗା ହେବ ବୋଲି ସେ କହିଥିଲେ। ଅର୍ଥାତ ସେ ଭରାତୀୟ ଦର୍ଶକଙ୍କୁ ଚୁପ୍ କରାଇବେ ବୋଲି ପରୋକ୍ଷରେ କହିଥିଲେ। ଏବେ ସେ ତାଙ୍କ କଥାକୁ ରଖିଛନ୍ତି। ଏତେ ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ ମଧ୍ୟ ଷ୍ଟାଡିୟମରେ ସମ୍ପୂର୍ଣ୍ଣ ଭାବେ ନୀରବତା ଛାଇ ଯାଇଥିଲା। ଭାରତୀୟ ଦଳ ଭଲ ପ୍ରଦର୍ଶନ କରି ନପାରିବା ଫଳରେ ଘରୋଇ ଦର୍ଶକ ହୋ ହାଲ୍ଲା କରି ନଥିଲେ। ଏହି ପରାଜୟକୁ ଭାରତୀୟ ପ୍ରଶଂସକ ହଜମ କରିପାରି ନଥିଲେ।



### ସଫଳତାର ସହ ଶେଷ ହେଲା ବିଶ୍ୱକପ୍

ପ୍ରଥମଥର ପାଇଁ ଭାରତ ଏକା ସମ୍ପୂର୍ଣ୍ଣ ଭାବେ ବିଶ୍ୱକପ୍‌ର ଏହି ତ୍ରୟୋଦଶ ସଂସ୍କରଣକୁ ଆୟୋଜନ କରିଛି। ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ନେଇ ବିଭିନ୍ନ ଚ୍ୟାଲେଞ୍ଜ ଥିଲେ ମଧ୍ୟ ସଫଳତାର ସହ ବିଶ୍ୱକପ୍ ସମ୍ପର୍ଣ୍ଣ ହେବା ଭାରତୀୟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଭାରତ ସରକାରଙ୍କ ପାଇଁ ଏହା ଏକ ଉପଲବ୍ଧୀ ସାବ୍ୟସ୍ତ ହୋଇଛି। ଖଲିସ୍ତାନୀ ଓ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀ ବିଶୃଙ୍ଖଳା କରିବାକୁ ଧମକ ଦେଇଥିଲେ ମଧ୍ୟ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାନରେ କୌଣସି ଅବହେଳା ହୋଇ ନଥିଲା।

### ୨୦୨୭ ବିଶ୍ୱକପ୍ ଆଫ୍ରିକାରେ

ବିଶ୍ୱକପ୍‌ର ପରବର୍ତ୍ତୀ ଚତୁର୍ଦ୍ଦଶ ସଂସ୍କରଣ ଆଫ୍ରିକା ମହାଦେଶରେ ଆୟୋଜନ ହେବ। ୩ଟି ଦେଶ ଦକ୍ଷିଣ ଆଫ୍ରିକା, ନାମ୍ବିଆ ଓ ଜିମ୍ବାୱେ ମିଳିତ ଭାବେ ଆଉ ୪ ବର୍ଷ ପରେ ବିଶ୍ୱକପ୍ ଆୟୋଜନ କରିବେ। ଦ୍ୱିତୀୟଥର ପାଇଁ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ବିଶ୍ୱକପ୍ ଆୟୋଜନ କରିବେ। ପୂର୍ବରୁ ଏହି ଦୁଇ ଦେଶ ୨୦୦୩ ବିଶ୍ୱକପ୍ ସଫଳତାର ସହ ଆୟୋଜନ କରିଥିଲେ। ଅବଶ୍ୟ ନାମ୍ବିଆରେ ପ୍ରଥମଥର ପାଇଁ ଏହା ଆୟୋଜନ ହେବ।


ICC MEN'S CRICKET WORLD CUP INDIA 2023
ସକାଳ THE SAKALA Presents
କ୍ରିକେଟ୍ ବିଶ୍ୱକପ୍ କୁଇଜ୍
World Cup Cricket Quiz
Sponsored by
RUCHI FOODLINE Since 1976 Karlo Dosti Sehat Se. | FROZIT "Time Ki Bachat, Eat Fresh Fatafat" | RUCHI Tea Dum Hardam

ଭାଗ ନିଅନ୍ତୁ ଏବଂ ଜିତନ୍ତୁ ଆକର୍ଷଣୀୟ ପୁରସ୍କାର

ତା. ୨୦.୧୧.୨୦୨୩ର ପ୍ରଶ୍ନଗୁଡ଼ିକ ହେଲା :

୧) ଇଂଲଣ୍ଡରେ କେତୋଟି ବିଶ୍ୱକପ୍ ଖେଳାଯାଇଛି?
କ) ୩ଟି, ଖ) ୨ଟି, ଗ) ୪ଟି, ଘ) ଗୋଟିଏ।
୨) ୨୦୨୩ ବିଶ୍ୱକପ୍‌ରେ ରୋହିତ ଶର୍ମା କେତୋଟି ଛକା ମାରିଛନ୍ତି?
କ) ୩୦ଟି, ଖ) ୪୫ଟି, ଗ) ୩୧ଟି, ଘ) ୨୯ଟି।
୩) ଭାରତର ମହମ୍ମଦ୍ ସାମି ସେମିଫାଇନାଲରେ କେତୋଟି ୱିକେଟ ନେଇଛନ୍ତି?
କ) ୭ଟି, ଖ) ୫ଟି, ଗ) ୪ଟି, ଘ) ୬ଟି।
୪) ୧୯୮୩ ବିଶ୍ୱକପ ଫାଇନାଲରେ କିଏ ଶ୍ରେଷ୍ଠ ଖେଳାଳି ହୋଇଥିଲେ?
କ) କ୍ରିସ୍ ଶ୍ରୀକାନ୍ତ, ଖ) ରୋଜର ବିନ୍ନି, ଗ) କପିଳ ଦେବ, ଘ) ମହିନ୍ଦର ଅମରନାଥ।

ତା.୧୯.୧୧.୨୦୨୩ରେ ପ୍ରକାଶିତ ପ୍ରଶ୍ନର ଉତ୍ତର:
୧) ଖ-୨ଟି, ୨) ଗ- ରିକି ପଣ୍ଟିଂ ଓ ଏମଏସ୍ ଧୋନି, ୩) କ- କପିଳ ଦେବ, ୪) ଗ-୫ଥର

ଭାଗ୍ୟଶାଳୀ ବିଜେତା


ଆଦ୍ୟାଶା ମହାପାତ୍ର (ଭୁବନେଶ୍ୱର)


ବିଭୂତି ଭୂଷଣ ମହାପାତ୍ର (ଦେବଗଡ)


ସହଦେବ ପୋଢ଼ (ବଲାଙ୍ଗୀର)

ନିୟମାବଳୀ: ●ପ୍ରତ୍ୟେକ ଦିନ ଏହି ସ୍ତମ୍ଭରେ କ୍ରିକେଟ୍ ବିଶ୍ୱକପ୍ ସମ୍ପର୍କିତ କିଛି ପ୍ରଶ୍ନ ପ୍ରକାଶିତ ହେବ ●ଆପଣ ପ୍ରତ୍ୟେକ ପ୍ରଶ୍ନର ସଠିକ୍ ଉତ୍ତର ଚୟନ କରି ଆମ ପାଖକୁ Whatsapp ମାଧ୍ୟମରେ ପଠାଇବେ ●ଉତ୍ତର ତଳେ ଆପଣଙ୍କ ନାମ ଓ ଠିକଣା ରହିବା ଆବଶ୍ୟକ ●ସଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ପ୍ରତ୍ୟେକ ଦିନ ସେହିଦିନର ଭାଗ୍ୟଶାଳୀ ୩ ଜଣ ବିଜେତାଙ୍କୁ ଲଟେରୀ ମାଧ୍ୟମରେ ଚୟନ କରାଯିବ ଏବଂ ତାଙ୍କ ନାମ ପରଦିନ 'ସକାଳ'ର ଏହି ସ୍ତମ୍ଭରେ ପ୍ରକାଶ ପାଇବ ●କୁଇଜ୍ ଶେଷରେ ସମସ୍ତ ସଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ପୁନର୍ବାର ଲଟେରୀ ମାଧ୍ୟମରେ ୫ ଜଣ 'ମେଗା ବିଜେତା' ଙ୍କର ଚୟନ କରାଯିବ ● ଏକ ସତନ୍ତ୍ର ଉତ୍ସବରେ ସମସ୍ତ ଭାଗ୍ୟଶାଳୀ ବିଜେତାଙ୍କୁ ନିମନ୍ତ୍ରିତ କରି ତାଙ୍କୁ ସମ୍ମାନିତ କରାଯିବ ● ସକାଳ ଓ ନନ୍ଦିଘୋଷ ଟିଭିର କର୍ମକର୍ତ୍ତା ଏଥିରେ ଭାଗ ନେଇପାରିବେ ନାହିଁ।

* ସର୍ତ୍ତାବଳୀ ଲାଗୁ






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର